



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୮ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 MAY 2025
Vol.No. 36 ■ No.131 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ୧୦୦ କିମି ସୀମା ଭିତରକୁ ଯାଇ ମାରିଲୁ, ଏବେ ପାକିସ୍ତାନ ଭୟଭୀତ : ଅମିତ ଶାହ



ନୂଆଦିଲ୍ଲୀ, ୧୭/୫ : ଗୁଜରାଟ ମାଟିରୁ ଅମିତ ଶାହଙ୍କ ଗର୍ଜନ । ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ଏୟାରଷ୍ଟ୍ରାଇକ୍ ପରେ ବି ପାକିସ୍ତାନ ନସୁଧୁରିବାରୁ 'ଅପରେସନ୍ ସିନ୍ଦୂର' ହେଲା । ପହଲଗାମ୍ ହମଲାର ବଦଲା ଜୈସ୍ ଓ ଲସ୍କରର ମୁଖ୍ୟାଳୟକୁ ମାଟିରେ ମିଶାଇ ନିଆଗଲା । ପାକିସ୍ତାନ ସୀମାର ୧୦୦ କିଲୋମିଟର ଭିତରକୁ ଯାଇ ଆମ ସେନା ୧୦୦ ଆତଙ୍କବାଦୀଙ୍କୁ ନିପାତ କଲା । ପାକିସ୍ତାନ ଏବେ ଭୟଭୀତ ଅଛି । ଆଜି ଗୁଜରାଟ ଗାନ୍ଧିନଗରର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାକିସ୍ତାନକୁ ଏପରି କଡ଼ା ଚେତାବନୀ ଦେଇଛନ୍ତି ଗୃହମନ୍ତ୍ରୀ ଅମିତ ଶାହ । ଶାହ କହିଛନ୍ତି ଯେ, ଅନ୍ତର୍ଜାତୀୟ ଆତଙ୍କୀ ଘଟଣାର ମୁଖିଆ ଓ ସିଆଲକୋଟ୍ କ୍ୟାମ୍ପ ଆଦିରେ ଲୁଚି ବସିଥିବା ଆତଙ୍କୀଙ୍କୁ ଆମ ଆକ୍ରମଣ ସ୍ପଷ୍ଟ ସନ୍ଦେଶ ଦେଇଛି । ଭାରତରେ ଆତଙ୍କୀ ଘଟଣା ହେଲେ ଏହାର ଦୁଇଗୁଣା ଜବାବ ମିଳିବ । ଆମେ ଆତଙ୍କୀ ଆଡ୍ଡାକୁ ଆକ୍ରମଣ କରିଥିଲୁ, କିନ୍ତୁ ପାକିସ୍ତାନ ସେନା ଆମ ଦେଶ ଭିତରକୁ ଡ୍ରୋନ୍ ଓ ମିଜାଇଲ୍ ପଠାଇଲା । ହେଲେ ଆମ ଶକ୍ତିଶାଳୀ ଏୟାରଡିଫେନ୍ସ ସିଷ୍ଟମ୍ ଯୋଗୁଁ ଗୋଟିଏ ବି ଭାରତ ମାଟିରେ ପଡ଼ିବାରେ ସଫଳ ହେଲାନି । ଏହାର ଜବାବରେ ଆମେ ପାକିସ୍ତାନର ସାମରିକ ଘାଟିକୁ ଧ୍ୱଂସ କରି ଭାରତ ସଂସ୍କାର ହିସାବରେ ଜବାବ ଦେଲୁ । ଏଥିସହ ଶତ୍ରୁଦେଶକୁ ସିଧା ଶୁଣାଇଛନ୍ତି, ଆଟମ୍ ବମ୍ ଧମକ ଦେଇ ପାକିସ୍ତାନ ଭାବୁଥିଲା ଆମେ ଡରିଯିବୁ। ହେଲେ ଆମ ତିନି ସେନା ଇଟାର ଜବାବ ପଥରରେ ଦେଲେ। ଗୃହମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ଭାରତକୁ ବିକଶିତ ବନାଇବାକୁ କୌଣସି ବି ଅବସର ଛାଡୁନାହାନ୍ତି । ମୋଦି ଦେଶକୁ ସୁରକ୍ଷିତ ରଖିବା କାର୍ଯ୍ୟ କରିଛନ୍ତି । ୨୦୧୪ ପୂର୍ବରୁ ଆତଙ୍କୀ ହମ୍‌ଲା ହେଉଥିଲା, ଷଡଯନ୍ତ୍ର କରାଯାଉଥିଲା । କିନ୍ତୁ ଏହାର ଜବାବ ଦିଆଯାଉନଥିଲା। ହେଲେ ଏବେ ସେନା ଇଟାର ଜବାବ ପଥରରେ ଦେଉଛନ୍ତି । ଆମେ ପରମାଣୁ ଧମକରେ ଡରୁ ନାହିଁ । ଯେତେବେଳେ ଉରି ହମ୍‌ଲା ହେଲା, ସର୍ଜିକାଲ ଷ୍ଟ୍ରାଇକରେ ଜବାବ ଦିଆଗଲା । ପୁଲୱାମା ହମ୍‌ଲାର ଜବାବ ଏୟାରଷ୍ଟ୍ରାଇକ ସହ ଚେତାଇ ଦିଆଯାଇଥିଲା । କିନ୍ତୁ ପାକିସ୍ତାନର ଆତଙ୍କୀ ସୁଧୁରିଲେ ନାହିଁ ଏବଂ ପହଲଗାମ୍ ଆଟାକ୍ କଲେ । ଯାହାପରେ ଅପରେସନ ସିନ୍ଦୂର ମାଧ୍ୟମରେ ସେମାନଙ୍କ ହେଡକ୍ୱାର୍ଟର ଧ୍ୱସ୍ତବିଧ୍ୱସ୍ତ କରିଦିଆଗଲା । ଅପରେସନ ସିନ୍ଦୂର ଦେଖି ସାରା ବିଶ୍ୱ ଆଶ୍ଚର୍ଯ୍ୟଚକିତ ହେଉଛି ବୋଲି କହିଛନ୍ତି ଶାହ ।

## ମୁମ୍ବାଇ ବିମାନବନ୍ଦରରୁ ଆଇଏସଆଇଏସର ଦୁଇ ଜଣଙ୍କୁ ଗିରଫ କଲା ଏନଆଇଏ

ନୂଆଦିଲ୍ଲୀ, ୧୭/୫ : ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଶନିବାର ମୁମ୍ବାଇ ବିମାନବନ୍ଦରରୁ ଦୁଇ ଜଣଙ୍କୁ ଇସଲାମିକ ଷ୍ଟେଟ ଅଫ୍ ଇରାକ୍ ଆଣ୍ଡ ସିରିୟା (ଆଇଏସଆଇଏସ)ର ଫେରାର୍ ଦୁଇ ଜଣ ପୁରସ୍କାର ଘୋଷିତ ସଦସ୍ୟଙ୍କୁ ଗିରଫ କରିଛି । ସେମାନେ ହେଲେ ଅବଦୁଲ ଫୈୟାଜ ଶେଖ ଏବଂ ତହ୍ଲା ଲିୟାକତ ଖାନ । ଏମାନେ ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ର ସ୍ଲିପର ମଡ୍ୟୁଲ ର ପ୍ରମୁଖ ସଦସ୍ୟ ରୂପେ କାମ କରୁଥିଲେ । ଏନଆଇଏ ଟିମ୍ ସମ୍ପୃକ୍ତ ଦୁଇ ଜଣଙ୍କୁ ପଚରା ଉଚୁରା ଜାରି ରଖିଛି । ଏନଆଇଏ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ଆଇଏସଆଇଏସ ର ଦୁଇ ଅଭିଯୁକ୍ତ ମହାରାଷ୍ଟ୍ରର ପୁନେରେ ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ ଡିଭାଇସ୍ (ଆଇଇଡି)ର ନିର୍ମାଣ ଏବଂ ପରୀକ୍ଷଣ ସହିତ ଜଡ଼ିତ ୨୦୨୩ ର ଏକ ମାମଲା ସହିତ ଜଡ଼ିତ ଅଛନ୍ତି । ସମ୍ପୃକ୍ତ ଦୁଇ ଜଣଙ୍କୁ ଫେରାର୍ ଅପରାଧୀ ଘୋଷିତ କରାଯାଇଥିଲା । ଏବଂ କେନ୍ଦ୍ରୀୟ ଏଜେନ୍ସୀ ଦୁହିଁଙ୍କ ଗିରଫଦାରୀ ନିମନ୍ତେ ସୂଚନା ପ୍ରଦାନକାରୀଙ୍କୁ ୩ ଲକ୍ଷ ଲେଖାଏଁ ନଗଦ ପୁରସ୍କାର ରାଶି ପ୍ରଦାନ ପାଇଁ ଘୋଷଣା କରିଥିଲା । ଏହି ଦୁଇ ଅଭିଯୁକ୍ତ ଇଣ୍ଡୋନେସିୟାର ଜକାର୍ତାରେ ଲୁଚିଥିଲେ । ଏମାନେ ମୁମ୍ବାଇ ଫେରିବା ନେଇ ଗୋପନୀୟ ସୂଚନା ମିଳିଥିଲା । ତାହାକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ପୂର୍ବକ ଆବ୍ରଜନ ବ୍ୟୁରୋ ମୁମ୍ବାଇ ବିମାନବନ୍ଦର (ଟର୍ମିନାଲ-୨)ରୁ ଦୁଇ ଜଣଙ୍କୁ ଧରିଥିଲା । ଏହାପରେ ଦୁହିଁଙ୍କୁ ତୁରନ୍ତ ଏନଆଇଏ ଟିମ୍ ଗିରଫ କରିଛି ।

## ୟୁଟ୍ୟୁବର ନୁହେଁ ପାକିସ୍ତାନୀ ଗୁପ୍ତଚର: ଜ୍ୟୋତି ମାଲହୋତ୍ରା ଗିରଫ



ନୂଆଦିଲ୍ଲୀ, ୧୭/୫ : ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରାଯାଇଛି। ଏପର୍ଯ୍ୟନ୍ତ, ପଞ୍ଜାବ ଏବଂ ହରିୟାଣାର ମାଲେରକୋଟଲାରୁ ମୋଟ ୬ ଜଣ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରାଯାଇଛି। ଜ୍ୟୋତି ମାଲହୋତ୍ରା ପାକିସ୍ତାନ ହାଇକମିଶନରେ କାର୍ଯ୍ୟରତ ଦାନିଶ ନାମକ ଜଣେ ଅଧିକାରୀଙ୍କ ସମ୍ପର୍କରେ ଥିଲେ ଏବଂ ଦାନିଶ ଏହାକୁ ପାକିସ୍ତାନ ମଧ୍ୟ ପଠାଇଥିଲେ। ଜ୍ୟୋତି ମାଲହୋତ୍ରା ନିଜର ଟ୍ରାଭେଲ୍ ଚ୍ୟାନେଲ୍ ଚଲାନ୍ତି, ସେ ପାକିସ୍ତାନ ମଧ୍ୟ ଯାଇଥିଲେ ଏବଂ ସେଠାରେ ଅନେକ ଗୁପ୍ତ ସୂଚନା ସେୟାର କରିଥିଲେ ବୋଲି ପୁଲିସ ତଦନ୍ତରୁ ଜାଣିପାରିଛି। ପଚରାଉଚରା ସମୟରେ ଜ୍ୟୋତି ମାଲହୋତ୍ରା ପୁଲିସକୁ କହିଥିଲେ ଯେ ତାଙ୍କର 'ଟ୍ରାଭେଲ୍ ୱିଥ୍-ଜୋ' ନାମକ ୟୁଟ୍ୟୁବ୍‌ରେ ଏକ ଚ୍ୟାନେଲ୍ ଅଛି। ସେ ଜଣେ ଭାରତୀୟ ପାସପୋର୍ଟଧାରୀ ଏବଂ ୨୦୨୩ ମସିହାରେ ପାକିସ୍ତାନ ଗସ୍ତ ପାଇଁ ଭିସା ହାସଲ କରିବା ପାଇଁ ଦିଲ୍ଲୀରେ ପାକିସ୍ତାନ ହାଇକମିଶନ ଯାଇଥିଲେ, ଯେଉଁଠାରେ ତାଙ୍କର ସାକ୍ଷାତ ଏହସାନ-ଉର-ରହିମ ଓରଫ ଦାନିଶ ସହିତ ହୋଇଥିଲା। ସେ ଦାନିଶଙ୍କ ମୋବାଇଲ୍ ନମ୍ବର ନେଇଥିଲେ ଏବଂ ତା'ପରେ ତାଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଥିଲେ। ଏହାପରେ ସେ ୨ଥର ପାକିସ୍ତାନ ଯାତ୍ରା କରିଥିଲେ ଓ ସେଠାରେ ଅଲି ଅହବାନ ନାମକ ବ୍ୟକ୍ତିଙ୍କୁ ସାକ୍ଷାତ କରିଥିଲେ ।

## ଡାଇନିଂ ଟେବୁଲରେ ସେବନ କରନ୍ତୁନି ମହାପ୍ରସାଦ



ପୁରୀ, ୧୭/୫ (ନି.ପ୍ର): ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ ନ କରିବାକୁ ନିବେଦନ । ଟ୍ୱିଟ୍ କରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ନିବେଦନ କରାଯାଇଛି । ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ । ଭୂମିରେ ବସି ମହାପ୍ରସାଦ ସେବନର ବିଧି ଅନାଦି କାଳରୁ ରହିଆସିଛି । ତେଣୁ ଡାଇନିଂ ଟେବୁଲରେ ମହାପ୍ରସାଦ ସେବନରୁ ବିରତ ରହିବାକୁ ଶ୍ରଦ୍ଧାଳୁମାନଙ୍କୁ ନିବେଦନ କରାଯାଇଛି । ହୋଟେଲଗୁଡ଼ିକ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଛି । କିଛି ଦିନ ତଳେ ପୁରୀ ଶ୍ରୀକ୍ଷେତ୍ରରେ ଏକ ହୋଟେଲର ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ କରୁଥିବା ଚିତ୍ର ସୋସିଆଲ ମିଡିଆରେ ପ୍ରସାରିତ ହେବା ଶ୍ରୀମନ୍ଦିର ପ୍ରଶାସନର ନଜରକୁ ଆସିଥିଲା ।

▶▶ପୃଷ୍ଠା ୭

## ବିଜେଡିରେ ଅବହେଳିତ ବରିଷ୍ଠ: ଶଶୀଭୂଷଣ ଓ ଭୂପିନ୍ଦର ଆଣିଲେ ସଙ୍ଗୀନ ଅଭିଯୋଗ



ଭୁବନେଶ୍ୱର, ୧୭/୫ (ନି.ପ୍ର): ବିଜେଡିରେ ବରିଷ୍ଠଙ୍କୁ ଅଣଦେଖା କରାଯାଉଥିବା କହିଲେ ଶଶିଭୂଷଣ ବେହେରା। ପୂର୍ବତନ ବିଜେଡି ବିଧାୟକ ଶଶିଭୂଷଣ ବେହେରା ଏଭଳି ପ୍ରତିକ୍ରିୟା ଦେଇଛନ୍ତି। ଦଳରେ ବରିଷ୍ଠଙ୍କ ପରାମର୍ଶ ଲୋଡ଼ା, କିନ୍ତୁ ତାଙ୍କୁ ଅଣଦେଖା କରାଯାଉଛି ବୋଲି ସେ କହିଛନ୍ତି। ଫଳରେ ଗତ ବିଧାନସଭା ନିର୍ବାଚନରେ ଫଳ ଭୋଗିଲା ବିଜେଡି ବୋଲି ଶଶିଭୂଷଣ ବେହେରା କହିଛନ୍ତି। ନିର୍ବାଚନ ପରିଚାଳନାରେ ତ୍ରୁଟି ପାଇଁ ବିଜେଡି ହାରିଲା । କେଉଁମାନେ ପରିଚାଳନା କରୁଥିଲେ ସମସ୍ତଙ୍କୁ ଜଣା । ଲୋକେ ନିର୍ବାଚନରେ ଉଚିତ୍ ଜବାବ ଦେଲେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଜେଡି ଦୀର୍ଘ ୨୪ ବର୍ଷ ଶାସନ କ୍ଷମତାରେ ରହିବା ପରେ ୨୦୨୪ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିଲା। ନା ନନେଇ ସେ ଭି କେ ପାଣ୍ଡିଆନଙ୍କ ଆଡକୁ ପରୋକ୍ଷରେ ଅଙ୍ଗୁଳି ଉଠାଇଛନ୍ତି। ନିର୍ବାଚନ ପରିଚାଳନାରେ ତ୍ରୁଟି ପାଇଁ ବିଜେଡି ହାରିଲା ବୋଲି କହିବା ସହିତ ପରୋକ୍ଷରେ ଭି କେ ପାଣ୍ଡିଆନଙ୍କ ଆଡକୁ ତେରେଛା ବାଣ ମାରିଛନ୍ତି। ପାଣ୍ଡିଆନଙ୍କୁ ଏଭଳି ବିରୋଧ ପ୍ରଥମ ଥର ଦେଖିବାକୁ ମିଳିନାହିଁ। ପୂର୍ବରୁ ମଧ୍ୟ ପ୍ରଭାତ ତ୍ରିପାଠୀଙ୍କ ଭଳି ନେତା ମଧ୍ୟ ଖୋଲାଖୋଲି ପାଣ୍ଡିଆନଙ୍କୁ ବିରୋଧ କରିଥିଲେ। ନବୀନ ପଟ୍ଟନାୟକ ନିଜ ଆସନ ପାଣ୍ଡିଆନଙ୍କ ପାଇଁ ଛାଡିବାକୁ ଯାଉଥିବା ନେଇ ସାଧାରଣ ଲୋକଙ୍କୁ ମେସେଜ ଯାଇଥିଲା ଯାହା ଦଳର ଭାବମୂର୍ତ୍ତିକୁ ଖରାପ କରିଥିଲା। ଯଦି ଲୁଚି ଲୁଚି ପାଣ୍ଡିଆନ୍ ବିଜେଡିକୁ ନିୟନ୍ତ୍ରଣ କରୁଥାନ୍ତି ତେବେ ବିଜେଡିର ଭବିଷ୍ୟତ ଭଲ ନୁହେଁ ବୋଲି ଚରମବାଣୀ ଶୁଣାଇଥିଲେ ପ୍ରଭାତ।

▶▶ପୃଷ୍ଠା ୭

## ବିଜେପି ସରକାରର ବର୍ଷ ପୂର୍ତ୍ତିରେ ଲୋକଙ୍କୁ ମିଳିବ ରିପୋର୍ଟ କାର୍ଡ: ଗାଁ ଗାଁରେ ସରକାରଙ୍କ ସଫଳତା ବଖାଣିବେ ମନ୍ତ୍ରୀ



ଭୁବନେଶ୍ୱର, ୧୭/୫ (ନି.ପ୍ର): ୧୧ ମାସ ପାର କରି ୧୨ ମାସରେ ପାଦ ଦେଇଛି ମୋହନ ସରକାର । ଆସନ୍ତା ଜୁନ୍ ୧୨ ତାରିଖରେ ବିଜେପି ସରକାରକୁ ପୂରିବ ବର୍ଷେ । ବଡ଼ ଉତ୍ସବ ପାଇଁ ପ୍ରସ୍ତୁତ ହେଉଛନ୍ତି ସରକାର ଓ ସଙ୍ଗଠନ। ଗୋଟିଏ ପଟେ ବିଭାଗୱାରୀ ସମୀକ୍ଷା ଜରିଆରେ ବର୍ଷକର ରିପୋର୍ଟ କାର୍ଡ ପ୍ରସ୍ତୁତ ଚାଲିଛି। ସରକାରଙ୍କ ସଫଳତା ଓ ଉପଲବ୍ଧିକୁ ସିଧା ଗ୍ରାଉଣ୍ଡକୁ ନେଇ ଯିବେ ମନ୍ତ୍ରୀ । ଜୁନ୍ ୧୨ରୁ ୧୯ ଯାଏଁ ଚାଲିବ କାର୍ଯ୍ୟକ୍ରମ । ରାଜଧାନୀ ଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ସରକାରଙ୍କ ବର୍ଷ ପୂର୍ତ୍ତିର ହିସାବ କିତାବ ଦେବ ବିଜେପି । ରାଜ୍ୟସ୍ତରୀୟ ଭବ୍ୟ ସମାରୋହରେ ସାମିଲ ହୋଇପାରନ୍ତି ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ । ରାଜସ୍ୱ ମନ୍ତ୍ରୀ କହିଛନ୍ତି, ବର୍ଷକରେ ୨୧ ପ୍ରତିଶ୍ରୁତିରୁ ୧୧ ପ୍ରତିଶ୍ରୁତିକୁ ପୂରା କରିଛି ମୋହନ ସରକାର । ଅନ୍ୟପଟେ ବିଜେଡି କାଉଣ୍ଟର କରି କହିଛି, ବାର୍ଷିକ ପରୀକ୍ଷାରେ ଫେଲ୍ ହୋଇଛି ସରକାର । ବର୍ଷ ପୂର୍ତ୍ତି ପାଇଁ ବିଜେପି ଶିବିରରେ ଯେତିକି ଉତ୍ସାହ ତାହା ଠାରୁ ଅଧିକ କସରତ ଦେଖିବାକୁ ମିଳିଲାଣି ପାୱାର କରିଡରରେ । କାରଣ ବିଭାଗୱାରୀ ସମୀକ୍ଷା ଭିତରେ ମନ୍ତ୍ରୀମାନଙ୍କର ବାର୍ଷିକ ରିପୋର୍ଟକୁ ତର୍ଜମା କରୁଛନ୍ତି ମୁଖ୍ୟମନ୍ତ୍ରୀ । କାହାର ପ୍ରଦର୍ଶନ ଭଲ ରହିଛି ଏବଂ କିଏ ମିଳିଥିବା ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇଛି ? ଯାହାକୁ ଆଧାର କରି ରଜ ପରେ ମୁଖ୍ୟମନ୍ତ୍ରୀ ବଡ ନିଷ୍ପତ୍ତି ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସିଧାସିଧା କହିବାକୁ ଗଲେ, ଆଗକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ କିଛି ମନ୍ତ୍ରୀଙ୍କର ବିଭାଗ ପରିବର୍ତ୍ତନ କରିପାରନ୍ତି ମୋହନ । ବର୍ଷକ ଭିତରେ ଅଧା ପ୍ରତିଶ୍ରୁତି ପୂରା କରିଥିବା ଦାବି କରୁଛନ୍ତି ସରକାର। କିନ୍ତୁ ଏବେ ବି ଅନେକ ନିର୍ବାଚନୀ ପ୍ରତିଶ୍ରୁତି ବାକି ରହିଛି ଯାହାକୁ ପୂରା କରିବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇପାରେ ।

## ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ମୁହଁରେ ଅପରେସନ ସିନ୍ଦୂରର କାହାଣୀ: ନିଜ ଦେଶରେ ସାମରିକ ଘାଟି ଧ୍ୱଂସ ନେଇ ସ୍ୱୀକାରୋକ୍ତି



ନୂଆଦିଲ୍ଲୀ, ୧୭/୫ : କଥାରେ ଅଛି ସତ କେବେ ଲୁଚି ରହେନା । ଅପରେସନ ସିନ୍ଦୂରର ୧୦ ଦିନ ପରେ ଏବଂ ଅସ୍ତ୍ରବିରତିର ୬ ଦିନ ପରେ ପାକ୍ ପ୍ରଧାନମନ୍ତ୍ରୀ ସେହେବାଜ୍ ସତକୁ ସ୍ୱୀକାର କରିଛନ୍ତି । ଆଉ କହିଛନ୍ତି, ପାକିସ୍ତାନର ନୁରଖାନ୍ ଏୟାରବେସ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା ଭାରତ । ପୂର୍ବରୁ ସତ ମାନିବାକୁ ନାରାଜ ଥିବା ପାକିସ୍ତାନ ମିଛରେ ନିଜ ଦେଶର ବିଜୟ ହୋଇଛି କହି ଖୁସି ମନାଉଥିବା ବେଳେ ନିଜେ ପାକିସ୍ତାନ ପ୍ରଧାନମନ୍ତ୍ରୀ ପାକ୍ ସେନାଙ୍କ ସାହସକୁ ନେଇ ବହି ଲେଖିବେ ବୋଲି କହିଥିଲେ । ସେହେବାଜ୍ ସରିଫ ପ୍ରକାଶ କରିଛନ୍ତି ସ୍ୱିମିଂ ପୁଲରେ ପହଁରୁଥିବା ବେଳେ ତାଙ୍କୁ ଭାରତ ମିସାଇଲ ଆକ୍ରମଣ କରିଥିବା ସୂଚନା ଦେଇଥିଲେ ସେନା ମୁଖ୍ୟ । ସରିଫଙ୍କ ବୟାନ, ମେ ୯ ଓ ୧୦ ତାରିଖ ମଧ୍ୟ ରାତ୍ରି ୨ଟା୩୦ରେ ଫୋନ ଆସିଥିଲା । ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଆସିମ୍ ମୁନିର ଫୋନ୍ କରିଥିଲେ , ଭାରତ ପାକିସ୍ତାନର ନୁର ଖାନ୍ ଏୟାରବେସ୍ ସମେତ ଅନେକ ସ୍ଥାନରେ ମିସାଇଲ ମାଡ଼ କରିଛି । ଅପରେସନ୍ ସିନ୍ଦୂରର ଅଧୀନରେ ପାକିସ୍ତାନର ରାହିମ୍ ୟାର ଖାନ୍, ସୁକ୍କୁର ଏବଂ ଅନ୍ୟ ଛଅଟି ଏୟାରବେସ୍‌କୁ ଟାର୍ଗେଟ କରିଥିଲା। ଏହି ଆକ୍ରମଣରେ ପାକିସ୍ତାନର ପ୍ରତିରକ୍ଷା ବ୍ୟବସ୍ଥାକୁ ବଡ଼ କ୍ଷତି ପହଞ୍ଚିଥିବା ଦାବି କରାଯାଇଛି । ସେହେବାଜ୍ ସରିଫଙ୍କ ଏହି ବୟାନ ପାକିସ୍ତାନରେ ରାଜନୈତିକ ଓ ସାମାଜିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ସୋସିଆଲ ମିଡିଆ ପ୍ଲାଟଫର୍ମରେ ହ୍ୟାସଟାଗ 'ମୁନିର ଆଉଟ'ର ଟ୍ରେଣ୍ଡିଂ ଚାଲିଛି । ୟୁଜରମାନେ ଜେନେରାଲ ମୁନିରଙ୍କ ନେତୃତ୍ୱ ଓ ତାଙ୍କ ଭାରତ ନୀତିକୁ ନେଇ ସମାଲୋଚନା କରୁଛନ୍ତି। ଡେରିରେ ହେଉ ପଛେ ସତ ମାନିଛନ୍ତି ଆତଙ୍କିସ୍ତାନର ପ୍ରଧାନମନ୍ତ୍ରୀ । ଆଉ ଏହି ସତ ପାକିସ୍ତାନର ସାମ୍ବାଦିକଙ୍କୁ ବେଶି ବାଧିଥିବ ଆଉ ଭାବିବାକୁ ବାଧ କରୁଥିବ ଯଦି ଦେଶର ପ୍ରଧାନମନ୍ତ୍ରୀ ସତ ମାନିଲେଣି ଆମେ କାହିଁକି ମିଛର ପାହାଡ ଠିଆ କରିବୁ ।

## ନୀରଜ ଚୋପ୍ରାଙ୍କ ଚମତ୍କାର ଉପଲବ୍ଧି ପାଇଁ ଶୁଭେଚ୍ଛା ଜଣାଇଲେ ପିଏମ ମୋଦି

ନୂଆଦିଲ୍ଲୀ, ୧୭/୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଷ୍ଟାର ଜାଭେଲିନ୍ ଥ୍ରୋ ଆଥଲିଟ୍ ନୀରଜ ଚୋପ୍ରାଙ୍କୁ ଦୋହା ଡାଇମଣ୍ଡ ଲିଗ୍ ୨୦୨୫ ରେ ତାଙ୍କର ଜୀବନର ପ୍ରଥମ ୯୦ ମିଟରରୁ ଅଧିକ ଥ୍ରୋ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଏହାକୁ ଏକ ଶ୍ରେଷ୍ଠ ସଫଳତା ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଶନିବାର ଏକ୍ସ ପୋଷ୍ଟରେ କହିଛନ୍ତି ଯେ, ଚମତ୍କାର ଉପଲବ୍ଧି । ଦୋହା ଡାଇମଣ୍ଡ ଲିଗ ୨୦୨୫ରେ ୯୦ ମିଟର ଅଙ୍କ ପାର କରିବା ଓ ନିଜର ସର୍ବଶ୍ରେଷ୍ଠ ବ୍ୟକ୍ତିଗତ ଥ୍ରୋ ହାସଲ କରିବା ପାଇଁ ନୀରଜ ଚୋପ୍ରାଙ୍କୁ ଶୁଭେଚ୍ଛା। ଏହା ତାଙ୍କ ଅକଥ ସମର୍ପଣ, ଅନୁଶାସନ ଓ ଉତ୍ସାହର ଫଳ ଅଟେ। ଭାରତକୁ ଖୁସି ଓ ଗର୍ବ ହେଉଛି। ଏଠାରେ ସୂଚନାଯୋଗ୍ୟ, ନୀରଜ ଚୋପ୍ରା ଶୁକ୍ରବାର ଦୋହା ଡାଇମଣ୍ଡ ଲିଗ ୨୦୨୫ରେ ନିଜ କ୍ୟାରିୟରର ପ୍ରଥମ ୯୦ ମିଟରରୁ ଅଧିକ ଥ୍ରୋ କରିଛନ୍ତି । ନୀରଜ ୯୦.୨୩ ମିଟରର ଚମତ୍କାର ଜାଭେଲିନ ଥ୍ରୋ ୨୦୨୨ରେ ଷ୍ଟକହୋମ ଡାଇମଣ୍ଡ ଲିଗରେ ନିଜେ କରିଥିବା ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି ।

## ବିଶ୍ୱ ମଞ୍ଚରେ ଖୋଲିବ ପାକିସ୍ତାନର ମୁଖା: ବିଦେଶ ଯିବେ ୭ଟି ପ୍ରତିନିଧି ମଣ୍ଡଳୀ



ନୂଆଦିଲ୍ଲୀ, ୧୭/୫ : ପହଲଗାମ ଆତଙ୍କୀ ଆକ୍ରମଣ ଘଟଣାକୁ ନେଇ ପାକିସ୍ତାନକୁ ମୁହଁତୋଡ ଜବାବ ଦେଇଛି ଭାରତ । ଅପରେସନ ସିନ୍ଦୂରରେ ଆତଙ୍କୀସ୍ତାନର ଘରେ ଭିତରେ ପଶି କଡ଼ା ଜବାବ ଦେଇଛି ଭାରତୀୟ ସେନା । ଏବେ ବିଶ୍ୱ ମଞ୍ଚରେ ପାକର ଆତଙ୍କୀ କାର୍ଯ୍ୟକଳାପକୁ ଉଜାଗର କରିବାକୁ ଭାରତ ସରକାର ବଡ ଆକ୍ସନ ପ୍ଲାନ କରିଛନ୍ତି । ୬ଦଳର ୭ଜଣ ବରିଷ୍ଠ ସାଂସଦଙ୍କୁ ନେଇ ଗଠିତ ପ୍ରତିନିଧିମଣ୍ଡଳୀ ବିଦେଶ ଯିବେ ଓ ବିଭିନ୍ନ ରାଷ୍ଟ୍ରକୁ ସମ୍ପୂର୍ଣ୍ଣ ଘଟଣା ବାବଦରେ ଅବଗତ କରାଇବେ । ଏନେଇ ସରକାରଙ୍କ ପକ୍ଷରୁ ପ୍ରତିନିଧିମଣ୍ଡଳୀ ଗଠନ କରାଯାଇଛି । ଯେଉଁଥିରେ କଂଗ୍ରେସରୁ ଶଶୀ ଥରୁର, ବିଜେପିରୁ ରବିଶଙ୍କର ପ୍ରସାଦ, ବୈଜୟନ୍ତ ପଣ୍ଡା, ଜେଡିୟୁରୁ ସଞ୍ଜୟ କୁମାର ଝା, ଡିଏମକେରୁ କାନିମୋଝି, ଏନସିପିରୁ ସୁପ୍ରିୟା ସୁଲେ, ଶିବସେନା ସିନ୍ଦେ ଗୋଷ୍ଠୀରୁ ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ନାଁ ତାଲିକାରେ ପ୍ରକାଶ ପାଇଛି । ସୂଚନା ଅନୁସାରେ ପ୍ରତିନିଧିମଣ୍ଡଳୀ ଆମେରିକା, ବ୍ରିଟେନ, ୟୁରୋପ, ରୁଷ, ଜାପାନ, ଦକ୍ଷିଣ କୋରିଆ, ଗଲ୍ଫ ଦେଶ ଯିବେ । ମେ ୨୧ରୁ ୨୧ ମଧ୍ୟରେ ଗସ୍ତ ଆରମ୍ଭ କରିବେ । ୭ଟି ଟିମ ଗଠନ କରାଯାଇଛି । ପ୍ରତ୍ୟେକ ଟିମରେ ଅତି କମରେ ୫ଜଣ ସାଂସଦ ବିଭିନ୍ନ ଦଳରୁ ରହିବେ । ତେବେ ଭାରତ ପକ୍ଷରୁ କିଭଳି ତଥ୍ୟ ଓ ମତ ରଖିବେ ସେନେଇ

▶▶ପୃଷ୍ଠା ୭

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ର ଶୁଭାରମ୍ଭ

ପୁରୀ ,୧୭/୫(ନି. ପ୍ର): ପୁରୀ ପୌରାଂଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ ୨.୦ ର ଶୁଭାରମ୍ଭ ଆଜି ଅପରାହ୍ନ ରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଯୋଗ ଦେଇ ନିଜର ଘର ଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ ବୋଲି କହିଥିଲେ।ପର ପିଢ଼ି ପାଇଁ ଏହା ଏକ ସମ୍ବଳ।ଏହି ସ୍ୱପ୍ନ କୁ ସାକାର ପାଇଁ ଆଜି ଠାରୁ ପୁରୀ ସହରାଂଚଳରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପଯୁକ୍ତ ଆବେଦନକାରୀ ଅନଲାଇନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ପାଇଁ ଆବେଦନ କରିବେ। ଏଗୁଡିକ ଯାଂଚ୍ ପରେ ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯିବ। ତେଣୁ ଏହାକୁ ନିଷ୍ଠାର ସହ ନିଜେ ଶ୍ରମଦାନ କରି ନିଜର ଘର ଟିଏ ବନାନ୍ତୁ ଓ ତତସହିତ ନିର୍ଦ୍ଧାରିତ ୪ ମାସ ଓ ୬ ମାସ ମଧ୍ୟରେ କାର୍ଯ୍ୟ ସମ୍ପର୍ଣ୍ଣ କରି ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଅର୍ଥ ରାଶି ହାସଲ କରନ୍ତୁ ବୋଲି ଡା. ପାତ୍ର ଆହ୍ୱାନ ଦେଇଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ସହରାଂଚଳର ଅନେକ ଲୋକ ବିନା ଘରରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ ଏହା ଏକ ସୁଯୋଗ । ଯୋଗ୍ୟତା ଅନୁସାରେ ହିତାଧିକାରୀ ଚୟନ ସହ ସେମାନଙ୍କୁ ସଚେତନ କରାଇବାକୁ ସେ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗଦେଇ ସହରୀ ଆବାସ ପାଇଁ ଆବଶ୍ୟକୀୟ ନିୟମାବଳୀ ଓ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଆବେଦନକାରୀ ମାନେ ଭଲ ଭାବେ ଅବଗତ ହୋଇ ଆବେଦନ କରିବାକୁ ଅନୁରୋଧ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତ ଙ୍କୁ ସ୍ୱାଗତ କରିଥିଲେ। ସୂଚନା ଦେଇ ସେ କହିଲେ ଯେ, ଆବାସ ଯୋଜନା ୧.୦ ରେ ୨୩୮୧ ମଧ୍ୟରୁ ୧୯୦୮ ଘର ପୂର୍ଣ୍ଣାଙ୍ଗ ହୋଇ ଥିବା ବେଳେ ୧୭୮ ଘର ନିର୍ମାଣାଧିନ ଅଛି। ତେବେ ୨୯୫ କାର୍ଯ୍ୟାଦେଶ ପାଇବା ସତ୍ତ୍ୱେ କାର୍ଯ୍ୟ ଆରମ୍ଭ କରୁ ନ ଥିବାରୁ, ବାରମ୍ବାର ନୋଟିସ ସତ୍ତ୍ୱେ ସହଯୋଗ କରୁନଥିବାରୁ ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ଚଳିତ ୨.୦ ପାଇଁ ବର୍ତ୍ତମାନ ସୁଦ୍ଧା ୮୦୦ ଆବେଦନ ମିଳିଛି ଓ ଯାଂଚ୍ ହୋଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି।ଏଥିରେ ଧାର୍ଯ୍ୟ ଲକ୍ଷ୍ୟ ନାହିଁ। ଯୋଗ୍ୟତା ଅନୁସାରେ ଆବେଦନ କରାଯାଇ ପାରିବ ବୋଲି ସେ ସୂଚନା ଦେଇଥିଲେ।

ଏହି ଅବସରରେ ୪ ମାସ ମଧ୍ୟରେ ଗୃହ ପୂର୍ଣ୍ଣାଙ୍ଗ କରିଥିବାରୁ ୩ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥି ମାନେ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସି ଓ ରେଶମା ମହାନ୍ତି ପରିଚାଳନା କରିଥିଲେ। ପୌରାଚଂଳର ଅନ୍ୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଭୁବନେଶ୍ୱର,୧୭/୫(ନି. ପ୍ର): ଜାତୀୟ ଡେଙ୍ଗୁ ଦିବସ ଅବସରରେ ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି ।

ଏହି ଅବସରରେ ଆୟୋଜିତ କର୍ମଶାଳାରେ ଡା. ପ୍ରଭାକର ସାହୁ, ଏଡି (ଭିବିଡି), ରାଜ୍ୟରେ ସାମ୍ପ୍ରତିକ ଡେଙ୍ଗୁ ରୋଗର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲ୍ଲା ତଥା ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଷଦ ସୂଚନା ପ୍ରଦାନ କରିଥିଲେ ।

ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଜନ ସାଧାରଣଙ୍କୁ ସଚେତନ କରିବାର ଉଦ୍ଦେଶ୍ୟ ନେଇ କହିଥିଲେ ଯେ, 'ଡେଙ୍ଗୁ ଏଡିସ୍ ମଶା ଦ୍ୱାରା ବ୍ୟାପିଥାଏ ଯାହା ମଣିଷ ଦେହରେ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ବିଭିନ୍ନ ସରକାରୀ ବିଭାଗ ଏବଂ ସାମାଜିକ ସଂଗଠନର ମିଳିତ ଉଦ୍ୟମ ଦ୍ୱାରା ଡେଙ୍ଗୁ ରୋଗର ବାହକ ଏଡିସ ମଶା ବଂଶ ବୃଦ୍ଧି ସ୍ଥଳ ସଫା କରିବା ସହିତ ରୋଗ ସଂକ୍ରମଣ ହ୍ରାସ କରାଯାଉଛି । ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ବନ୍ଧୀୟ ସୂଚନାର ଅଧିକ ପ୍ରଚାର ଓ ପ୍ରସାର ପାଇଁ ଆମକୁ ସମସ୍ତ ସ୍ତରରେ ସଚେତନତା ସୁନିଶ୍ଚିତ କରିବାକୁ ପଡିବ।

ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ ସହରାଂଚଳରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏହି ରୋଗ ନିୟନ୍ତ୍ରଣରେ ସହରାଂଚଳ ନିରୀକ୍ଷଣ ୟୁନିଟର ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଡ଼ିଏମଇଟି ଡା. ବ୍ରଜକିଶୋର ଦାଶ ଗୁରୁତର ଡେଙ୍ଗୁ ରୋଗୀମାନଙ୍କର କ୍ଲିନିକାଲ୍ ତଦାରଖରେ ମେଡିକାଲ୍ କଲେଜଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଂଚଳିକ କାର୍ଯ୍ୟାଳୟର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ ଏବଂ ଆଂଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମଲକର କେନ୍ଦ୍ର ସରକାରଙ୍କ ଦ୍ୱାରା ଡେଙ୍ଗୁ ରୋଗ ସମ୍ପର୍କରେ ପ୍ରଦାନ କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶିକା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡା. ଜିତେନ୍ଦ୍ର ମୋହନ ବାବର୍ତା ଏହି ସଂକ୍ରମଣ ପ୍ରବଣ ରୋଗର ପ୍ରତିରୋଧରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡା. ଶୁଭାଶିଷା ମହାନ୍ତି ଯୁଗ୍ମ ନିର୍ଦ୍ଦେଶକ (ଭିବିଡି) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବର୍ଷର ' ନଜର ରଖନ୍ତୁ , ପରିଷ୍କାର କରନ୍ତୁ, ଘୋଡାଇ ଦିଅନ୍ତୁ - ଡେଙ୍ଗୁ କୁ ହଟାଇବା ପାଇଁ ଆଗେଇ ଆସନ୍ତୁ ' ବିଷୟବସ୍ତୁ ଅନୁଯାୟୀ ପ୍ରତିରୋଧ ଏବଂ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗୁଡ଼ିକୁ କେନ୍ଦ୍ରିତ କରିବାକୁ ଆହ୍ୱାନ ସହିତ ସହିତ କର୍ମଶାଳା ଶେଷ ହୋଇଥିଲା ।

## ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୧୭/୫(ନି. ପ୍ର): ଏହି ଜିଲାର ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ଅଧୀନ ପଙ୍ଗଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳର ସହକାରୀ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁଙ୍କ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଅଛି। ଏହି ପରିପ୍ରେକ୍ଷୀରେ ପଙ୍ଗଟା ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଜୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରା ଯାଇଥିଲା। ଉକ୍ତ ସଭାରେ ଗୋପବନ୍ଧୁ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ରାଜକିଶୋର ପ୍ରଧାନ, ଧନେଶ୍ୱର ମହାନ୍ତି, ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ଶତପଥୀ, ଶିକ୍ଷକ ଅଭୟ ଚରଣ ସ୍ୱାଇଁ, ଶିକ୍ଷକ ବିଜୟ କୁମାର ଦାସ, ଗୁରୁ ଚରଣ ମହାଳିକ, ଅଶୋକ କୁମାର ଜେନା, ଜିତେନ୍ଦ୍ର କୁମାର ମୁଦୁଲି,ପର୍ଶୁରାମ କର, ଶିକ୍ଷୟତ୍ରୀ ପଦ୍ମାବତୀ ମାଝୀ, ବିଦ୍ୟାଳୟ କମିଟି ସଭାପତି ଅମରେନ୍ଦ୍ର ରାଉତ, ମାଧୁରୀ ସ୍ୱାଇଁ ଏବଂ ବହୁ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ସହ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଙ୍କୁ ଭଲ ପାଉଥିବା ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ତାଙ୍କର ତ୍ୟାଗ ପୂତ ଶିକ୍ଷକତା ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହଯୋଗୀ ଶିକ୍ଷୟତ୍ରୀ ସାରଥୀ ଲତା ରାଉତ, ଶୁଭସ୍ମିତା ଦାସ, ରୋଜାଲିନ ସ୍ୱାଇଁ, ଜୟପ୍ରଭା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପବ୍ଲିକ୍ ପଲିସି, ସଷ୍ଟେନେବିଲିଟି, ଏଆଇର ଚମ୍ପିଅନ୍ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ସର୍ବପ୍ରଥମ ଭବିଷ୍ୟତ କେନ୍ଦ୍ରୀକ ଅଣ୍ଡର ଗ୍ରାଜୁଏଟ୍ ପ୍ରୋଗ୍ରାମର ଶୁଭାରମ୍ଭ

ସମ୍ବଲପୁର,୧୭/୫(ନି. ପ୍ର): ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁସାରେ ଆଇଆଇଏମ ସମ୍ବଲପୁର ଏହାର ଦୁଇଟି ନୂତନ ଅଣ୍ଡର ଗ୍ରାଜୁଏଟ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି। ତାହା ହେଉଛି ବ୍ୟାଚଲର ଅଫ୍ ସାଇନ୍ସସ ଇନ୍ ମ୍ୟାନେଜମେଂଟ୍ ଆଣ୍ଡ ପବ୍ଲିକ୍ ପଲିସି ଏବଂ 'ବ୍ୟାଚଲର ଅଫ୍ ସାଇନସ ଇନ୍ ଡାଟା ସାଇନ୍ସ ଆଣ୍ଡ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ। ନିଷ୍ଠା ଏବଂ ନୂତନତାର ମୂଳ ମୂଲ୍ୟ ଅନୁସାରେ ଏହି କାର୍ଯ୍ୟକ୍ରମଗୁଡିକ ତଥ୍ୟ ବିଶ୍ଳେଷଣ, ସମାଲୋଚନାତ୍ମକ ଚିନ୍ତ, ଏବଂ ପ୍ରମାଣ ଆଧାରିତ ନିର୍ଣ୍ଣୟ-ଗ୍ରହଣରେ ଖୁବ ଶକ୍ତିଶାଳୀ ମୁଳଦୁଆ ପ୍ରଦାନ କରୁଛି। ଏହି ପାଠ୍ୟକ୍ରମକୁ ଦାୟିତ୍ୱବାନ ନେତୃତ୍ୱକୁ ବିକାଶ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଯାହା ନବସୃଜନ, କରୁଣା ଏବଂ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଜଟିଳ ସାମାଜିକ ଏବଂ ଶିଳ୍ପ ଆହ୍ୱାନଗୁଡ଼ିକୁ ସମାଧାନ କରିବାରେ ସହାୟକ ହୋଇପାରିବ। ବ୍ୟାଚେଲର ଅଫ ସାଇନ୍ସ ଇନ୍ ମ୍ୟାନେଜମେଂଟ୍ ଆଣ୍ଡ ପବ୍ଲିକ୍ ପଲିସି ପ୍ରୋଗ୍ରାମ୍ ଜାତୀୟ ପ୍ରାୟୋଗିକ ଆକାଂକ୍ଷକୁ ସହାୟତା କରିବା ପାଇଁ ପ୍ରସ୍ତୁତ କରାଯାଇଛି ଯାହା ସହିତ ସ୍ଥାୟିତ୍ୱ, ଇଏସ୍‌ଜି(ପରିବେଶ, ସାମାଜିକ, ଏବଂ ପ୍ରଶାସନିକ) ଏବଂ ଗୋଷ୍ଠୀ ନେତୃତ୍ୱାଧୀନ ବିକାଶ ଅନ୍ତର୍ଭୁକ୍ତ। ଏହି ପ୍ରୋଗ୍ରାମ୍ ତୃଣମୂଳ ସ୍ତରରେ ନୀତି ଓ ପ୍ରୟୋଗ ମଧ୍ୟରେ ଥିବା ଅନ୍ତର ଦୂର କରିବା ପାଇଁ ପରିବର୍ତନ ସୃଷ୍ଟିକାରୀଙ୍କ ନୂତନ ପିଢ଼ିକୁ ସମୃଦ୍ଧ କରିବାକୁ ଲକ୍ଷ୍ୟ ରଖିଛି। ଡାଟା ସାଇନ୍ସ ଏବଂ ଆର୍ଟିଫିସିଆଲ ଇଂଟେଲିଜେନ୍ସରେ ବ୍ୟାଚେଲର ଅଫ୍ ସାଇନ୍ସ ଭାରତରେ ଡିଜିଟାଲ୍ କ୍ଷମତା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବିକଶିତ କରିବା ଉପରେ ଧ୍ୟାନ ଦେଇଛି। ଶିଳ୍ପ ନେତାମାନଙ୍କ ସହ ମିଳିତ ଭାବେ ପ୍ରସ୍ତୁତ ହୋଇଥିବା ଏହି ପ୍ରୋଗ୍ରାମ୍ ଯୁବ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଭବିଷ୍ୟତ-ପ୍ରସ୍ତୁତ ଦକ୍ଷତା ବିକାଶ କରିବ ଏବଂ ନୈତିକ ଏଆଇ ବ୍ୟବହାରକୁ ଉତ୍ସାହିତ କରିବ ଯାହା ଅନୁଷ୍ଠାନର ନୈତିକତା ସହିତ ନବୀକରଣର ପ୍ରତିଜ୍ଞାକୁ ଦୋହରାଇଛି। ଏହି ଅନୁଷ୍ଠାନରେ 'ବିଶ୍ୱ କ୍ଷମତା କେନ୍ଦ୍ର (ଜିସିସି) ବିଶ୍ୱସ୍ତରୀୟ ଉଦ୍ୟୋଗ ଗୁଡ଼ିକ ପାଇଁ ନବୀକରଣର ଇଞ୍ଜିନ୍ ବିଷୟରେ ଏକ ରାଉଣ୍ଡଟେବଲ୍ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଭାରତ ସରକାରର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ଇ-ଗଭର୍ନାନ୍ସ ଡିଭିଜନର ଉପାଧ୍ୟକ୍ଷ, ପିଏମପି, ବ୍ରହ୍ମାନନ୍ଦ ଝା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ)ର ନିର୍ଦ୍ଦେଶକ (ଜେଇଇ), ଲେଫ୍ଟନାଂଟ କର୍ନଲ୍ ପିୟୁଷ ଶୁକ୍ଲା ଏବଂ (ସିୟୁଇଟି), ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ) ନିର୍ଦ୍ଦେଶକ ରାଜେଶ କୁମାର ମୁଖ୍ୟ ବକ୍ତା ଭାବରେ ଉପସ୍ଥିତ ଥିଲେ ଏବଂ ବିଶ୍ୱସ୍ତରୀୟ ଡିଜିଟାଲ୍ ରୂପାନ୍ତରଣ ଏବଂ ନବୀକରଣର ମୁଖ୍ୟ କେନ୍ଦ୍ର ଭାବରେ ଜିସିସିର ବିକାଶଶୀଳ ଭୂମିକା ଉପରେ ଆଲୋଚନା କରିଥିଲେ ଏବଂ ବିଶ୍ୱସ୍ତରୀୟ ଉଦ୍ୟୋଗ ଏବଂ ଜିସିସିର ରଣନୀତିକ ଭୂମିକା ଉପରେ ମୂଲ୍ୟବାନ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଜାତୀୟ ଇ-ଗଭର୍ନେନ୍ସ ଡିଭିଜନର ଉପାଧ୍ୟକ୍ଷ, ପିଏମପି ବ୍ରହ୍ମାନନ୍ଦ ଝା କହିଥିଲେ ଯେ, 'ଭାରତର ବିଶ୍ୱ କ୍ଷମତା କେନ୍ଦ୍ର (ଜିସିସି) ଆଉ କମ୍ ଖର୍ଚ୍ଚର ସେଂଟର୍ ନୁହେଁ; ଏହାକୁ ବିଶ୍ୱସ୍ତରୀୟ ବ୍ୟବସାୟ ପାଇଁ ମୂଲ୍ୟବାନ ନବୀକରଣର ରଣନୀତିକ କେନ୍ଦ୍ର ଭାବରେ ଗଠନ କରାଯାଉଛି। ଡିଜିଟାଲ୍-ପ୍ରଥମ ଅର୍ଥନୀତି ଆଡକୁ ଅଗ୍ରସର ହେଉଥିବା ଅର୍ଥନୀତି ସହିତ ଜିସିସି ପ୍ରଯୁକ୍ତି ସକ୍ଷମ ଏବଂ ଭବିଷ୍ୟତ-ପ୍ରତିରୋଧୀ ସଂଗଠନଗୁଡ଼ିକୁ ଗଠନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଆଇଏମ୍ଏମ୍ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନ, ଡାଟା ସାଇନ୍ସ, ଏଆଇ, ଏବଂ ସାର୍ବଜନୀନ ନୀତି ଭଳି ଦୂରଦର୍ଶୀ ପ୍ରୋଗ୍ରାମ୍ ମାଧ୍ୟମରେ ଏହି ପରିବର୍ତନକୁ ଚାଳିତ କରିବା ପାଇଁ ପ୍ରତିଭା ଏବଂ ମାନସିକତା ବିକାଶ କରୁଛି। ମନ୍ତ୍ରଣାଳୟରେ ଆମେ ଏକ ଇକୋସିଷ୍ଟମ୍ ବିକାଶ କରିବାକୁ ପ୍ରତିବଦ୍ଧ ଯେଉଁଥିରେ ଶିକ୍ଷା, ଶିଳ୍ପ ଏବଂ ଶାସନ ମିଳିତ ଭାବେ ସ୍ଥାୟୀ ନବୀକରଣ, ରୂପାନ୍ତରଣ, ଏବଂ ଡିଜିଟାଲ୍ ନେତୃତ୍ୱକୁ ଆଗକୁ କରିବା ପାଇଁ କାମ କରୁଛି।

# ଗୋଟାଏ ରାତିରେ ୪ ସ୍ଥାନରେ ଚୋରି: ଜଣେ ଯୁବକ ଅଟକ

ଭଦ୍ରକ,୧୭/୫(ନି. ପ୍ର): ଭଦ୍ରକ ଜିଲା ଧାମନଗର ଅଂଚଳ ରେ ଚୋରୀ ବଢିବାରେ ଲାଗିଛି । ଯାହାକୁ ନେଇ ଲୋକମାନେ ଏବେ ଆତଙ୍କିତ ହୋଇ ପଡିଲେଣି। ପ୍ରକାଶ ଥାଉକି ଗୁରୁବାର ବିଳମ୍ବିତ ରାତି ରେ ଦୋବଲ ଅଂଚଳ ରେ ୪ ସ୍ଥାନରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏଥିରେ ସଂପୃକ୍ତ ଥିବା ଜଣେ ଚୋର କୁ ଗ୍ରାମ ଲୋକେ ଧରି ପୋଲିସରେ ଦେଇଥିବା ବେଳେ ଅନ୍ୟ ଜଣେ ଯୁବକ ଖସି ପଳାଇଛି। ଅଟକ ଯୁବକ ଜଣଙ୍କ ଦୋବଲ ଗ୍ରାମର ରାହାସ ସାହୁଙ୍କ ପୁଅ ରାଜେଶ ସାହୁ ବୋଲି ଜଣାପଡିଛି। ରାଜେଶ ଦିନରେ ଗାଁ ଗାଁ ବୋଲି ଆଇସ୍କ୍ରୀମ ବେପାର କରେ। ସୂଚନା ମୁତାବକ; ଗତ କାଲି ରାତିରେ ରାଜେଶ ଓ ଯାଜପୁର ଜିଲ୍ଲା ଝୁମ୍ପୁରି ଅଂଚଳର ସାଥି ଯୁବକ ମିଶି ପ୍ରଥମେ ମୁସ୍ତାଫାପୁର ରଘୁନାଥ ପୁରର ଆର୍ତ ଶଙ୍ଖୁଆ ଙ୍କ ଘରେ ପଶି ୨ ଟି ମୋବାଇଲ ଚୋରି କରିଥିଲେ। ସେଠାରୁ ଆସି ଦୋବଲ ସାହିର ଭିକାରି ସୁତାର ଙ୍କ ଘରେ ପଶି ମୋବାଇଲ ଓ ଟଙ୍କା ଚୋରି କରୁଥିବା ବେଳେ ଘର ଲୋକେ ରାଜେଶ କୁ ଧରି ନେଇଥିଲେ। ଅନ୍ୟ ଜଣେ ଦୌଡ଼ି ପଳାଇଥିଲା। ଗ୍ରାମ ଲୋକେ ରାଜେଶ କୁ ପଚରା ଉଚରା କରିବା ପରେ ତା ସହିତ ଝୁମ୍ପୁରି ଅଂଚଳର ଯୁବକ ଥିବା ମାନିଥିଲା। ସଖାଲୁ ପୋଲିସ ଖବର ପାଇଁ ଘଟଣା ସ୍ଥଳରେ ପହଂଚି ରାଜେଶ କୁ ଥାନାକୁ ଆଣି ପଚରା ଉଚରା କରୁଥିବା ବେଳେ ସତ ମାନିଥିବା ଜଣାଯାଇଛି। ତେବେ ରାଜେଶ ଦିନରେ ଗାଁ ଗାଁ ବୋଲି ଆସ୍କ୍ରିମ୍ ବିକ୍ରି କରିଥାଏ ଓ ରାତିରେ ଚୋରି। ସେହିପରି ଦଳାଙ୍ଗ ପଞ୍ଚାୟତ ଭଗତପୁର ଠାରେ ଥିବା ହନୁମାନ ଓ ଗ୍ରାମ ଦେବତୀ ମନ୍ଦିରରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ହନୁମାନ ମନ୍ଦିରରୁ ରୁପା ମୁକୁଟ, ରୁପା କଟୋଉ, ଖଡ୍ଗ, ୨ ଟି ଘଂଟି, ପିତଳ ବାସନ ୧୫ କେଜି, ମାଇକ ମେସିନ ଚୋରି ହୋଇଛି।

# ଜୁନାନୀ-ଫୁଲକୁସୁମ ରାସ୍ତା କାର୍ଯ୍ୟରେ ଅନିୟମିତତା

ସମ୍ବଲପୁର,୧୭/୫(ନି. ପ୍ର): ନିମ୍ନମାନର କାର୍ଯ୍ୟ ପାଇଁ ଫାଟିବାକୁ ବସିଲାଣି କଲଭର୍ଟ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଗ୍ରାମୀଣ ବିକାଶ କାର୍ଯ୍ୟାଳୟ ଅଧୀନରେ ଜୁନାନି ରେଙ୍ଗାଲ ବେଡା ଦେଇ କଲାପାଟ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି। କାରଣ ଏହି ରାସ୍ତା ନିର୍ମାଣ ପାଇଁ ଜୁନାନି ଗ୍ରାମବାସୀଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା। ହେଲେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଅନିୟମିତତା ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ବେଳେ ଅଧିକାରୀଙ୍କ ଖାମଖିଆଲି ନିତି ଏବଂ ଠିକାଦାର ସହିତ ମଧୁ ଚନ୍ଦ୍ରିକା ଏବେବି ସୁଧୁରି ନାହିଁ । ଫଳରେ ଏହି ରାସ୍ତାରେ ନିର୍ମାଣ ହେଉଥିବା ପ୍ରାୟ ୬ଟି କଲଭଟ ନିର୍ମାଣ କାର୍ଯ୍ୟ ପ୍ରାରମ୍ଭରୁ ଫାଟିବାକୁ ବସିଲାଣି। ଏପରିକି ଠିକାଦାର ପକ୍ଷରୁ 'ଶ୍ରୀ' ନାମକ ନିମ୍ନମାନର ସିମେଂଟ ବ୍ୟବହାର କରାଯାଉଛି, ଏବଂ କଂକ୍ରିଟ ପାଇଁ ଏହି ସିମେଂଟ ସହ ବ୍ୟବହାର କରାଯାଉଥିବା ବାଲି ମଧ୍ୟ ପଙ୍କ କାଦୁଅ ମିଶ୍ରିତ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏପରିକି କଂକ୍ରିଟରେ ଡଷ୍ଟ ବ୍ୟବହାର କରି ସିମେଂଟର ମାତ୍ରା କମାଇ କଂକ୍ରିଟ କାର୍ଯ୍ୟ କରାଯାଉଥିବା ନେଇ କିଛି ଅସନ୍ତୁଷ୍ଟ ଶ୍ରମିକ ପ୍ରକାଶ କରିଛନ୍ତି। ହେଲେ ଆଗକୁ ବର୍ଷାଋତୁ ଥିବା ବେଳେ ଅଧିକାରୀଙ୍କ ଖାମ ଖିଆଲି ନୀତି ଯୋଗୁଁ ସାଧାରଣ ଜନତାକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ବୋଲି ଆଶଂକା ସୃଷ୍ଟି କରିଛି। ସେହିପରି ଗ୍ରାମବାସୀଙ୍କ କହିବା ଅନୁଯାୟୀ ଠିକାଦାର ପକ୍ଷରୁ ନିର୍ମାଣ ହୋଇଥିବା ନୂତନ କଂକ୍ରିଟ କଲଭର୍ଟରେ ନିୟମିତ ପାଣି ସିଂଚନ ମଧ୍ୟ କରାଯାଉ ନାହିଁ । ଯାହା ଫଳରେ କଲଭର୍ଟର ସ୍ଥାୟୀତ୍ୱ ନେଇ ଏବେଠାରୁ ପ୍ରଶ୍ନବାଚୀ ସୃଷ୍ଟି ହେଇଛି। ଅନ୍ୟପକ୍ଷରେ ଜମନକିରା ଗ୍ରାମୀଣ ବିକାଶ କାର୍ଯ୍ୟାଳୟ ପକ୍ଷରୁ ତଦାରଖ ପାଇଁ ନିୟୋଜିତ ଥିବା ଯନ୍ତ୍ରୀ ନିଜ କର୍ତବ୍ୟ ସମ୍ପାଦନା କରିବା ପରିବର୍ତେ ଠିକାଦାରଙ୍କ ସହ ଭିତିରି ସଲାସୁତୁରା କରି ନିଜ ଫାଇଦା ଉଠାଉଥିବା ଅଭିଯୋଗ ହେଉଛି। ଏପରିକି ରାସ୍ତା ଏବଂ କଲଭର୍ଟ କାର୍ଯ୍ୟରେ ଅନିୟମିତତା କରି ବହୁ ମୋଟା ଅଙ୍କର ସରକାରୀ ଅର୍ଥ ବାଟମାରଣା କରୁଥିବା ଅଭିଯୋଗ ହେଉଛି । ସରକାରୀ ଅନୁଦାନ ଟଙ୍କାର ସଠିକ୍ ଉପଯୋଗ ନକରି ଠିକାଦାର ଏବଂ ଯନ୍ତ୍ରୀଙ୍କ ପକେଟ ଗରମ ହେଉଥିବା ବଜାର ଘାଟରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ସମ୍ପର୍କରେ ଜମନକିରା ଆରଡ଼ି ଅଧିକାରୀ ଅଶୋକ ଦାସଙ୍କ ସହ ଯୋଗାଯୋଗ କରିବାରେ ଏଭଳି ଦୁର୍ନୀତି ସମ୍ପର୍କିତ ଅଭିଯୋଗକୁ ଏଡ଼ାଇ ଯିବାପାଇଁ ନିଜ ବ୍ୟସ୍ତତା ଦ ସଫେଇ ଦେଖାଇଥିଲେ । ଏବେ ଏହି ନିମ୍ନମାନର କାର୍ଯ୍ୟ ଓ ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକାରେ ଅର୍ଥ ଆତ୍ମସାତର ଅଭିଯୋଗକୁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ କେଉଁ ଭଳି ଦୃଷ୍ଟିରେ ନେବ ଓ ଏହାର ସରଜମିନ୍ ତଦନ୍ତ କରିବ ତାକୁ ଦେଖିବାକୁ ଅପେକ୍ଷା ।

# ଖାଲି ହେବା ଦରକାର ଅତିରିକ୍ତ ସରକାରୀ ଜମି

ପଟ୍ଟାମୁଣ୍ଡାଇ,୧୭/୫(ନି. ପ୍ର): ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅଫିସ୍ ରହିଛି। ଏସବୁ ସରକାରୀ କାର୍ଯ୍ୟାଳୟ ଶତାଧିକ ଏକର ସରକାରୀ ଜମି ଦଖଲ କରିଛନ୍ତି। ବହୁ ସରକାରୀ କାର୍ଯ୍ୟାଳୟ ଆବଶ୍ୟକତାଠାରୁ ଅଧିକ ଜାଗା ଜମି ନିଜ ଅକ୍ତିଆରରେ ରଖୁଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଆବଶ୍ୟକ ଅନୁପାତରେ ଜମି ନିଜ ଅଧୀନରେ ରଖି ଅନ୍ୟଗୁଡ଼ିକ ମୁକ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ସରକାରୀ ଜମି ମୁକ୍ତ ହେବା ସହିତ ସଂରକ୍ଷିତ କରାଯାଇ ବିଭିନ୍ନ କଲ୍ୟାଣମୂଳକ କାମରେ ଏହାକୁ ଲଗାଯାଇପାରିବ ବୋଲି ମତ ପ୍ରକାଶ ପାଇଛି । ପଟ୍ଟାମୁଣ୍ଡାଇ ସହରରେ ଜମି ମୂଲ୍ୟ ବଢ଼ି ଚାଲିଥିବାବେଳେ କେତେକ ସରକାରୀ କାର୍ଯ୍ୟାଳୟ ବିନା କାରଣରେ ବହୁମୂଲ୍ୟର ବଳକା ସରକାରୀ ଜାଗା ଜମିକୁ ଅବ୍ୟବହୃତ ଭାବେ ନିଜ କବଜାରେ ରଖୁଛନ୍ତି। ଯେପରିକି ପୂର୍ବରୁ ପୌର ପରିଷଦର କାର୍ଯ୍ୟାଳୟ ଥିବାବେଳେ ପଟ୍ଟାମୁଣ୍ଡାଇ ଆମ୍ବେଦକର ଛକ ନିକଟରେ ଥିବା ମୂଲ୍ୟବାନ ସରକାରୀ ଜାଗା ଉପରେ ପୌରପରିଷଦ ନୂତନ କାର୍ଯ୍ୟାଳୟ ନିର୍ମାଣ କରିଛି। ଏହି ସରକାରୀ ଜମି ଅଦ୍ୟାବଧି ପୌର ପରିଷଦ ଓ ନାମରେ ରେକର୍ଡଭୁକ୍ତ ହୋଇନାହିଁ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସ୍ଥାପନ ହୋଇଥିବା ଜାଗା ଦୁଇଟି ପୁଟ ଗୃହ ବିଭାଗ ନାମରେ ରେକର୍ଡଭୁକ୍ତ ହୋଇଥିବାବେଳେ ଜଣେ ପୂର୍ବତନ ଥାନା ଅଧିକାରୀ ବାଇପାସ ନିକଟରେ ମୂଲ୍ୟବାନ ସରକାରୀ ଜାଗାରେ ନୂତନ ଥାନା ନିର୍ମାଣ ହେବ ବୋଲି କହି ରାସ୍ତା ପାର୍ଶ୍ୱରେ ଉଠା ଦୋକାନ କରି ବ୍ୟବସାୟ କରୁଥିବା ଶତାଧିକ ଗରିବ ଶ୍ରେଣୀର ଲୋକଙ୍କୁ ଥାନାରୁ ନୋଟିସ କରି ବ୍ୟବସାୟ ପ୍ରତିଷ୍ଠାନ ଭାଙ୍ଗି ଦେବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ତେବେ ଜନସାଧାରଣଙ୍କ ବିରୋଧ ଫଳରେ ଏହି ସ୍ଥାନରେ ନୂତନ ଥାନା ନିର୍ମାଣ ଯୋଜନା ପଣ୍ଡ ହୋଇଥିଲା। ଏବେ ଏହି ଜାଗାକୁ ଗୃହ ବିଭାଗ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

ଜଳ ସମ୍ପଦ ବିଭାଗ ବହୁ ପରିମାଣରେ ସରକାରୀ ଜମି ଉପରେ ନିର୍ମାଣ କରାଯାଇଥିବାବେଳେ ଏହାର ଅଧିକାଂଶ ସ୍ଥାନରେ ବଣ ଜଙ୍ଗଲରେ ପୂରିରହିଛି। କେତେକ ତଳିଆ ଓ ଅସ୍ଥାୟୀ କର୍ମଚାରୀ ଏହାକୁ ଚାରଣ ଭୂମି ଭାବେ ବ୍ୟବହାର କରୁଥିବାବେଳେ ଗୋପାଳନ କରି ଦୁଗ୍ଧ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସହରର ମୂଲ୍ୟବାନ ଜମିକୁ ବିଭିନ୍ନ ସରକାରୀ ଅଫିସ୍ ଅନାବଶ୍ୟକ ଭାବେ ନିଜ ଅକ୍ତିଆରରେ ରଖୁଥିବାବେଳେ ମାଟିଆପାଳଠାରେଥିବା ଏକର ଏକର ମୂଲ୍ୟବାନ ସରକାରୀ ଜମି ଇଟା ମାଫିଆଙ୍କ କବଜାରେ ରହିଛି। ବର୍ଷ ସାରା ଏଠାରେ ସରକାରୀ ଜାଗାରୁ ମାଟି ଉଠାଣ କରାଯାଇ ନାଲି ଇଟା ଭାଟି ନିର୍ମାଣ ଚାଲିଛି। ବେଆଇନ ମାଟି ଉଠାଣ ହେବା ଫଳରେ ଗାଡ ସୃଷ୍ଟି ହେଲାଣି। ଏପରିକି ପୌର ପରିଷଦର ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଂଟ ପାଚେରି ମୂଳରୁ ମାଟି ଉଠାଯାଇ ଖାଲ ସୃଷ୍ଟି ହେବାରୁ ପ୍ଲାଂଟ ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ପଟ୍ଟାମୁଣ୍ଡାଇରେ ଥିବା ମୂଲ୍ୟବାନ ସରକାରୀ ଜମିର ସଦୁପଯୋଗ କରାଯିବା ନିତ୍ୟାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଥିବା ସାଧାରଣରେ ମତ ପ୍ରକାଶ ପାଇଛି।

# ଏମ୍ସ ଭୁବନେଶ୍ୱରରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଭୁବନେଶ୍ୱର,୧୭/୫(ନି. ପ୍ର): ଏମ୍ସ ଭୁବନେଶ୍ୱରରେ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ସଚେତନ ହେଲେ ଡେଙ୍ଗୁ ଭଳି ପ୍ରାଣଘାତୀ ଶତ୍ରୁ କବଳରୁ ମୁକ୍ତି ମିଳିପାରିବ। ଏନେଇ ଏମ୍ସ ପକ୍ଷରୁ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଜନସାଧାରଣଙ୍କୁ ଉଭୟ ଓଡ଼ିଆ ଓ ଇଂରାଜୀରେ ସଚେତନତାଧର୍ମୀ ପ୍ରଚାରପତ୍ର ବଂଟନ କରାଯାଇଥିଲା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟର ଜାତୀୟ ଭେକ୍ଟର ବର୍ଣ୍ଣ ରୋଗ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୫ ସୁଦ୍ଧା ସାରା ଦେଶରେ ମୋଟ ୧୨,୦୪୩ ଡେଙ୍ଗୁ ମାମଲା ଏବଂ ୬ ଜଣଙ୍କର ମୃତ୍ୟୁ ରିପୋର୍ଟ ହୋଇଛି, ଯେଉଁଥିରେ ତାମିଲନାଡୁରୁ ସର୍ବାଧିକ ମାମଲା ରହିଛି। ଡେଙ୍ଗୁ ଓ ଭୂତାଣୁବାହୀ ରୋଗ କ୍ଷେତ୍ରରେ ଅନ୍ତର୍ଜାତୀୟ ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡେଙ୍ଗୁ ମଶା ପ୍ରଜନନକୁ ରୋକିବା ନିମନ୍ତେ ଘର ଓ ପରିବେଶକୁ ପରିଷ୍କାର ରଖିବା ଏବଂ ପାଣି ନଜମିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡେଙ୍ଗୁ ଲାର୍ଭା ସ୍ଥିର କିମ୍ବା ବିଶୁଦ୍ଧ ପାଣିରେ ଦୀର୍ଘ ସମୟ ଯାଏଁ ବଂଚିରୁହେ। ତେଣୁ ଡେଙ୍ଗୁରୁ ରକ୍ଷା ପାଇବାକୁ ହେଲେ ଘର ଚାରିପାଖରେ ଯେପରି ପାଣି ଜମା ହୋଇ ନରୁହେ ସେନେଇ ଦୃଷ୍ଟି ଦେବାକୁ ହେବ। ସେହିପରି ଆଗକୁ ଆସୁଥିବା ମୌସୁମୀ ସମୟରେ ମଶାରୀ ବ୍ୟବହାର, ପୁରା ହାତ ପୋଷାକ ପିନ୍ଧିବା ଭଳି ନାନା ପ୍ରତିଷେଧକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ। ଏମ୍ସ ଭୁବନେଶ୍ୱର ମେଡିସିନ୍(ଭେଷଜ) ବିଭାଗ ପକ୍ଷରୁ ଓପିଡି ପରିସରରେ ଆୟୋଜିତ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଭେଷଜ ବିଭାଗ ମୁଖ୍ୟ ଡ. ଅନୁପମ ଦେ, ଡ. ଦେବାନନ୍ଦ ସାହୁ, ଡ. ଅନୁପମା ବେହେରା, ଡ. ଧୃତି ସୁନ୍ଦର ଦାସ, ଶିଶୁ ବିଭାଗର ଡ. ରଶ୍ମୀ ରଂଜନ ଦାସ, ସିଏମ୍ଏଫଏମ୍ ବିଭାଗର ଡ. ବିନୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଡେଙ୍ଗୁ ସଂକ୍ରମଣକୁ ଚିହ୍ନଟ କରିବା ଏବଂ ସଠିକ୍ ସମୟରେ ଚିକିତ୍ସା କରିବା ନିହାତି ଆବଶ୍ୟକ। ନଚେତ ଏହା ଗୁରୁତର ଜଟିଳତା ସୃଷ୍ଟି କରିଥାଏ। ଏଥିସହିତ ଡେଙ୍ଗୁ ଜନସ୍ୱାସ୍ଥ୍ୟର ଗୁରୁତ୍ୱ, ମହାମାରୀ ସମ୍ବନ୍ଧୀୟ ବିପଦ ଏବଂ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଶେଷଜ୍ଞମଣ୍ଡଳୀ। ଉଭୟ ବୟସ୍କ ଏବଂ ପିଲାମାନଙ୍କଠାରେ ଡେଙ୍ଗୁ ରୋଗର ନିରାକରଣ ଏବଂ ଚିକିତ୍ସା ବିଷୟରେ ମଧ୍ୟ ସେମାନେ ସୂଚନା ପ୍ରଦାନ କରିଥିଲେ।

# ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର

ଭୁବନେଶ୍ୱର,୧୭/୫(ନି. ପ୍ର): ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର। ବର୍ଷକର ସଫଳତା ଧରି ଲୋକଙ୍କ ପାଖକୁ ଯିବେ ସରକାର। ୨୧ ନିର୍ବାଚନ ପ୍ରତିଶୃତି ବର୍ତ୍ତମାନ୍ ସୁଦ୍ଧା ୧୧ ପ୍ରତିଶ୍ରୁତି ପୂରଣ କରାଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ଆଗାମୀ ଦିନରେ ଅବଶିଷ୍ଟ ପ୍ରତିଶ୍ରୁତି ପାଳନ କରାଯିବ। ୮୦୦ ଟଙ୍କା ଇନପୁଟ ସବସିଡି, ଆୟୁଷ୍ମାନ ଭାରତ ଲାଗୁ, ସୁଭଦ୍ରା ଭଳି ପ୍ରମୁଖ ଯୋଜନା କାର୍ଯକାରୀ କରାଯାଇଛି। ଏହି ସଫଳତା ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ କାର୍ଯ୍ୟକ୍ରମ କରି ସରକାର ଲୋକଙ୍କୁ ବୁଝାଇବେ। ବର୍ଷେପୂର୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ମୁଖ୍ୟମନ୍ତ୍ରୀ ଯୋଗାଯୋଗରେ ଅଛି। କେନ୍ଦ୍ର ଗୃହମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀ ବି ଯୋଗ ଦେଇ ପାରନ୍ତି। ସରକାରକୁ ଜୁନ ୧୨ ରେ ବର୍ଷେ ପୁରୁଥିବା ବେଳେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଜୁନ ୧୨ ତାରିଖରେ ସରକାରକୁ ବର୍ଷେ ପୂରଣ ହେବାକୁ ଯାଉଥିବା ବେଳେ ଲୋକଙ୍କ ପାଖକୁ ରିପୋର୍ଟ କାର୍ଡ ନେଇ ଯିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର । ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ ଓ ଅନ୍ୟ କେନ୍ଦ୍ର ମନ୍ତ୍ରୀ ମାନଙ୍କୁ ନିମନ୍ତ୍ରଣ କରିବାକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଯୋଗାଯୋଗରେ ରହିଛି । ବର୍ଷ ପୂର୍ତ୍ତିକୁ ଉତ୍ସବ ଭାବେ ନୁହେଁ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ପାଳନ କରାଯିବ । ଲୋକଙ୍କ ପାଖକୁ ପ୍ରଦର୍ଶନ କାର୍ଡ ଧରିକି ଯିବୁ । ରାଜ୍ୟର ୧ କୋଟି ପରିବାର ପାଖରେ ଆମେ ଆମ ରିପୋର୍ଟ କାର୍ଡ ଧରି ପହଁଚିବୁ। ଏହା ସହ ଆଗାମୀ ଦିନ ଲାଗି ଲୋକଙ୍କ ପରାମର୍ଶ ଲୋଡ଼ିବେ ରାଜ୍ୟ ସରକାର । ରାଜ୍ୟ, ଜିଲ୍ଲାଠୁ ନେଇ ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥା ଗୁଡ଼ିକରେ କାର୍ଯ୍ୟକ୍ରମ କରାଯିବ । ଜୁନ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ ।

# ଫୁଲବାଣୀରେ ସିନିୟର ଓସବା ଷ୍ଟେଟ୍ ରେଙ୍କିଙ୍ଗ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

କନ୍ଧମାଳ,୧୭/୫(ନି. ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଇନଡୋର ଷ୍ଟାଡିୟମରେ, ସନରାଇଜ ଓସବା ସିନିୟର ରେଙ୍କିଙ୍ଗ ବେଡମିଂଟନ ର ୩ ଦିନିଆ ଟୁର୍ଣ୍ଣାମେଂଟ ଆଜି ଉଦ୍ଘାଟିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନର ପରିଚାଳନାରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ୍ ବିସି ଏବଂ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ଏହି ରାଜ୍ୟ ସ୍ତରୀୟ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ର ଆୟୋଜନ କରିଥିବା କେଡିବିଏର କର୍ମକର୍ତାମାନଙ୍କୁ ସାଧୁବାଦ ଦେବା ସହ ଏହିଭଳି ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଂଟ ଯୋଗୁଁ ଜିଲ୍ଲାର ଖେଳାଳିଙ୍କ ପ୍ରେରଣା ଓ ଉତ୍ସାହର ସ୍ରୋତ ହେବ ବୋଲି କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓସବା ର ଅବଜର୍ଭର ପ୍ରଦୀପ କୁମାର ମହାନ୍ତି ଓ ଶୈଳେନ୍ଦ୍ର ଚୌଧୁରୀ, କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନର ସଭାପତି ତଥା ବରିଷ୍ଠ ବ୍ୟାଡମିଂଟନ ଖେଳାଳି ଅଶୋକ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର, ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି ଓ ବରିଷ୍ଠ ଖେଳାଳି ମାନସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟୁର୍ଣ୍ଣାମେଂଟ ର କୋଡିନେଟର ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ । ଏହି ତିନି ଦିନିଆ ଟୁର୍ଣ୍ଣାମେଂଟରେ ସମଗ୍ର ରାଜ୍ୟର ଅଧିକାଂଶ ଜିଲ୍ଲାର ୧୨୫ ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୮ ମଇ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

……ସୁଚୟନ ସୁଚୟନ ସୁଚୟନ……

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ


ଡ.ଭାଗବତ ବେହେରା


ଭାଗ-୯୮


(ପୂର୍ବ ପ୍ରକାଶିତ ଉତ୍ତାରୁ...)




'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

କେବଳ ଗୋଟାଏ ଅଭାବ ତୋ ପିଲା ଦୁହିଁଙ୍କର ରହିଯାଇଛି ତାହା ହେଉଛି ପିତାଙ୍କ ସ୍ନେହ । ପିତୃସ୍ନେହରୁ ସେମାନେ ହୋଇଛନ୍ତି ବଞ୍ଚିତ । ତାହା ତ ବିଧିର ଇଂଗିତ ମାଆ । ତାକୁ କିଏ କ'ଣ କରିବ ।

ଅନୁକମ୍ପାଙ୍କ ବଚନ ସୀତା ଦେବୀଙ୍କ ହୃଦୟରେ ଶାନ୍ତିର ପ୍ରଲେପ ଲେପି ଦେଇଥିଲା । ଅନୁକମ୍ପାଙ୍କ ପାଦତଳେ ଲୋଟିଯାଇ ସେ କହିଲେ 'ତୁମେ ଯାହା କହିଛ ତାହା ଅକ୍ଷରେ ଅକ୍ଷରେ ସତ୍ୟ ମାଆ । ଯେତେ ଯାହା ହେଲେ ବି ମୁଁ ସାଧାରଣ ରକ୍ତ ମାଂସଧାରୀ ନାରୀଟିଏ । ଗୋଟାଏ ନାରୀ ମନର ଆବେଗ, ଆଶା, ଆକାଂକ୍ଷା ମୋତେ ସ୍ୱାର୍ଥୀ କରି ଦେଉଛି ମା । ସେଇଥିପାଇଁ...'

ସୀତାଙ୍କୁ ତଳୁଉଠାଇ ତାଙ୍କ ଚକ୍ଷୁରୁ ବହିଯାଉଥିବା ଅଶ୍ରୁଜଳକୁ ପୋଛିଦେଇ ଅନୁକମ୍ପା କହିଥିଲେ କାନ୍ଦନା ମା । ପୋଛି ପକା ତୋର ଏ ଚକ୍ଷୁରୁ ଅଶ୍ରୁଜଳ । ଛାତିକୁ ପଥର କରିଦେ । ତୋତେ ଏଇ ଆଶ୍ରମରେ, ତୋର ଜୀବନ ଶେଷ ପର୍ଯ୍ୟନ୍ତ କଟାଇବାକୁ ପଡ଼ିବ । ଭୁଲିଯା ମା ଅଯୋଧ୍ୟାକୁ । ଭୁଲିଯା ମିଥିଳା ନଗରୀକୁ । ଭୁଲିଯା ତୋର ପିତା ମାତା ଶାଶୁ, ସ୍ୱାମୀ ଦେବରଙ୍କୁ । ମୋ ମତରେ ସେମାନେ ସମସ୍ତେ ସ୍ୱାର୍ଥପର । ମୁଁ ଯାହା ଜାଣିଛି ତୋ ଶଶୁର ଯେମିତି ମହର୍ଷି ବାଲ୍ମିକୀଙ୍କ ସୁହୃଦ, ତୋ ପିତା ମିଥିଳା ନରେଶ ଜନକ ରାଜା ମଧ୍ୟ ସେମିତି ସୁହୃଦ । ତୁ ଏ ଆଶ୍ରମରେ ରହିବା ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି । ତୋ ଶାଶୁମାନେ ଲକ୍ଷ୍ମଣ ଠାରୁ ତୋର ଏ ରହିବା ସମ୍ବାଦ ପାଇଥିବେ । ତୋ ମାତା ପିତାମାନେ ମଧ୍ୟ ପାଇଥିବେ । ଏକଥା ସମସ୍ତେ ଜାଣନ୍ତି ଯେ ତୋତେ ତୋ ସ୍ୱାମୀ ଗର୍ଭବାସ କାଳରେ ପରିତ୍ୟାଗ କରିଛନ୍ତି । ଜଣେ ଗର୍ଭବତୀ ନାରୀ ଏକାକୀ ଆଶ୍ରମରେ କେମିତି କାଳାତିପାତ କରୁଥିବ, ଏକଥା ତୋର ଶାଶୁମାନେ କିମ୍ବା ତୋ ଦିଅରମାନେ ଅଥବା ତୋ ମାତା ପିତା କେବେ ଚିନ୍ତା କରିଛନ୍ତି କି ? ତୋ ପିତା ଜନକ ଚାହିଁଥିଲେ ସେ କ'ଣ ତୋତେ ଆସି ଦେଖା କରିଯାଇ ପାରିନଥାନ୍ତେ ? ତୋ ମା' ମାନଙ୍କୁ ଏ ସ୍ଥାନକୁ ପଠାଇ ଝିଅ କେମିତି ଅଛି ବୋଲି କ'ଣ ଦେଖିଯାଇ ପାରିନଥାନ୍ତେ ? ଧନ୍ୟ ତୋ ପିତାମାତାଙ୍କୁ । ସତରେ କ'ଣ ସେମାନଙ୍କର ହୃଦୟ ଅଛି ? ପୁତ୍ରୀ ପ୍ରତି ମମତା ଅଛି ? ବକ୍ଷରୁ ରକ୍ତ ଦେଇ ତୋତେ ବଡ଼ କରିଥିବା ତୋ ମାଆ ତୋତେ ଏ ବେଳରେ କେମିତି ଭୁଲିଯାଇ ପାରିଲେ ? ସେ କ'ଣ ଜାଣିନଥିଲେ ତାଙ୍କ ଝିଅ ଗର୍ଭବତୀ ଅଛି ବୋଲି ? ତୋତେ ଗର୍ଭରେ ଧାରଣ କରିଥିବାବେଳେ ସେ କ'ଣ ଗର୍ଭକଷ୍ଟ ଅନୁଭବ କରି ନଥିବେ ? ଗର୍ଭାବସ୍ଥାରେ ସେ କ'ଣ କିଛି ଆଶା କରିନଥିବେ ? ଅଥଚ ନିଜ ଝିଅ ଗର୍ଭବାସ କଥା ଜାଣି, ତପୋବନରେ ମୁନି ଆଶ୍ରମରେ ରହିବା କଥା ଜାଣି, ସେ ନଆସି ରହିପାରିଲେ କେମିତି ? ତୋ ଶାଶୁମାନେ ମଧ୍ୟ ସେମିତି ମାଆ ? ସେମାନେ ଚାହିଁଥିଲେ କ'ଣ ଏ ସ୍ଥାନକୁ ଆସି ପାରିନଥାନ୍ତେ ? ନିଜେ ନ ଆସିଲେ ବି ଦୂତ ପଠାଇ ତୋ ସମ୍ବାଦ ନେଇ ପାରିଥାନ୍ତେ ? ତୋ ସ୍ୱାମୀଙ୍କ କଥା ମୁଁ ଏଠାରେ ଉଲ୍ଲେଖ କରୁନାହିଁ ମାଆ ସୀତା । ତୋର କୌଣସି ଭୁଲ ନାହିଁ ସେ ଜାଣି ମଧ୍ୟ ଜଣେ ରାଜାର ଭୂମିକା ଲିଭାଇବାକୁ ଯାଇ ତୋତେ ଏତେ ଶାସ୍ତିଦେଲେ। ଜଣେ ରାଜାର ଧର୍ମ କେବଳ କ'ଣ ଖାଲି ପ୍ରଜାପାଳିବା ? ରାଜା ନିକଟରେ ତାର ପରିବାର ପୁତ୍ର କନ୍ୟା ସ୍ତ୍ରୀ କ'ଣ ତୁଚ୍ଛ ? ତାହା ଯଦି ସତ୍ୟ ତାହେଲେ ରାଜାମାନେ ଗୃହୀ ହୁଅନ୍ତି କାହିଁକି ? ସେମାନେ ତ ସବୁ ସଂସାର ତ୍ୟାଗୀ ସନ୍ନ୍ୟାସୀ ହୋଇଯାଆନ୍ତେ ? ଏସବୁର ଉତ୍ତର ତୋ ପାଖରେ ଅଛି ମା' ବୈଦେହୀ ? ସେମାନେ ସମସ୍ତେ ସ୍ୱାର୍ଥପର ମାଆ । ତୋ ପିତା, ମାତା, ତୋ ଶାଶୁ ଦିଅର ଏପରିକି ତୋ ସ୍ୱାମୀ ସମସ୍ତଙ୍କୁ ମୁଁ ସ୍ୱାର୍ଥପରର ଆଖ୍ୟା ଦେବି । ଆଉ ସବୁଠୁଁ ଅପରାଧୀ, ସବୁଠୁଁ ସ୍ୱାର୍ଥୀ ସବୁଠୁ ଅକୃତଜ୍ଞ ବୋଲି ମୁଁ ତୋ ସ୍ୱାମୀ ରାମଚନ୍ଦ୍ରଙ୍କୁ କହିବି ।

ତପସ୍ୱିନୀ ଅନୁକମ୍ପାଙ୍କ ମୁହଁରୁ ସ୍ୱାମୀଙ୍କ ନିନ୍ଦା ଶୁଣି ଭୋ ଭୋ ହୋଇ କାନ୍ଦି ତାଙ୍କ ପାଦତଳେ ଲୋଟିଯାଇ ସୀତାଦେବୀ କହିଥିଲେ, ତୁମେ ଅନ୍ୟମାନଙ୍କୁ ଯାହା କହୁଛ କୁହ ମାଆ ହେଲେ ମୋ ସ୍ୱାମୀଙ୍କ ନିନ୍ଦା ମୋ ସମ୍ମୁଖରେ କରନାହିଁ । ତାଙ୍କ ନିନ୍ଦା ମୁଁ ସହିପାରିବି ନାହିଁ ମା । ସେ ମୋ ପାଇଁ ଈଶ୍ୱର । ତାଙ୍କ ସ୍ନେହପ୍ରେମର ତୁଳନା ନାହିଁ ମା । ଏଭଳି ପତି ମୋତେ ଜନ୍ମେଜନ୍ମେ ସାତଜନ୍ମ ପାଇଁ ମିଳନ୍ତୁ । ଏହାହିଁ ଈଶ୍ୱରଙ୍କ ନିକଟରେ ମୋର ପ୍ରାର୍ଥନା । ଜଣେ ପ୍ରଜାବତ୍ସଳ ରାଜା ଭାବରେ ତାଙ୍କର ନାମ ସାରା ଆର୍ଯ୍ୟାବର୍ତ୍ତରେ ବ୍ୟାପୀ ଯାଇଛି । ରାଜମୁକୁଟ ମସ୍ତକରେ ଧାରଣ କରିବା ପୂର୍ବରୁ ସେ ଯଜ୍ଞଅଗ୍ନି, ଦଶଦିଗପାଳ, ଦେବ, ଦାନବ, ଯକ୍ଷ, ରକ୍ଷ, ମାନବ, ଆକାଶ, ପୃଥିବୀ, ତେଜ, ପାଣି, ପବନ ସଭିଙ୍କୁ ସାକ୍ଷୀ ରଖି ତ୍ରିବାର ଶପଥ ନେଇ କହିଥିଲେ, ପ୍ରଜାଙ୍କ ମନ ତୋଷ କରିବା ପାଇଁ ସେ ତାଙ୍କର ସମସ୍ତ ସୁଖ ତ୍ୟାଗ କରିବେ । ଏପରିକି ଆବଶ୍ୟକ ହେଲେ ତାଙ୍କ ପ୍ରାଣସମା ସୀତାଙ୍କୁ ମଧ୍ୟ ତ୍ୟାଗ କରିବେ । ସେ ତାଙ୍କ ଶପଥ ରଖିଲେ ମାତା । ପ୍ରଜାଙ୍କ ତୁଣ୍ଡରେ ମୋ ଅପବାଦ କଥା ଶୁଣି ସେ ମୋତେ ତ୍ୟାଗ କରିଛନ୍ତି । ଏଥିରେ ତାଙ୍କର ତିଳେହେଲେ ଦୋଷ ନାହିଁ ମା ।

ସୀତାଙ୍କୁ ସାନ୍ତ୍ୱନା ଦେଇ ଅନୁକମ୍ପା କହିଥିଲେ, ମୁଁ ଜାଣେ ଲୋ ମା ତୁ ତୋ ସ୍ୱାମୀ ନିନ୍ଦା ସହିପାରିବୁ ନାହିଁ । ଏହା ତ ହେଉଛି ପତିବ୍ରତା ନାରୀର ଧର୍ମ । ମୁଁ ତୋ ସ୍ୱାମୀଙ୍କୁ ନିନ୍ଦା କରୁନାହିଁ ମା । ନିନ୍ଦା କରୁଛି ତୋ ସ୍ୱାମୀର କର୍ମକୁ। ସେ ଜଣେ ରାଜା । ଜଣେ ସାଧାରଣ ପ୍ରଜା ହୋଇଥିଲେ ବି ତୋ ସ୍ୱାମୀ ଯେଉଁଭଳି ଅନ୍ତଃସତ୍ତ୍ୱା ଅବସ୍ଥାରେ ତୋତେ ପରିତ୍ୟାଗ କଲେ, ସେ କରିପାରି ନଥାନ୍ତା । ଏକଥା କହି ମୁଁ ହୁଏତ ଭୁଲ କରି ଥାଇପାରେ । ହେଲେ ମୋ ଅନ୍ତର ଯାହା କହୁଛି ମୁଁ ତାହା କହୁଛି ମା' । ଆଜି ମୁଁ ଅଛି କାଲିକି ନଥିବି । ତୁମେ ଅଛ ତୁମେ ବି ନଥିବ କି ତୁମ ସ୍ୱାମୀ ରାମଚନ୍ଦ୍ର ମଧ୍ୟ ନଥିବେ । ଏ ଦୁନିଆରେ କେହି ଅମର ହୋଇ ରହିବେ ନାହିଁ ମା । ଅମର ହୋଇ ରହିବ ମହର୍ଷି ବାଲ୍ମିକୀଙ୍କ ମହାକାବ୍ୟ । ରାମକଥା, ରାମଗାଥାକୁ ନେଇ ରାମାୟଣ ରଚନା କରୁଛନ୍ତି ସେ । ଆମେ ସମସ୍ତେ ଏ ମାଟିର ମାୟା ମୋହକୁ ତ୍ୟାଗ କରି ଦିନେ ଚାଲିଯିବା, ହେଲେ ରହିଯିବ 'ରାମାୟଣ' । ସେହି ମହାକାବ୍ୟ ଦିନେ ସାରା ସଂସାରକୁ ଜଣାଇଦେବ ରାଜା ରାମଚନ୍ଦ୍ର ଜନସମାଜ ଚକ୍ଷୁରେ ଦୋଷୀ ନା ନିର୍ଦ୍ଦୋଷ । ସେ ମହାକାବ୍ୟ କାଳଜୟୀ ହୋଇ ସବୁ ସମୟରେ, ସବୁ କାଳରେ ନାରୀ ସମାଜକୁ ଚେତାଇ ଦେଉଥିବ ଜଣେ ଆଦର୍ଶ, ପତିବ୍ରତା, ପତି ପରାୟଣା, ନାରୀ କ'ଣ କରିପାରେ । ଜୀବନରେ କେତେ ତ୍ୟାଗ, କେତେ ଦୁଃଖ ସହିସହି ସେ ସୀତା ହୋଇଛି । ମୁଁ ତୋତେ ଆଶୀର୍ବାଦ କରୁଛି ଲୋ ମା ତୁ କାଳଜୟୀ ନାରୀର ଆସନରେ ଯୁଗଯୁଗ ପାଇଁ ଆସୀନ ହୋଇ ରହିବୁ । ତୋର କର୍ମ, ତୋର ଧର୍ମ, ତୋର ସେବା, ତୋର ସ୍ନେହ, ମମତା ସର୍ବୋପରି ତୋର ପତିଭକ୍ତି, ତୋତେ ସୂର୍ଯ୍ୟ ଚନ୍ଦ୍ର ଏ ଧରାକୁ ଆତଯାତ କରୁଥିବା ପର୍ଯ୍ୟନ୍ତ ଯଶୋମୟୀ କରି ରଖିଥିବ ।


(କ୍ରମଶଃ)



♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


---

ଚିନ୍ତନ


କିଶୋର କୁମାର ଜେନା


# ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ...

ଜୀବନ ହେଉଛି ଈଶ୍ୱରଙ୍କର ବ୍ୟକ୍ତରୂପ। ଜୀବନ ଆନନ୍ଦ। ଜୀବନ ହେଉଛି ଆତ୍ମାନନ୍ଦର ପ୍ଲାବନ। ଜୀବନ ହେଉଛି ଏକ ଚେତନାର ସ୍ରୋ। ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ। ସକଳ ବସ୍ତୁରେ ଜୀବନ ବିଦ୍ୟମାନ। ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ। ଖଣ୍ଡିଏ ପଥର ବି ଜୀବନ ରହିଛି। ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣ ରୂପେ ପ୍ରମାଣ କରିସାରିଛନ୍ତି।

ଜୀବନ ଅଛି ତ ଯନ୍ତ୍ରଣା ନିଶ୍ଚିନ୍ତ ରହିବ। ତେବେ କିପରି ଯନ୍ତ୍ରଣାର କ୍ଷତ କମ ହେବ ଏ ନେଇ ଅନେକ ଆମେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥାଉ। ଜୀବନ ଯନ୍ତ୍ରଣା ପ୍ରସଙ୍ଗରେ ଏକ ଛୋଟିଆ କଥାଟି ଏଠାରେ ଉପସ୍ଥାପନ କରୁଛି। ଜଣେ ଅସୁଖୀ ଯୁବକ ଦିନେ ଜଣେ ଜ୍ଞାନୀ ବ୍ୟକ୍ତିଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ । କ'ଣ କଲେ ଦୁଃଖ-ଯନ୍ତ୍ରଣା ଦୂର ହେବ ପଚାରିଲେ। ଜ୍ଞାନୀ ଗୋଟିଏ ଗ୍ଲାସ୍ ପାଣିରେ ମୁଠାଏ ଲୁଣ ମିଶାଇ, ତାଙ୍କୁ ପିଇବାକୁ ଦେଲେ । ଯୁବକ ଭାବିଲେ ପରୀକ୍ଷା କରାଯାଉଛି, ସେ ପିଇଦେଲେ । ଲୁଣପାଣିତକ ଢୋକିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଲା । ଜ୍ଞାନୀ ପଚାରିଲେ, କେମିତି ଲାଗିଲା । ଅତି ଖରାପ ଲାଗିଲା ବୋଲି ଯୁବକ ଉତ୍ତର ଦେଲେ । ତହୁଁ ଜ୍ଞାନୀ ବ୍ୟକ୍ତି, ତାଙ୍କୁ ନିକଟରେ ଥିବା ଏକ ମଧୁର ଜଳ ହ୍ରଦ ପାଖକୁ ନେଇଗଲେ। ପାଖରେ ରଖିଥିଲେ ମୁଠାଏ ଲୁଣ । ଲୁଣ ମୁଠାକ ହ୍ରଦ ଭିତରକୁ ଫୋପାଡ଼ି ଦେଇ ହ୍ରଦ, ହ୍ରଦ ପାଣିରୁ ମୁନ୍ଦେ ପିଇବା ପାଇଁ ଯୁବକଙ୍କୁ କହିଲେ । ଯୁବକ ପାଣି ପିଇଲେ କିଛି କଷ୍ଟ ହେଲାନାହିଁ । ବିଚଳିତ ଦୁଃଖୀ ଯୁବକଙ୍କୁ ଜ୍ଞାନୀ କହିଲେ, ପାର୍ଥିବ ଯନ୍ତ୍ରଣା ମୁଠାଏ ଲୁଣ ପରି । ଯନ୍ତ୍ରଣା ଅଧିକ ନୁହେଁ କି କମ୍ ନୁହେଁ । ସବୁବେଳେ ସମାନ । ତେବେ ଯନ୍ତ୍ରଣାରେ ଅନୁଭବ ନିର୍ଭର କରୁଛି, ଆମେ ତାକୁ କେଉଁଠି ରଖିଛେ, ତା ଉପରେ । ଗ୍ଲାସ ପରି ନ ହୋଇ ହ୍ରଦ ପରି ନିଜକୁ ବିସ୍ତାରିତ କର । ଯନ୍ତ୍ରଣା ଅନୁଭୂତ ହେବନାହିଁ । ନିଜକୁ ଯେତେ ଅଧିକ ବିସ୍ତାରିତ କରିବ ବା ଅନ୍ୟ କାର୍ଯ୍ୟରେ ଯେତେ ଅଧିକ ନିୟୋଜିତ ହେବ, ଯନ୍ତ୍ରଣା ସେତିକି କମ୍ ଅନୁଭୂତ ହେବ ।

ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ। ଆମେ ଚାଲିଯିବା ପାଇଁ ଆସିଥାଉଁ। ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ। ଆମେ ଯେଉଁ ଉତ୍ତରାଧିକାରୀ ହରାଇବସିଛୁ, ଯେଉଁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତ୍ତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ମାର୍ଗ ନିର୍ଦ୍ଦେଶ କରିଛନ୍ତି - 'ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି - ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ। ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ। ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ।' ଆମେ ଯେଉଁଠାରୁ ଆସିଥାଉ, ସେଠାକୁ ଫେରିଯିବା; ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ; ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରତ ହୋଇଯିବାକୁ ପ୍ରଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ପାଇଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିଥାଏ।

ସାଧୁତା ହିଁ ଜୀବନର ନୀତି ହେଉ। ସାଧୁଜୀବନ ଯାପନ କରୁ। ଧର୍ମମାର୍ଗରୁ ବିଚ୍ୟୁତ ହୁଅନ୍ତୁ ନାହିଁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି - 'ସଦଗୁଣବିହୀନ ଜୀବନ ମନୁଷ୍ୟ ଜୀବନ ହୋଇ ନପାରେ। ନିଃସ୍ୱାର୍ଥପର ସେବାରେ ହିଁ ଜୀବନର ସ୍ୱାଦ ଓ ସରସ୍ୱତା ନିହତ। ବିଶ୍ୱପ୍ରେମ ହିଁ ଜୀବନର ଜୀବିକା।' ଆପଣ ଯଦି ସମଗ୍ର ମାନବଜାତିର ସେବାରେ ଆତ୍ମନିୟୋଗ କରି ନ ଦିଅନ୍ତି, ଯଦି ସମଗ୍ର ମାନବ ଜାତିକୁ ପ୍ରେମ କରିବାକୁ ଶିଖନ୍ତି, ତେବେ ଜୀବନର ପୂର୍ଣ୍ଣତା ଲାଭ କରିପାରିବେ ନାହିଁ, ବଞ୍ଚିବାର ପୂର୍ଣ୍ଣ ତାତ୍ପର୍ଯ୍ୟ ଉପଲବ୍ଧି କରିପାରିବେ ନାହିଁ। ଜନସେବା ଓ ଭଗବତ ଭକ୍ତିରେ ହିଁ ପ୍ରକୃତ ଜୀବନର ରହସ୍ୟ ନିହିତ। ଅପରକୁ ସାହାଯ୍ୟ କରିବା ଲାଗି ଜୀବନ ଧାରଣ କରନ୍ତୁ। ସେହିପରି ଜୀବନ ଯାପନ କଲେ ହିଁ ଆପଣଙ୍କ ଭିତରେ ଦିବ୍ୟଶକ୍ତିର ସ୍ରୋତ ସଞ୍ଜୀବନୀ ଶକ୍ତି ହୋଇ ପ୍ରବାହିତ ହେବ। ଜୀବନକୁ ନିତ୍ୟାନନ୍ଦମୟ କରିଦିଅନ୍ତୁ। ସତ୍ୟରୁ ଆନନ୍ଦ ଲାଭ କରନ୍ତୁ। ତପଃରୁ ଆନନ୍ଦ ଲାଭ କରନ୍ତୁ। ପ୍ରତ୍ୟେକଟି ଦିନକୁ ଜୀବନର ଅନ୍ତିମ ଦିବସ ବୋଲି ଗ୍ରହଣ କରି ଦିନର ପ୍ରତିଟି ମୁହୂର୍ତ୍ତ ପ୍ରାର୍ଥନା, ଧ୍ୟାନ ଓ ସେବାରେ ନିୟୋଜିତ କରନ୍ତୁ। ଆପଣଙ୍କ ଜୀବନ ଭଗବତ ପଦାରବିନ୍ଦରେ ଏକ ନିୟତ-ଉତ୍ସର୍ଗରେ ପରିଣତ ହୋଇଯାଉ। ଜୀବନ ପ୍ରସଙ୍ଗରେ ଆଲୋଚନା ରଖିବାବେଳେ ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡିଟି ମନେପଡୁଛି - 'ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ, ଜନମ କାଳରେ ଦୁଃଖ, ଦୁଃଖ ଶୈଶବରେ, ଯୌବନରେ ଅଛି ଦୁଃଖ ବାର୍ଦ୍ଧକ୍ୟେ, ମରଣେ। ମହାଦୁଃଖଚକ୍ରେ ଆବର୍ତ୍ତିତ ଲୋକଗଲେ।'


♥ ଆଇନଜୀବୀ, ବଙ୍ଗାଳିସାହି, କଟକ
(ମୋ) : ୭୩୨୫୯୦୪୯୨୭/୭୩୭୭୪୩୯୦୭୭


---

## କବିତା...



### ଡିମିରି ଫୁଲର ହସ


ସସ୍ମିତା ଦାସ


ଦିନଥିଲା ଯେତେବେଳେ ଦୁହେଁ
ଏକାନ୍ତରେ ଭିଜୁଥିଲେ
ଚୁପଚାପ ବସୁଥିଲେ
ଅନ୍ୟମନସ୍କତାରେ,
ଆଶ୍ଚର୍ଯ୍ୟ ! କି ଉଦ୍ଦାମତା
ସେ ଜହ୍ନ ଆଲୋକର ?

ଆଙ୍ଗୁଳି ଦେଖାଇ ମଧ୍ୟରାତ୍ରିରେ
ପୁଣି କହୁଥିଲ, ଦେଖ
ତୁମେ ମୋ ରାଇଜର ଯେପରି ରାଜଜେମା,
ଜହ୍ନ ଆଲୋକରେ ପୁଣି
ହାତ ଦେଖାଇ କହୁଥିଲ
ଦେଖ ଦେଖ ଡ଼ିମିରିଫୁଲର ହସ
ଈଶ୍ୱର ଯେପରି ସମ୍ମୋହିତ ,
ଫୁଲ ଫୁଟିବାର ଅପୂର୍ବ କୌଶଳ ଦେଖି
ନିଃଶବ୍ଦରେ ମୋ ଭିତରେ
ତୁମ ହାତ ଛନ୍ଦି ଦେଉଥିଲ...

ମୋ ଭିତରେ ଫୁଲଟିଏ ଫୁଟିବାର ବେଳ
କହିପାରନ୍ତିକି ଥରେ
ସ୍ୱପ୍ନରେ ବି ହେଉ ମୋ ଭିତରେ
ତୁମ ନିଃଶ୍ୱାସ ଆଜିବି ଛନ୍ଦ ଭରା,
ଉତ୍ତାପ ଓ ମାଦକତା ଭରିଥାଏ
କିନ୍ତୁ କାହିଁ ଆଜିକାଲି
ଝଲମଲ ହୁଏନି ଦୀପାବଳି
କି ପୂର୍ଣ୍ଣିମାର ଜହ୍ନରାତି,
ତଥାପି :
କିଶୋରୀ ମନନେଇ ଆଜିବି ଅପେକ୍ଷାରତ,
ତୁମ ଫେରିବାବାଟକୁ

ଦେଖିବା ଦୁହେଁ ଫୁଲ ଫୁଟିବାର ବେଳ
ଆଖିରେ ତୁମର ଝଟକୁଥିବ
ତାରାପରି ଝଲମଲ ପ୍ରେମ,

ମୁଁ ଆଜି ବି ଅପେକ୍ଷାରତ
ଦୁହେଁ ମିଶି ଦେଖିବା ଡ଼ିମିରିଫୁଲର ହସ ।


♥ ସମ୍ପାଦିକା : ନୀଳକଇଁ
ଭୁବନେଶ୍ୱର




### ବିଚ ରାସ୍ତାରେ କେହିଜଣେ


ସୁଧାଂଶୁ ଅଶୋକ


ସବୁ ମୋହ ସବୁ କୋହ
ସଂସାର ଯାକର ସମସ୍ତ ବାସନା
କାଣିଚାଏ ପ୍ରେମର ନିକଟରେ ଅର୍ବାଚୀନ
ଆକାଶ,

କାହା ଲାଗି ଏ ଅହଂକାର ଏ ସୁବର୍ଣ୍ଣର
ରାଜହଂସ
ଅଶୋକର ସିଂହାସନ
ଏ ନିର୍ମମ ରକ୍ତ ସ୍ନାନ ।

ବାଞ୍ଝ ହେଲାଣି ଜରାୟୁ ମାଟିରେ ମାଟିରେ
ମାହାମାୟା ଉଲଗ୍ନ ।

ଉଦୟାଚଳ ଏବେ ମୃତ । ସେଠାରେ
କାଳକୁଟର ରାଜତ୍ୱ।
ଆସ ଆସ ପରଖି ଯାଅ ସ୍ୱାଦ ।

ଅବଲେହରେ ଅନନ୍ତ ତୃପ୍ତି ।
ପୂର୍ଣ୍ଣତାର ସମ୍ପନ୍ନତା
ଜ୍ୱାଳାହୀନ ଉତ୍ତାପହୀନ
ଶୀତଳତାର ବିବର୍ଣ୍ଣ ଆଘ୍ରାଣ
ମୃତ ସୂର୍ଯ୍ୟର ଆକାଶ ।

କାହାର ବଟସ୍କର ସେମାନେ
କୁରୁଳି ଉଠୁଛନ୍ତି ନିଶବ୍ଦରେ
ଲହ ଲହ ଜିଭରେ ସଜ ରକ୍ତର ଝର
ମୁନିଆ ମୁନିଆ ନଖ ଦାନ୍ତରେ କଞ୍ଚା ମାଂସ
ବିକଟାଳ ଆଖିରେ ବିଭତ୍ସ ଚାହାଣି
ଅନ୍ତରୀକ୍ଷର କୃଷ୍ଣ ଗର୍ତ୍ତ ।

ରାହୁର କବଳରେ ଏବେ ଏବେ ପୃଥିବୀ
ତାର ଗ୍ରାସରେ ବିଲୋପନର ଦୃଶ୍ୟ ।
ଅପେକ୍ଷା କର

ଦି ଘଡ଼ିର କରାଳ ଅନ୍ଧକାର
ପରାଗ କାଳର ସମାପ୍ତି ପରେ
ମାଟିର ମହା ସାଗରରୁ ପୁଣିଥରେ
ଜହ୍ନ ଉଠିବ ସୂରୁଜ ଉଇଁବ
ବିଚ୍ ରାସ୍ତାରେ
କେହିଜଣେ ପ୍ରତିହତର ସ୍ୱପ୍ନ ଦେଖୁଛି

ସବୁ ମୋହ ସବୁ କୋହ ସଂସାର ଯାକର
ସମସ୍ତ ବାସନା ହଜି ହଜି ଯିବ
କାଣିଚାଏ ପ୍ରେମର ସମ୍ମୁଖରେ
ଅର୍ବାଚୀନ ଆକାଶ ।


♥ ସର୍ପାବତୀ, ବଡ଼ଗାଁ, ସୁନ୍ଦରଗଡ
(ମୋ) ୭୯୭୮୭୯୫୭୬୬




### ଡାକ


ପ୍ରଶାନ୍ତ କୁମାର ଦାଶ


ଡାକଟିଏ ପ୍ରତିକ୍ଷଣ ହାତଠାରି ଡାକେ
ଚେତନାର ତାଳଗଛେ ବାୟାବସା ହୋଇ,
ଅହରହ ଆକ୍ତାମାକ୍ତା କରେ ସେ ଡାକ ।

ଡାକର ବାଁ ଆଖିରେ ଆଲୁଅ ଭର୍ତ୍ତି ଆକାଶ,
ଡାହାଣରେ ଅନ୍ଧାର, ଅନ୍ଧାର ଓ ଅନ୍ଧାର,
ଡାକର ବାଁ କପାଳରେ ଚନ୍ଦ୍ର, ସୂର୍ଯ୍ୟ,
ନକ୍ଷତ୍ରସମୂହ
ଡାହାଣରେ ମିଛ-ମାୟା-ମୋହ,
ଗୋଟେ ହାତରେ ଅମୃତ କଳସ
ଆରହାତେ ବିଷକୁମ୍ଭ ।

ରାତିର ପ୍ରଥମ ପ୍ରହରେ ଦି' ପାଦରେ
ପ୍ରେମର ଘୁଙ୍ଗୁର ପିନ୍ଧି
ସେଇ ଡାକ ମଞ୍ଚକୁ ଓହ୍ଲାଏ,
ବିଭିନ୍ନ ମୁଦ୍ରାରେ କରେ ମନଜିଣା ନୃତ୍ୟ

ଦର୍ଶକଙ୍କ ତାଳିର ତାଳେ
ମୁଁ ବି ମାରୁଥାଏ ତାଳି,
ସେଇ ମଞ୍ଚ-ସେଇ ଦର୍ଶକ-ସେଇ ଆଖି
କିନ୍ତୁ ତୃତୀୟ ପ୍ରହରେ ବଦଳିଯାଏ ଦୃଶ୍ୟପଟ୍ଟ,
ଯୁଦ୍ଧର ଘୁଙ୍ଗୁର ପିନ୍ଧି ବିକଟାଳ ବେଶେ
କିଳିକିଳା ନାଦ କରି ଓହ୍ଲାଏ ମଞ୍ଚକୁ,
ଭୟରେ ପତ୍ର ପରି ଥରି ଯାଉଥାନ୍ତି
ସମସ୍ତ ଦର୍ଶକ,
ବିଚରା ମୁଁ ଆଖି ବନ୍ଦକରି ନିଜକୁ
ଅଣ୍ଡାଳି ହେଉଥାଏ ରାତିର ଶେଷ ପ୍ରହର
ସରିବା ଯାଏ ।

ସେ ଡାକ ଉଭୟ ରାକ୍ଷସ ଓ ଦେବତା ପାଲଟି
କରେ ସମୁଦ୍ର ମନ୍ଥନ,
ମାୟାମୃଗ ହୋଇ ଉଚ୍ଚସ୍ୱରେ ଡାକେ
ତ୍ରାହି ଲକ୍ଷ୍ମଣ-ତ୍ରାହି ଲକ୍ଷ୍ମଣ,

ପୁଣି ଯାଦୁକର ହୋଇ ନଜରକୁ
କରିଦିଏ ବନ୍ଦୀ ।

ସେ ଡାକ ଡାକିନେଇ ପାଷାଣ ଦେହରେ
ଦେଖାଏ ଜୀବନ
ସେ ଡାକ ଡାକିନେଇ ଜୀବନ ଦେହରେ
ଦେଖାଏ ପାଷାଣ ।

ସହଜେ କି ମୁକୁଳି ହୁଏ ଡାକର ଫାଶରୁ,
ଡାକ ପ୍ରତିଦଣ୍ଡ ଡାକୁଥାଏ ।।


♥ ରେଗଡା, ଏମ୍.ରାମପୁର, କଳାହାଣ୍ଡି
(ମୋ) ୭୭୩୫୪୧୯୫୭୩




### ବଂଚିଗଲି


ମୂଳ ହିନ୍ଦି: ଦିବିକ ରମେଶ
ଅନୁବାଦ : ଶୈଳବାଳା ମହାପାତ୍ର




ବଡ଼ ଜୋର ଥିଲା ପାହାର
ବଂଚିଗଲି କିନ୍ତୁ

ବିଶ୍ୱାସ ତାକୁ ହେଲା
ନା ମତେ
ଚମତ୍କାର ହେଲା !

ନିଜକୁ ସଂଭାଳି ନେଲି
ତ ଦେଖିଲି
କବଚ ପ୍ରାୟ ଠିଆ ହୋଇଥିଲା ମୋହ -
ମୋ କବିତା
ମତେ ବଂଚେଇବାକୁ

ଠିଆ ହୋଇଥାଏ ସେ
ଯେମିତିକି କବିତା

କବଚ ଭଳି
ବଂଚେଇବାକୁ ସମଗ୍ର ମନୁଷ୍ୟତା

ଚାହିଁଲି ଆକାଶ ଆଡ଼କୁ
ପୁଣି ପୃଥିବୀକୁ
ପୃଥ୍ୱୀର ଗଛ, ନଦୀ, ପାହାଡ଼, ସମୁଦ୍ର
ଜଳଚର, ସ୍ଥଳଚର, ଆକାଶଚର
ସମସ୍ତଙ୍କୁ
ଦେଖିଲି ମାଆକୁ ବାପାଙ୍କୁ
ସବୁ ସଂପର୍କକୁ
ଏବଂ ପ୍ରଣାମ କଲି ସେଇ ସବୁକୁ
ଯାହା ବଞ୍ଚଉଥାଏ
ପ୍ରତି ମୁହୂର୍ତ୍ତ
ଯିଏ ବଂଚାଏ ନିଜେ ଆମଠାରୁ
ଆମକୁ !!


♥ ଶୀଳାଚିନ୍ମୟ,
ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ଼, ପୁରୀ - ୨
(ମୋ) ୭୦୦୮୫୮୬୫୦୧




### ପ୍ରିୟତମା


କ୍ଷମାନିଧି ଭୋଇ


ଆଗୋ ପ୍ରିୟତମା !
ତୁମ ଅପୂର୍ବ ରୂପ ଯୌବନ
କହିଦିଅ, ସତରେ ଗୋ
ଏ କଥା କାହାକୁ ଅଜଣା ।

ଅନ୍ତତଃ ଥରୁଟିଏ ନିଅ
ତୁମ ଯୁଗଳ ବାହୁରେ କୋଳେଇ
ଧନ୍ୟ ହୋଇ ଯିବି ମୁହିଁ
ତୁମ ମଧୁ ପ୍ରୀତି ପରଶ ପାଇ ।

ନଚେତ୍ , ଅଦରକାରୀ
କୁଟା କାଠି ଭଳି
ମୋ ପ୍ରେମ ଯାଚନାକୁ
ଦିଅ ଦୂରେ ଫିଙ୍ଗି;
ଭାବିବି ମୁଁ ନିଜକୁ
ନିହାତି ମୁଁ ଅଯୋଗ୍ୟଟିଏ ବୋଲି ।

ଆଗୋ ପ୍ରିୟତମା !
ଏବେ ତୁମ ହାତେ
ମୋ ଜୀବନର ଭଲମନ୍ଦର ନିଷ୍ପତ୍ତି ।


♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ନାକଟିଦେଉଳ
ଜି: ସମ୍ବଲପୁର-୭୬୮୧୧୮
ମୋ : ୯୪୩୮୨୯୨୯୩୩

# କାଳକାଳ ଧରି ପଶୁତ୍ୱରୁ ଦେବତ୍ୱକୁ ଉତ୍କ୍ରମଣର ବାଟ ଦେଖାଇ ଆସିଛି ସାହିତ୍ୟ : ପ୍ରଦୀପ କୁମାର ରାୟ

**ପ୍ରଦୀପ କୁମାର ରାୟ** ଓଡିଆ ଓ ବଙ୍ଗଳା ସାହିତ୍ୟ ମଧ୍ୟରେ ସେତୁଟିଏ ବାନ୍ଧିବାର ପ୍ରଚେଷ୍ଟାରେ ଲାଗନ୍ତି ଅନନ୍ୟ । ଦେଖିଥିବା, ଶୁଣିଥିବା, ଅନୁଭବ ଓ ବିବ୍ରତ କରିଥିବା ଚିତ୍ରକୁ ଆଙ୍କିବାର ଦକ୍ଷତା ତାଙ୍କ ସୃଷ୍ଟିଶୀଳତାର ଆଧାର ଏବଂ ଜୀବନର ବାସ୍ତବତା ହିଁ ତାଙ୍କ ଲେଖନୀର ଅନ୍ତଃସ୍ୱର । କଳ୍ପନାର ଆକାଶରେ ମେଘ ପରି ଭାସିବା ଅପେକ୍ଷା ବାସ୍ତବତାର କଥା କହି ମନରେ ଉଠୁଥିବା ସମସ୍ତ ପ୍ରଶ୍ନର ଉତ୍ତର ଖୋଜି ପାଠକଙ୍କ ମନରେ ସମ୍ବେଦନଶୀଳତାର ବୀଜବପନ କରିବାର ନିଷ୍ଠା ରଖୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ କୁଷ୍ଠରୋଗୀ ଭିକାରୁଣୀଟିଏ । ବୟସ ବେଶି ହେଲେ ୪୦ ଭିତରେ । ହାତ ପାପୁଲିରେ, ପାଦରେ ଗୋଟିଏ ହେଲେ ଆଙ୍ଗୁଠି ନାହିଁ । ନାକ ସ୍ଥାନରେ କେବଳ ଗୋଟିଏ ବୀଭତ୍ସ କଣା । ହାତ ପାଦ ସବୁଠି ଗୁଡା ହୋଇଛି ମଇଳା କନା । ଦେହସାରା ପୂଜ ମାଛି ଭଣଭଣ । ଚାଲିବାକୁ ଅକ୍ଷମ, ପିଚାରେ ଗୋଟିଏ ରବର୍ ବାନ୍ଧି ଘୁଷୁରି ଘୁଷୁରି ଘରକୁ ଘର ବୁଲି ଭିକମାଗି ଦିନକର ଖାଇବା ଯୋଗାଡ଼ କରୁଛି । ଧରି ନିଅନ୍ତୁ ଆମେ ଅନେକେ ଏହି ଦୃଶ୍ୟ ଦେଖୁଛୁ ଏବଂ ଆମମାନଙ୍କ ମନରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହେଉଛି । ତାକୁ ଦେଖିଲେ କାହାକୁ ବାନ୍ତି ଲାଗୁଛି, କାଳେ ବାରଣ୍ଡା ଉପରକୁ ଚଢ଼ି ଆସିଲେ ରୋଗ ଜୀବାଣୁ ଛାଡ଼ିଦେଇ ଯିବ ବୋଲି ଘରମାଲିକ ଦୂର୍ ଦୂର୍ ମାର୍ ମାର୍ କରି ତଡ଼ୁଛି, ସେ ଚାଲିଗଲା ପରେ ଗରମ୍ ପାଣିରେ ଡେଟଲ ପକାଇ ବାରଣ୍ଡା ସଫା କରୁଛି, କେହି ପୁଣ୍ୟ ଅର୍ଜନ କରିବା ପାଇଁ ବାସି ରୁଟି କି ମୁଠାଏ ଚାଉଳ ଅଜାଡ଼ି ଦେଉଛି । ଏମିତି କେତେ କ'ଣ । ଘୃଣା, ବିରକ୍ତି, ଅପମାନ, ଲାଞ୍ଛନାକୁ ସାଥି କରି ସେ ଜୀଇଁଛି । କିନ୍ତୁ ଜଣେ ସୃଜନଶୀଳ ସ୍ରଷ୍ଟା ଯେତେବେଳେ ଏଭଳି ଦୃଶ୍ୟ ଦେଖୁଛି, ତା'ର ଭିତରେ କିଛି ଅଜବ୍ ପ୍ରଶ୍ନ ଜନ୍ମ ନେଉଛି (୧) ଯେତେ କଷ୍ଟକରି ଏହି ଭିକାରୁଣୀ ଦିନକର ଖାଦ୍ୟ ଯୋଗାଡ଼ କରୁଛି, ତାଠାରୁ ଖୁବ୍ ଅଳ୍ପ କଷ୍ଟକରି ବିଷ ଟିକେ ଯୋଗାଡ଼ କରି ଖାଇଦେଇ ଚିରଦିନ ପାଇଁ ଏହି ଅଭିଶପ୍ତ ଜୀବନରୁ ମୁକ୍ତି ପାଇ ପାରନ୍ତା । ସିଏ ସେଭଳି ନ କରି ଏମିତି ହୀନିମାନ ହୋଇ ବଞ୍ଚି ରହିଛି କାହିଁକି ? (୨) ମଣିଷ ତ ସ୍ୱପ୍ନକୁ ଆଶ୍ରା କରି ବଞ୍ଚି ରହେ ତେବେ ଏହି ଭିକାରୁଣୀ କେଉଁ ସ୍ୱପ୍ନକୁ ଆଶ୍ରା କରି ବଞ୍ଚି ରହିଛି ? (୩) ଏମିତି ବଞ୍ଚି ରହିବାର ରହସ୍ୟ କ'ଣ ? ଏଭଳି ଅନେକ ପ୍ରଶ୍ନ ସୃଜନଶୀଳ ସ୍ରଷ୍ଟାକୁ ବିଚଳିତ କରୁଥାଏ । ଉତ୍ତର ଖୋଜୁ ଖୋଜୁ ବିତିଯାଏ ଦିନ ପରେ ଦିନ, ମାସ ପରେ ମାସ, ହୁଏତ ବର୍ଷ ପରେ ବର୍ଷ, ଆଉ ଯଦି ହଠାତ୍ କେବେ ମିଳିଯାଏ ଉତ୍ତର ତାହାହେଲେ ସେହି ଉତ୍ତର ହୁଏତ ଶିଳ୍ପ ରୂପ ନେଇଥାଏ । ଜୀବନରେ ଦେଖିଥିବା, ଶୁଣିଥିବା, ଅନୁଭବ କରିଥିବା ଏମିତି ଅନେକ କିଛି ଯେତେବେଳେ ବିବ୍ରତ କରିଛି, ବିଚଳିତ କରିଛି, ମୁଁ ଖୋଜିଛି ତାହାର ଉତ୍ତର - ଆଉ ସେହି ଉତ୍ତର ଶବ୍ଦ ହୋଇ ଉତୁରି ପଡ଼ିଛି କାଗଜରେ । ଜୀବନର ସେମିତି କିଛି ଅନୁଭବର ପ୍ରଥମ ସ୍ଫୁରଣ ଘଟିଥିଲା ଗୋଟିଏ ଗପ ଭାବରେ । 'ଅନନ୍ତ ଆକାଶ' ଶୀର୍ଷକରେ ଗପଟି ପ୍ରକାଶ ପାଇଥିଲା ୧୯୭୭ ମସିହା ଡିସେମ୍ବର ମାସର 'ସପ୍ତର୍ଷି' ପତ୍ରିକାରେ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଜୀବନ ଯେତିକି ଶିଖାଏ ତାଠାରୁ ଅଧିକ କେହି କ'ଣ କେବେ ଶିଖାଇ ପାରେ କି...! ସବୁବେଳେ ତେଣୁ ଜୀବନ ହିଁ ମୋର ଶିକ୍ଷା ଗୁରୁ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ଅନେକ ବିଖ୍ୟାତ ବ୍ୟକ୍ତି ଏହି ପ୍ରଶ୍ନର ଉତ୍ତର ନିଜ ନିଜ ବାଗରେ ଦେଇ ସାରିଛନ୍ତି । ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ନୁହେଁ ଏହାର ଉତ୍ତର ହୁଏତ ଠିକ୍ ଭାଷାରେ ମୁଁ ବ୍ୟକ୍ତ କରିବାକୁ ଅସମର୍ଥ । ବିଜ୍ଞାନ କହେ ସଭ୍ୟତାର ପ୍ରାକ୍କାଳରେ ପଶୁ ଓ ମଣିଷ ଭିତରେ କୌଣସି ପ୍ରଭେଦ ନଥିଲା । ପଶୁ ଓ ମଣିଷ ଉଭୟେ ଜନ୍ମଗ୍ରହଣ କରୁଥିଲେ, ଖାଦ୍ୟ ଗ୍ରହଣ କରୁଥିଲେ, ଦେହର କ୍ଷୁଧା ଉପଶମ କରୁଥିଲେ, ଛୁଆପିଲା ଜନ୍ମ କରୁଥିଲେ, ରୋଗରେ ଆକ୍ରାନ୍ତ ହେଉଥିଲେ ଆଉ ବୁଢ଼ା ହୋଇ ମରୁଥିଲେ । କିନ୍ତୁ ପଶୁ ସେତେବେଳେ ଯେଉଁଠାରେ ଥିଲା ଆଜି ବି ସେହିଠାରେ ରହିଛି ଅଥଚ ମଣିଷ କେତେ ଆଗକୁ ଚାଲି ଆସିଛି । ଏହା କିପରି ସମ୍ଭବ ହେଲା ...! କାଳକାଳ ଧରି ମଣିଷକୁ ପଶୁତ୍ୱରୁ ଦେବତ୍ୱକୁ ଉତ୍କ୍ରମଣର ବାଟ ଦେଖାଇ ଆସିଛି ସାହିତ୍ୟ । ଦେବତ୍ୱକୁ ଉତ୍କ୍ରମଣର ବାଟ ଦେଖାଇବା ଅର୍ଥ ମଣିଷକୁ ଦେବତା କରିଦେବା ନୁହେଁ... ଅନ୍ତତଃ ପଶୁତ୍ୱରୁ ମୁକ୍ତି ଦେଇ ମଣିଷ ହେବା ପାଇଁ ପ୍ରେରିତ କରିବା, ଅପର ପ୍ରତି ସାମାନ୍ୟ ସମ୍ବେଦନଶୀଳ କରାଇବା - ଆଉ ସେତିକି କରିବାର ପ୍ରୟାସ କରିପାରିଲେ, ସାହିତ୍ୟ ସୃଷ୍ଟି ସାର୍ଥକତା ହାସଲ କରିଥାଏ ।

■ ଆପଣ ଏକାଧାରରେ ଜଣେ କବି, କଥାକାର ଓ ଅନୁବାଦକ । ତେବେ କୋଉଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ ? କୋଉ ବିଭାଗ ଦେଇଛି ବେଶୀ ଆତ୍ମତୃପ୍ତି ଓ କାହିଁକି ?

■■ ଗପ ହେଉ କି ଉପନ୍ୟାସ, କବିତା ହେଉ କି ଜୀବନୀ - ସାହିତ୍ୟର ଯେତେ ଯେତେ ବିଭାଗ ଅଛି ସବୁ ମୋ'ର ପ୍ରିୟ । ଗପରୁ ଲେଖିବା ଆରମ୍ଭ କରିଥିଲି, କିନ୍ତୁ ବିଶ୍ୱସାହିତ୍ୟ ତଥା ଭାରତୀୟ ସାହିତ୍ୟ ସହିତ ପରିଚିତ ହେବା ପରେ ମୋର ହୃଦବୋଧ ହୋଇଥିଲା ଯେ ମୁଁ ଯାହା ଲେଖୁଛି ସେସବୁ କେତେ ଅର୍ଥହୀନ । ଆଃ ... ମୁଁ ଏପରି ଲେଖିପାରନ୍ତି କି ..! ମୋର ଏହି ବ୍ୟର୍ଥତାରୁ ହିଁ ଅନ୍ୟ ଭାଷାର ଅସାଧାରଣ ସୃଷ୍ଟି ଯାହା ମୋତେ ଆଲୋଡିତ କରିଛି, ସେସବୁ ଅନୁବାଦ କରି ମୋର ବ୍ୟର୍ଥ ଲେଖକୀୟ ଜୀବନକୁ କିଛିଟା ତୃପ୍ତି ଦେବାର ଚେଷ୍ଟା କରିଛି । ଗଳ୍ପ, କବିତା, ଅନୁବାଦ ଇତ୍ୟାଦି ଇତ୍ୟାଦି ବ୍ୟତୀତ ମୁଁ ଏଯାବତ୍ ତିନିଶହରୁ ଉର୍ଦ୍ଧ୍ୱ 'ଫିଚର୍' ଲେଖିଛି । ଅନେକ ବର୍ଷ ତଳେ ମୋତେ ସର୍ବପ୍ରଥମେ 'ସାଗରିକା ଫିଚର୍ ସମ୍ମାନ' ପ୍ରଦାନ କରି ଆପଣ ସମ୍ବର୍ଦ୍ଧିତ କରିଥିଲେ । ମୋତେ ଫିଚର୍ ଲେଖିବା ପାଇଁ ଆପଣଙ୍କ ବ୍ୟତୀତ କବି ସମ୍ପାଦକ ସୁନୀଲ କୁମାର ପୃଷ୍ଟି, କବି ସମ୍ପାଦକ ଅକ୍ଷୟ ବେହେରା, ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରା ଏବଂ କବି ସମ୍ପାଦିକା ଗାୟତ୍ରୀବାଳା ପଣ୍ଡା, ଆପଣମାନେ ସମସ୍ତେ ମୋତେ ଯେଭଳି ଭାବରେ ପ୍ରେରିତ କରିଛନ୍ତି, ସେଥିପାଇଁ ମୁଁ ଆପଣମାନଙ୍କ ନିକଟରେ କୃତଜ୍ଞ । କିନ୍ତୁ ମୋ ପିଠିରେ କେବଳ 'ଅନୁବାଦକ' ର ଲେବୁଲ୍ ମାରି ଦିଆଯାଇଛି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଙ୍କଟରେ ? ଏହି ପ୍ରଶ୍ନ ଆମପରି ସହରୀ ମଣିଷମାନଙ୍କର, ଆମେ ଯେଉଁମାନେ କେବେ ଓଡ଼ିଆ ପତ୍ରିକାଟିଏ କିଣୁନା, ଓଡ଼ିଆ ପଢୁନା, ନିଜ ଛୁଆ ପିଲାଙ୍କୁ ଓଡ଼ିଆ ମିଡିଅମ୍ ସ୍କୁଲରେ ପଢାଉନା - ଆମେ ସେହିମାନେ ହିଁ ମାତୃଭାଷା ଏବେ ସଙ୍କଟରେ ବୋଲି ବେଶି ଚିତ୍କାର କରିଥାଉଁ । ସଭାମଞ୍ଚରେ ଯେତେବେଳେ କୌଣସି ରାଜନୈତିକ ନେତା 'ମାତୃଭାଷା ସଂକଟରେ' ବୋଲି ଗଭୀର ଉଦ୍‌ବେଗ ପ୍ରକାଶ କରନ୍ତି, ମୋତେ ସେତେବେଳେ ଭୀଷଣ ହସ ମାଡ଼େ । ଗାଁ ଗହଳରେ ଲୋକଙ୍କ ପାଇଁ କିନ୍ତୁ ମାତୃଭାଷା ଆଦୌ ସଂକଟରେ ନାହିଁ । କାରଣ ମାତୃଭାଷାର ବିକଳ୍ପ ବୋଲି ତାଙ୍କ ପାଖରେ ଆଉ ଅନ୍ୟ କିଛି ନାହିଁ । ମାତୃଭାଷାରେ ହିଁ କେବଳ ସେମାନେ ସେମାନଙ୍କର ଭାବ ପ୍ରକାଶ କରିଥାନ୍ତି ।

■ ଅନୁବାଦ ବିଭାଗରେ କାମ କଲାବେଳେ ଲାଗିଛି ଆପଣ ଯେଉଁ ସବୁ କୃତିକୁ ବୃହତ୍ ପାଠକ ସମାଜ ଆଗରେ ଠିଆ କରୁଛନ୍ତି, ସେସବୁ ଓଡ଼ିଆ ସାହିତ୍ୟର ପ୍ରତିନିଧିତ୍ୱ କରିପାରିବ ?

■■ ଏହି ପ୍ରଶ୍ନର ଉତ୍ତର ଦେବାକୁ ମୁଁ କିଏ ? ପାଠକମାନେ ହିଁ ତା'ର ସଠିକ୍ ଉତ୍ତର ଦେଇପାରିବେ । ହଁ, କେବଳ ଏତିକି ମୁଁ ଦୃଢ଼ ଭାବରେ କହିପାରିବି ଯେ ଅନ୍ୟ ଭାଷାରୁ ଓଡ଼ିଆକୁ କିମ୍ବା ଓଡିଆରୁ ଅନ୍ୟ ଭାଷାକୁ ଅନୁବାଦ କରି, ମୁଁ ଅଳିଆ ଆବର୍ଜନା ଏଠାରେ ବା ଅନ୍ୟତ୍ର ଜମା କରି ସାହିତ୍ୟର ପରିବେଶକୁ ନଷ୍ଟ କରୁନାହିଁ ।

■ ଆମେ ପ୍ରତିବେଶୀ ସାହିତ୍ୟକୁ ଯେତିକି ଗୁରୁତ୍ୱ ଦେଉଛୁ, ପ୍ରତିବେଶୀମାନେ ଆମ ସାହିତ୍ୟକୁ ସେତିକି ଗୁରୁତ୍ୱ ଦେଉ ନଥିବାର ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ଓଡିଆ ସାହିତ୍ୟ ଜାତୀୟ ସ୍ତରରେ ସାମିଲ ହୋଇପାରିବ ?

■■ ମୁଁ ବହୁତ ଭଲ ରୋଷେଇ କରେଁ କିନ୍ତୁ ଆପଣଙ୍କୁ କେବେ ବି ମୁଁ ରୋଷେଇ କରିଥିବା ଖାଦ୍ୟ ଚାଖିବାକୁ ନଦେଇ ଯଦି କହିବି ଯେ ମୁଁ ରୋଷେଇ କରିଥିବା ଖାଦ୍ୟକୁ ଆପଣ ଆଦୌ ଗୁରୁତ୍ୱ ଦେଉନାହାନ୍ତି - ତାହାହେଲେ ମୋର ଅଭିଯୋଗ କେତେ ମୂଲ୍ୟହୀନ ମନେହେବ - ନୁହେଁ ! ଆଗ ନିଜ ଦ୍ରବ୍ୟ ଅନ୍ୟମାନଙ୍କୁ ପରଷି ସାରିବା ପରେ ଯଦି ସେମାନେ ତାହା ଗ୍ରହଣ ନ କରନ୍ତି, ତେବେ ହୁଏତ ଆମର ଅଭିଯୋଗ ଯଥାର୍ଥ ବୋଲି ବିଚାର କରିବା । ଆମର ସାହିତ୍ୟ କେବଳ ପ୍ରତିବେଶୀଙ୍କ ପାଖରେ ନୁହେଁ ବିଶ୍ୱ ଦରବାରରେ ମଧ୍ୟ ଅନ୍ୟାନ୍ୟ ସାହିତ୍ୟର ସମକକ୍ଷ । କେତୋଟି ଉଦାହରଣ ଦେବି.... (୧) ମୁଁ ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଖର କବି ପ୍ରଦୀପ କୁମାର ପଣ୍ଡାଙ୍କ କିଛି କବିତା ବାଂଲାରେ ଅନୁବାଦ କରିଥିଲି । ସେହି ଅନୂଦିତ କବିତା ସଙ୍କଳନ 'ନିର୍ବାଚିତ କବିତା' ପଢ଼ି ବାଂଲାରୁ ଗ୍ରୀକ୍ ଭାଷାକୁ ଅନୁବାଦ କରୁଥିବା ଅନୁବାଦକ ଉଜ୍ଜ୍ୱଳ ଘୋଷ ଏତେ ମୁଗ୍ଧ ହୋଇଥିଲେ ଯେ, ସେହି ସଂକଳନର କିଛି କବିତା ଗ୍ରୀକ୍ ଭାଷାରେ ଅନୁବାଦ କରିଥିଲେ । ଗ୍ରୀକ୍ ଭାଷାରେ ତାହା ପ୍ରକାଶିତ ହେବା ପରେ ଗ୍ରୀକ୍ ଭାଷାର କବି, ଲେଖକ ତଥା ସାହିତ୍ୟ ପ୍ରେମୀମାନଙ୍କ ଦ୍ୱାରା ସେସବୁ କବିତା ଉଚ୍ଚ ପ୍ରଶଂସିତ ହୋଇଥିଲା । (୨) ସମକାଳୀନ ଓଡ଼ିଆ ଭାଷାର ବିଖ୍ୟାତ ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କର ଗୋଟିଏ ଗଳ୍ପ ମୁଁ ବାଂଲା ଭାଷାରେ ଅନୁବାଦ କରିଥିଲି ଏବଂ ସେହି ଗଳ୍ପଟି ବାଂଲା 'ଅନୁବାଦ ପତ୍ରିକା'ରେ ପ୍ରକାଶ ପାଇବା ପରେ ଅନ୍ତତଃ ଚାରି ପାଞ୍ଚ ଜଣ ବାଂଲା ପତ୍ରିକାର ସମ୍ପାଦକ ତରୁଣକାନ୍ତି ମିଶ୍ରଙ୍କ ଗଳ୍ପର ଅନୁବାଦ ପଠାଇବା ପାଇଁ ମୋତେ ଅନୁରୋଧ କରିଥିଲେ । ସବୁଠାରୁ ଆହୁରି ଅଧିକ ଆନନ୍ଦର ବିଷୟ ଏହିକି ଯେ, ବାଂଲାରୁ ଫରାସୀ ଭାଷାରେ ଅନୁବାଦ କରୁଥିବା ଖ୍ୟାତନାମା ଅନୁବାଦିକା ଜୟା ଚୌଧୁରୀ ମୋତେ ଲେଖିଥିଲେ - 'ଆମେ ବିଶ୍ୱ ସାହିତ୍ୟ ପଢୁଛୁ, ଅଥଚ ଆମର ନିକଟତମ ପଡୋଶୀ ଓଡ଼ିଶାର ସାହିତ୍ୟରେ ତରୁଣକାନ୍ତି ମିଶ୍ରଙ୍କ ଭଳି ଗାଳ୍ପିକ ଅଛନ୍ତି, ଆମେ ସେହି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ଦୟାକରି ଆପଣ ମୋତେ ତରୁଣକାନ୍ତି ମିଶ୍ରଙ୍କ ଅନ୍ତତଃ ପନ୍ଦରଟି ଗଳ୍ପର ଅନୁବାଦ ପଠାଇବେ । ମୁଁ ସେହି ଅନୂଦିତ ଗଳ୍ପ ସବୁକୁ ବାଂଲା ପତ୍ରିକାରେ ପ୍ରକାଶ କରାଇବା ସହ ଫରାସୀ ଭାଷାରେ ଅନୁବାଦ କରିବାର ପ୍ରୟାସ କରିବି । 'ମୋର ଆଖିରେ ଘା' ହୋଇ ମୁଁ ଚିକିତ୍ସାରେ ଥିବାରୁ ଏଯାବତ୍ ତାଙ୍କୁ କେବଳ ତିନୋଟି ଗଳ୍ପର ଅନୁବାଦ ପଠାଇ ପାରିଛି ଏବଂ ସେଗୁଡ଼ିକୁ ସେ ତିନୋଟି ବାଂଲା ପତ୍ରିକାରେ ପ୍ରକାଶ କରାଇଛନ୍ତି । (୩)'ବାଂଲା' ଉନିଶେ ମେ' ପତ୍ରିକାର ପ୍ରତିବେଶୀ ସାହିତ୍ୟ ବିଶେଷାଙ୍କ ପାଇଁ ସମ୍ପାଦକ ମହାଶୟ ମୋତେ ଅନ୍ତତଃ ଦଶଟି ଓଡ଼ିଆ କବିତାର ବାଂଲା ଅନୁବାଦ ପଠାଇବା ପାଇଁ ଅନୁରୋଧ କରିଥିଲେ । ମୁଁ ତାଙ୍କୁ ୧୬ଟି ଓଡ଼ିଆ କବିତାର ବାଂଲା ଅନୁବାଦ ପଠାଇ ତାଙ୍କର ପସନ୍ଦ ଅନୁସାରେ ୧୦ଟି ବାଛି ଗ୍ରହଣ କରିବା ପାଇଁ ଲେଖିଥିଲି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପତ୍ରିକାରେ ୧୬ଟି ଯାକ କବିତା ସେ ପ୍ରକାଶ କରିଥିଲେ । ଓଡ଼ିଆ କବିତାର ଦମ୍ଭ ନଥିଲେ ତାଙ୍କ ପତ୍ରିକାର ଗୋଟିଏ ସଂଖ୍ୟାରେ ୧୬ଟି କବିତାର ଅନୁବାଦ କ'ଣ ସେ ପ୍ରକାଶ କରିଥାନ୍ତେ ? (୪) ଠିକ୍ ସେହିପରି 'ଦୌଡ଼' ବାଂଲା ପତ୍ରିକାର ଭାରତୀୟ ଅଣୁଗଳ୍ପ ବିଶେଷାଙ୍କରେ ମୋର ଅନୂଦିତ ୧୦ ଟି ଓଡ଼ିଆ ଗଳ୍ପର ଅନୁବାଦ ପ୍ରକାଶ ପାଇଥିଲା । ତଥାପି କ'ଣ ଓଡ଼ିଆ ଗଳ୍ପର ଗ୍ରହଣଶୀଳତାକୁ ସନ୍ଦେହ କରାଯାଇ ପାରିବ ? ତେଣୁ ଆମ ସାହିତ୍ୟକୁ ପ୍ରତିବେଶୀମାନେ ଗୁରୁତ୍ୱ ଦିଅନ୍ତି ନାହିଁ... ଏକଥା ମୁଁ ଆଦୌ ଗ୍ରହଣ କରି ପାରୁନାହିଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଏହି ପ୍ରଶ୍ନର ପ୍ରଥମ ଭାଗ ସମ୍ପର୍କରେ କେବଳ ଏତିକି କହିବି ଯେ, ଠିକ୍ ସମୟରେ ଠିକ୍ କୃତି ପୁରସ୍କୃତ ହେଲେ ତାହାର ସ୍ରଷ୍ଟା ହୁଏତ କିଛି ପରିମାଣରେ ଉତ୍‌ଫୁଲ୍ଲିତ ହୋଇଥାନ୍ତି, କିନ୍ତୁ କୌଣସି ପୁରସ୍କାର ବିନା ମଧ୍ୟ ବହୁ ମହାନ୍ ସ୍ରଷ୍ଟା ଅନେକ କାଳଜୟୀ ସୃଷ୍ଟି ଆମକୁ ଉପହାର ଦେଇ ଧନ୍ୟ କରିଯାଇଛନ୍ତି । ପ୍ରଶ୍ନର ଦ୍ୱିତୀୟ ଭାଗ ସମ୍ପର୍କରେ କହିବି - ଏବେ ମଣିଷ ଭାବୁଛି ଈଶ୍ୱର ତାକୁ ପୃଥିବୀର ଏକଚାଟିଆ ମାଲିକାନା ଦେଇଛନ୍ତି ଫଳରେ ସେ ଗଛବୃଛ, ନଈନାଳ, ପାହାଡ ପର୍ବତ, କୀଟ ପତଙ୍ଗ, ପଶୁପକ୍ଷୀ ଏବଂ ଅପରମଣିଷ ପ୍ରତି ସହନଶୀଳତା ହରାଇ ବସୁଛି ଏବଂ ଯଦି ମଣିଷ ତା'ର ଏହି କ୍ରୁର ଭାବନାକୁ ଲଗାମ୍ ନଦିଏ ତାହାହେଲେ ପୃଥିବୀ କ୍ରମଶଃ ସେହି ମଣିଷ ପାଇଁ ହିଁ ଏକ ରୁକ୍ଷ କର୍କଶ ନର୍କରେ ରୂପାନ୍ତରିତ ହୋଇଯିବ । ମାଟିକୁ, ପାଣିକୁ, ପବନକୁ, ଗଛବୃଛକୁ, ନଈକୁ, ନାଳକୁ, ପାହାଡ଼କୁ, ପର୍ବତକୁ, କୀଟ ପତଙ୍ଗ ପଶୁପକ୍ଷୀଙ୍କୁ ସର୍ବୋପରି ଅପରମଣିଷଙ୍କୁ ପ୍ରାଣଭରି ଭଲପାଇବାର ବାର୍ତ୍ତା ଯଦି ସାହିତ୍ୟ ମାଧ୍ୟମରେ ଯାଇ ପାରିବ, ତେବେ ସାହିତ୍ୟ ମଣିଷ ସହିତ ମଣିଷର, ମଣିଷ ସହିତ ପ୍ରକୃତିର ଏବଂ ମଣିଷ ସହିତ ଈଶ୍ୱରଙ୍କ ମଧ୍ୟରେ ଅନ୍ତରଙ୍ଗ ଯୋଗସୂତ୍ର ସ୍ଥାପନ କରାଇବାରେ ସମର୍ଥ ହେବ । ମୁଁ ଭାବେ, ସାହିତ୍ୟ ଆଉ କିଛି ନହେଲେ ବି ମୋତେ ଅନ୍ତତଃ ଏତିକି ଶିଖାଉ....

'ଯୋଉଠି ଯେତେବେଳେ ଯିଏବି କାନ୍ଦୁ,
ତାଆରି ପାଖରେ ଛିଡ଼ା ହୁଅନ୍ତି ଘଡ଼ିଏ --
କହନ୍ତି, 'ମଣିଷ ତୁ କାନ୍ଦନାରେ'....!

■ ଅଳ୍ପରେ
ପ୍ରଦୀପ କୁମାର ରାୟ



ଜନ୍ମ - ୦୫-୦୪- ୧୯୫୬
ଅବସରପ୍ରାପ୍ତ ଅଧ୍ୟକ୍ଷ , କୁଚିଣ୍ଡା ମହାବିଦ୍ୟାଳୟ
କୁଚିଣ୍ଡା, ସମ୍ବଲପୁର-୭୬୮୨୨୨
(ମୋ) ୯୪୩୭୫୩୪୭୭୩

■ ପ୍ରକାଶିତ ସୃଷ୍ଟି ସମ୍ଭାର

**ଜୀବନୀ**
କାରାକାହାଣୀ -ମୂଳ ବାଂଲା -ଶ୍ରୀଅରବିନ୍ଦ
ଇତିବୃତ୍ତେ ଚଣ୍ଡାଳ ଜୀବନ - ମୂଳ ବାଂଲା - ମନୋରଞ୍ଜନ ବ୍ୟାପାରୀ
ସାର୍ ବାସୁଦେବ ସୁଢଳଦେବ ଜୀବନୀ - ମୂଳ ବାଂଲା - ଚଣ୍ଡୀଚରଣ ବନ୍ଦ୍ୟୋପାଧ୍ୟାୟ
ଜୀବନର ଝରା କଲମ - ମୂଳ ବାଂଲା - ଚିନ୍ମୟ ବସୁ
ବବ୍ ଡିଲାନ୍ : ଅନ୍ତହୀନ ଯାତ୍ରା - ମୂଳ ବାଂଲା - ଶ୍ୟାମଶ୍ରୀ ରାୟ କର୍ମକାର

**କବିତା**
ପ୍ରେମ ଓ ମୃତ୍ୟୁର କବିତା - ମୂଳ ବାଂଲା - ଜୟ ଗୋସ୍ୱାମୀ
ଯାହାର ଯାହା ହଜିଯାଇଛି - ମୂଳ ବାଂଲା - ସୁନୀଲ ଗଙ୍ଗୋପାଧ୍ୟାୟ
ଟିକେରୁହ - ମୂଳ ବାଂଲା - ତସଲିମା ନାସରିନ୍
ଭଲପାଏ ବୋଲି ତ - ମୂଳ ବାଂଲା - ଶ୍ୟାମଳୀ ସେନଗୁପ୍ତ
ଓଡ଼ିଆରୁ ବାଂଲା ଅନୁବାଦ କବିତା ସଂକଳନ
ମାୟାନ୍ଧକାର - ମୂଳ ଓଡ଼ିଆ - ମମତା ଦାଶ
ନିର୍ବାଚିତ ୫୦ - ମୂଳ ଓଡ଼ିଆ - ପ୍ରଦୀପ କୁମାର ପଣ୍ଡା
ଏରାଓ ଜାୟଗା ପାବେ ଜୀବନ - ମୂଳ ଓଡ଼ିଆ - ଦେବୀଦାସ ମିଶ୍ର
ସମକାଳୀନ ଓଡ଼ିଆ କବିତା ( ପ୍ରତ୍ୟେକଙ୍କର ପାଞ୍ଚଟି ଲେଖାଏଁ କବିତାକୁ ନେଇ ୫୦ ଜଣ ସମକାଳୀନ ଓଡ଼ିଆ କବିଙ୍କର ଓଡ଼ିଆ କବିତାର ବାଂଲା ଅନୁବାଦ ସଂକଳନ - ଯଂତ୍ରସ୍ଥ)

**ଗଳ୍ପ**
ମୌଳିକ ଗଳ୍ପ ପୁସ୍ତକ...
ଡାଏରୀ ଗପ - ପ୍ରଦୀପ କୁମାର ରାୟ
ଅନୂଦିତ ଗଳ୍ପ ସଂକଳନ...
ପ୍ରତିବେଶୀଙ୍କ ପ୍ରେମଗଳ୍ପ ସଂକଳନ - କେତୋଟି ବଙ୍ଗଳାପ୍ରେମଗଳ୍ପର ମନୋଜ୍ଞ ଅନୁବାଦ
ରୂପକାର ରାଜକନ୍ୟାମାନେ - ମୂଳ ବାଂଲା - ବିତସ୍ତା ଘୋଷାଲ
ନୀଳ ନିମନ୍ତ୍ରଣ - ଶ୍ରୀଜଗନ୍ନାଥ ଆଧାରିତ ୧୬ଟି ବଙ୍ଗଳା ଗଳ୍ପର ଅନୁବାଦ ସଂକଳନ
ରସିକ୍ ସାରଙ୍କ ଘୋଡ଼ା - ମୂଳ ବାଂଲା - ଜୟନ୍ତ ଦେ
ଗଳ୍ପ ସମଗ୍ର - ମୂଳ ରଚନା - ଗାବ୍ରିୟେଲ୍ ଗାର୍ସିଆ ମାର୍କେଜ ( ଯଂତ୍ରସ୍ଥ )

**ଉପନ୍ୟାସ**
ପ୍ରାଣତରଙ୍ଗ - ମୂଳ ବାଂଲା - ହର୍ଷ ଦତ୍ତ
ଉଜାଣି ଯାତ୍ରା - ମୂଳ ବାଂଲା - ବାଣୀ ବସୁ
ହେ ମହାଜୀବନ - ମୂଳ ବାଂଲା - ସୁନୀଲ ଗଙ୍ଗୋପାଧ୍ୟାୟ
ସହିଷ୍ଣୁ ପାଷାଣ - ମୂଳ ଫରାସୀ - ଆତିକ୍ ରାଇମି
ଖଣ୍ଡିତା - ମୂଳ ବାଂଲା - ବିଦିଶା ସରକାର
ତେଜସ୍ୱିନୀ ଓ ଶବନମ୍ - ମୂଳ ବାଂଲା - କୁନାଲ ବସୁ
ତୁମକୁ ପାଇବି କୋଉଠି - ( ଶ୍ରୀଚୈତନ୍ୟଙ୍କ ଅନ୍ତର୍ଦ୍ଧାନ ରହସ୍ୟ ଆଧାରିତ )
ମୂଳବାଂଲା - ଜୟଦେବ ମୁଖାର୍ଜୀ
ଏରେନ୍ଦିରା ଓ ତାର ନିର୍ଦ୍ଦୟା ଜେଜୀମାଙ୍କ ଅବିଶ୍ୱସ୍ୟ କରୁଣ କାହାଣୀ..
- ମୂଳ ରଚନା - ଗାବ୍ରିୟେଲ ଗାର୍ସିଆ ମାର୍କେଜ
ହୃଦୟର ଅଣ୍ଡିରା ବାଛୁରୀ - ମୂଳ ବାଂଲା - ସଞ୍ଜୀବ ଚଟ୍ଟୋପାଧ୍ୟାୟ

**ପ୍ରବନ୍ଧ**
ସମାଜ ତତ୍ତ୍ୱର ସଙ୍କଟ : ବିଶ୍ୱ ସଙ୍କଟ - ମୂଳ ବାଂଲା - ଜ୍ୟୋତି ଭଟ୍ଟାଚାର୍ଯ୍ୟ
ଶ୍ରୀଜଗନ୍ନାଥ : ଭାବ, ଶାସ୍ତ୍ର, ତତ୍ତ୍ୱ - ମୂଳ ବାଂଲା - ଶେଖ୍ ମକବୁଲ୍ ଇସଲାମ୍
ଗଦ୍ୟ ଓ ପଦ୍ୟର ଦ୍ୱନ୍ଦ୍ୱ- ଶିଶିର କୁମାର ମୁଖୋପାଧ୍ୟାୟ
ସାହିତ୍ୟର ସ୍ୱରୂପ - ମୂଳ ରଚନା - ରବୀନ୍ଦ୍ରନାଥ ଠାକୁର



ସୁଖୀ ପରିବାର : ପରିବାର ସଦସ୍ୟଙ୍କ ସହ ଲେଖକ ପ୍ରଦୀପ କୁମାର ରାୟ ......




ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

## ପ୍ରଥମ ବିଦେଶ ଯାତ୍ରା

**ନନ୍ଦିତା ମହାନ୍ତି**

# ମୋ ଝର୍କାରୁ ଆମେରିକା...

ଭାଗ-୨୧



**ଆମେସବୁ ପିଲାମାନେ ସ୍କୁଲରୁ ଫେରି ପଡିଆରେ ପିଟୁ, ବୋହୁଚୋରି, ଗୁଳିଦଣ୍ଡା ଆଦି ଖେଳୁଥିଲା ବେଳେ ଜନ୍ ଓ ଜୋସେଫ ଜୁଲୁଜୁଲୁ କରି ଚାହିଁଥାନ୍ତି ତାଙ୍କର ଗେଟ ସେପାଖୁ । ସେମାନେ କେବେହେଲେ ଆମ ସହିତ ଖେଳନ୍ତିନି । କେବେ କେବେ ଦୁଇ ଭାଇ ଗେଟ ଭିତରେ ଥିବା ଲନରେ ବ୍ୟାଡମିଣ୍ଟନ ଖେଳନ୍ତି । ସେମାନଙ୍କୁ ଦେଖିଲେ ଲାଗେ ସେମାନେ ଆମ ସହିତ ଖେଳିବାକୁ ଚାହାଁନ୍ତି କାରଣ ଆମକୁ ଏତେ ଖୁସିରେ ଖେଳୁଥିବାର ଦେଖି ସେମାନଙ୍କ ଆଖିରେ ଚିକଚିକ କରୁଥାଏ ଏକ ଅବ୍ୟକ୍ତ ଖୁସି ।**

ଠିକ ହେଲା ଯେ ଟାଇମ ସ୍କୋୟାର ଯିବା ପୂର୍ବରୁ ଆମେ ସେଣ୍ଟ ପଲ୍ସ ଚାପେଲ ଦେଖିବାକୁ ଯିବା । ମୋ ଭିତରେ ମଧ ଚାପେଲ ବା ଚର୍ଚ୍ଚ ଦେଖିବାର ଏକ ଅବଦମିତ ଇଚ୍ଛା ଅନେକ କାଳୁ ଥିଲା । ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଠାରୁ ମାତ୍ର ୧୦୦ ଗଜ ଦୂରରେ ପୂର୍ବ ଦିଗରେ, ରାସ୍ତାର ଅପର ପାର୍ଶ୍ୱରେ ଅଛି ଏହି ଚାପେଲ ବା ଚର୍ଚ୍ଚ । ଏହି ଚାପେଲଟି ଟ୍ରିନିଟି ଚର୍ଚ୍ଚର ଏକ ଅଂଶବିଶେଷ । ସାଧାରଣତଃ ଚର୍ଚ୍ଚଗୁଡିକ ଚାପେଲ ଠାରୁ ଆକାର / ପ୍ରକାରରେ ବଡ ହୋଇଥାଏ ଓ ଚର୍ଚ୍ଚମାନଙ୍କରେ ଫାଦର ବା ପାଷ୍ଟର ଥାଆନ୍ତି ଯିଏ ଧର୍ମଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି ।କିନ୍ତୁ ଚାପେଲ ଆକାରରେ ଛୋଟ ହୋଇଥାଏ ଓ ଏଠାରେ ବିଧିବଦ୍ଧ ଭାବରେ କୌଣସି ଫାଦର କିମ୍ବା ପାଷ୍ଟର ନଥାନ୍ତି ।ଏହା ସାଧାରଣତଃ ଏକ ଉପାସନା ସ୍ଥାନ । ୧୭୬୬ ନିର୍ମିତ ଏହି ଚାପେଲଟି ହେଉଛି ମାନହଟନର ସର୍ବ ପୁରାତନ ଚର୍ଚ୍ଚ । ଏହି ଚର୍ଚ୍ଚ ଆମେରିକା ଇତିହାସର ଅନେକ ଉତ୍ଥାନପତନ ଦେଖିଛି । ବ୍ରିଟିଶ ଉପନିବେଶ ଥିବା ଆମେରିକାର ଏହି ଚର୍ଚ୍ଚର ନିର୍ମାଣ ବ୍ରିଟେନର ମହାରାଣୀ ଆନଙ୍କ ଦ୍ୱାରା ଦାନରେ ମିଳିଥିବା ଏକ ଜମିରେ ତିଆରି ଆରମ୍ଭ ହୋଇଥିଲା । ୧୭୬୪ ମସିହାରେ ଏହାର ନିର୍ମାଣ ଆରମ୍ଭ ହୋଇ ଶେଷ ହୋଇଥିଲା ୧୭୬୬ ରେ । ଏହାର ନିର୍ମାଣ ସମୟରେ ଏହା ଥିଲା ନ୍ୟୁୟର୍କ ସହରର ଉଚ୍ଚତମ କୋଠା । ଧୀରେ ଧୀରେ ତା ଚାରିପାଖରେ ଗଢି ଉଠିଲା ବଡ ବଡ ବହୁତଳ କୋଠା । ଆଉ ଏତେ ବଡ ବଡ କୋଠା ମଧ୍ୟରେ କ୍ରମଶଃ ଛୋଟ ଦିଶିଲା ଚାପେଲଟି । ରାଜନୈତିକ, ଆର୍ଥିକ ଓ ବ୍ୟବସାୟିକ କ୍ଷେତ୍ରରେ ନ୍ୟୁୟର୍କ ସହର ଏବେ ସାରା ପୃଥିବୀର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲେ ମଧ ଏହି ଚାପେଲଟି ଏବେ ମଧ ନିଜର ମହତ୍ତ୍ୱ ହରାଇ ନାହିଁ । ଆଜି ବି ସାରା ବର୍ଷ ଏଠାରେ ଦେଖଣାହାରୀଙ୍କର ଭିଡ ଦେଖିବାକୁ ମିଳେ । କୁହାଯାଏ ପ୍ରତିବର୍ଷ ସାଧାରଣ ଜନତାଙ୍କୁ ଛାଡି ଦେଲେ କେବଳ ଲକ୍ଷାଧିକ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ ଏହାକୁ ଦେଖିବାକୁ ଆସିଥାନ୍ତି ।

ଆମେ ଯାଇ ପହଞ୍ଚିଲୁ ସେଣ୍ଟ ପଲ ଚାପେଲର ଗେଟ ନିକଟରେ । ଚାପେଲ ଯାଏଁ ଯାଇଥିବା ପ୍ରବେଶ ପଥର ଦୁଇ କଡରେ ରହିଛି ତାର ଘେରା ସମାଧିସ୍ଥଳ । ସାଧାରଣତଃ ଚର୍ଚ୍ଚ ସଂଲଗ୍ନ ଚାପେଲ ହେଉଛି ଏପରି ଏକ ସ୍ଥାନ ଯେଉଁଠି ଉପାସନା ତ କରାଯାଏ ତାସହିତ ଏହାକୁ ମୃତ୍ୟୁ ପରର ବାସ ସ୍ଥାନ ବୋଲି ମଧ ବିବେଚନା କରାଯାଏ । ନିକଟ ଅତୀତରେ ମୃତ୍ୟୁବରଣ କରିଥିବା ଖ୍ରୀଷ୍ଟିୟାନମାନଙ୍କର ସର୍ବୋଚ୍ଚ ଧର୍ମଗୁରୁ , ଭାଟିକାନ ସିଟିରେ ରହୁଥିବା ପୋପ ଫ୍ରାନସିସ ଦେହତ୍ୟାଗ କଲାପରେ ତାଙ୍କୁ ବାସିଲିକା ଅଫ ସେଣ୍ଟ ମେରୀ ମେଜରରେ କବର ଦିଆ ଯାଇଥିଲା ଯାହା ପାଉଲିନ ଓ ଫୌଜା ଚାପେଲର ମଧ୍ୟବର୍ତ୍ତୀ ଅଞ୍ଚଳ । ସମାଜର ବିଭିନ୍ନ ଗଣ୍ୟମାନ୍ୟ ବ୍ୟକ୍ତି ଓ ଧର୍ମଗୁରୁମାନଙ୍କୁ ସାଧାରଣତଃ ଚାପେଲରେ କବର ଦିଆ ଯାଇଥାଏ । ସେଣ୍ଟ ପଲସ ଚାପେଲ ଭିତରକୁ ଯିବା ରାସ୍ତାର ଦୁଇକଡରେ ସେମିତି ଦେଖାଯାଏ ଶହ ଶହ କବର ।ସେହି କବର ଉପରେ ଲେଖା ଯାଇଛି କବର ତଳେ ଚିରନିଦ୍ରାରେ ଶୋଇଥିବା ବ୍ୟକ୍ତିଙ୍କର ସବିଶେଷ ବିବରଣୀ । ଆମେରିକା ଇତିହାସର କିଛି ପ୍ରମୁଖ ବ୍ୟକ୍ତି ଯେପରିକି ରିଚାର୍ଡ ମଣ୍ଟଗମେରୀ, ଜନ ହଲ୍ଟ, ୱିଲିଅମ ହୋଷ୍ଟନ, ଜର୍ଜ ଫ୍ରେଡରିକ ଆଦିଙ୍କର କବର ରହିଛି ଏଠାରେ ଯେଉଁମାନଙ୍କର ଆମେରିକାର ସ୍ୱାଧୀନତା ସଂଗ୍ରାମରେ ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା । ମେଜର ଜେନେରାଲ ରିଚାର୍ଡ ମଣ୍ଟଗମେରୀ ହେଉଛନ୍ତି ଆମେରିକା ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ବ୍ୟକ୍ତି ଯିଏ ଶତ୍ରୁପକ୍ଷଙ୍କର ଗୁଳିରେ ପ୍ରାଣ ହରେଇଥିଲେ ଓ ଜନ ହଲ୍ଟ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଆମେରିକା ସ୍ୱାଧୀନତାର ଘୋଷଣାନାମା ପ୍ରସ୍ତୁତ କରିଥିଲେ । ଆମେରିକା ଜାତିର ଜନକ ତଥା ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାସିଂଟନ ଏହି ଚାପେଲରୁ ନିଜର ରାଜନୈତିକ ଜୟଯାତ୍ରା ଆରମ୍ଭ କରିଥିଲେ ଓ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବାପରେ ଏଠାକୁ ଆସି ଦେଶବାସୀଙ୍କୁ ଉଦବୋଧନ ଦେଇଥିଲେ ।

ଆମେ ଚାପେଲ ଭିତରକୁ ଗଲୁ । ଭିତର ବାତାବରଣ ଥିଲା ଖୁବ ମନୋରମ । ଚାପେଲଟି ଗ୍ରେଗୋରିଆନ ଶୈଳୀରେ ନିର୍ମିତ । ଗ୍ରେଗୋରିଆନ ଶୈଳୀ ହେଉଛି ୟୁରୋପର ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀ ସମୟର ସ୍ଥାପତ୍ୟ କଳା । ଏହି ସ୍ଥାପତ୍ୟ କଳାର ମୁଖ୍ୟ ଆକର୍ଷଣ ହେଉଛି କୋଠାର କୋଣକୃତି ସନ୍ତୁଳିତ ଆକାର, କାନ୍ଥରେ ସାମ୍ନାସାମ୍ନି ଥିବା ଝରକା-କବାଟ ଓ ଭିତରର ସୁନ୍ଦର କାରୁକଳା । ଆଗରୁ ମୁଁ କେବେ ହେଲେ କୌଣସି ଚର୍ଚ୍ଚ ଭିତରକୁ ଯାଇ ନ ଥିଲି । ଯଦିଓ ସେମିତି ଇଚ୍ଛାଟେ ମନ ଭିତରେ ଚେକାମାଡି ବସିଥିଲା ଅନେକ କାଳୁ ।



ଆଉ ଏପରି ଗୋଟେ ଇଚ୍ଛା ପଛରେ ଥିଲା ଏକ ବଡ କାରଣ ।

ଆମେ ରାଉରକେଲାରେ ଥିଲା ବେଳେ ଆମେ ରହୁଥିବା କ୍ୱାର୍ଟରର ଶେଷମୁଣ୍ଡରେ ରହୁଥିଲେ ଜଣେ ଖ୍ରୀଷ୍ଟିୟାନ ପରିବାର । ସାମ୍ନାସାମ୍ନି ଥିବା ୮-୮ ଷୋହଳଟି କ୍ୱାର୍ଟରରେ ବିଭିନ୍ନ ରାଜ୍ୟର ଲୋକ ରହୁଥିଲେ ମଧ ସେଇ ଗୋଟିଏ ପରିବାର ଥିଲା ଖ୍ରୀଷ୍ଟିୟାନ, କୁରିଆନ ଅଙ୍କଲଙ୍କର ପରିବାର । ତାଙ୍କର ଦୁଇ ପୁଅଙ୍କ ନାଁ ଥିଲା ଜନ୍ ଓ ଜୋସେଫ । ସବୁ ପରିବାରର ପିଲାମାନେ କମ୍ପାନୀ ଦ୍ୱାରା ପରିଚାଳିତ ସ୍କୁଲରେ ପଢୁଥିଲେ ମଧ ଜନ୍ ଓ ଜୋସେଫ ପଢୁଥିଲେ କନଭେଣ୍ଟ ସ୍କୁଲରେ । ସେତେବେଳେ ଆଜିକା ପରି କନଭେଣ୍ଟ ସ୍କୁଲର ପ୍ରଚଳନ ବିଶେଷ ନ ଥିଲା କହିଲେ ଚଳେ । ଆଉ ଯେଉଁ କେତେ ଜଣ ସେଇ ସ୍କୁଲରେ ପଢୁଥିଲେ ତାଙ୍କ ପ୍ରତି ଆମ ମନରେ ଥିଲା ଅନେକ ସମିହ ଓ ସଂଭ୍ରମ । ଲାଗୁଥିଲା ସେମାନେ ଆମ ପରି ସାଧାରଣ ମଣିଷ ନୁହନ୍ତି । ସେମାନେ ଆମ ଠାରୁ କିଛି ପାହ୍ୟା ଉପରେ । କାରଣ ଆମେ ସ୍କୁଲରେ ଯେତେ ଭଲ ପାଠ ପଢିଲେ ବି ଇଂରାଜୀରେ ଫଟଫଟ କଥା କହି ପାରୁ ନ ଥିଲୁ । ଆଉ ଇଂରେଜମାନେ ଆମକୁ ଶିଖେଇ ଦେଇ ଯାଇଛନ୍ତି ଇଂରାଜୀ ହେଉଛି ଶ୍ରେଷ୍ଠ ଭାଷା । ଆଉ ତୁମେ ଯଦି ଏହି ଭାଷାକୁ ଭଲରେ ଆୟତ କରିପାରିନାହଁ ତେବେ ତୁମର ସବୁ ଶିକ୍ଷାଦିକ୍ଷା ପାଣିଚିଆ । ଏକଥା ଆଜି ମଧ ଅନେକ ମାତ୍ରାରେ ଗ୍ରହଣୀୟ । ଯେତେ ଯେତେ ଅସ୍ମିତାର କଥା କହୁଥିଲେ ମଧ ଆମେ ଆଜି ବି ସେହି ଲୋକଙ୍କୁ ଖୁବ ସମ୍ଭ୍ରମତାରେ ଚାହୁଁ ଯିଏ ତରଳସରଳ ଇଂରାଜୀରେ କଥାବାର୍ତ୍ତା କରିପାରେ ।

ଆମେସବୁ ପିଲାମାନେ ସ୍କୁଲରୁ ଫେରି ପଡିଆରେ ପିଟୁ, ବୋହୁଚୋରି, ଗୁଳିଦଣ୍ଡା ଆଦି ଖେଳୁଥିଲା ବେଳେ ଜନ୍ ଓ ଜୋସେଫ ଜୁଲୁଜୁଲୁ କରି ଚାହିଁଥାନ୍ତି ତାଙ୍କର ଗେଟ ସେପାଖୁ । ସେମାନେ କେବେହେଲେ ଆମ ସହିତ ଖେଳନ୍ତିନି । କେବେ କେବେ ଦୁଇ ଭାଇ ଗେଟ ଭିତରେ ଥିବା ଲନରେ ବ୍ୟାଡମିଣ୍ଟନ ଖେଳନ୍ତି । ସେମାନଙ୍କୁ ଦେଖିଲେ ଲାଗେ ସେମାନେ ଆମ ସହିତ ଖେଳିବାକୁ ଚାହାଁନ୍ତି କାରଣ ଆମକୁ ଏତେ ଖୁସିରେ ଖେଳୁଥିବାର ଦେଖି ସେମାନଙ୍କ ଆଖିରେ ଚିକଚିକ କରୁଥାଏ ଏକ ଅବ୍ୟକ୍ତ ଖୁସି । ହେଲେ ତାଙ୍କର ବାପମାଆ ହୁଏତ ସେକଥା ଚାହାଁନ୍ତିନି । ସେମାନେ ଘରେ ଇଂରାଜୀରେ କଥାବାର୍ତ୍ତା କରନ୍ତି । ଯାହା ଆମକୁ ଭାରି ଆଶ୍ଚର୍ଯ୍ୟ କରେ । ଆମ ମାଆ ମାଉସୀମାନେ ଘରକାମ ସରିଲା ପରସ୍ପର ଘରକୁ ଯାଇ ଗପସପ କରୁଥିଲା ବେଳେ ଜନ ଓ ଯୋଶେଫଙ୍କର ମାଆ କୁରିଆନ ଆଣ୍ଟି କିନ୍ତୁ କାହା ସହିତ କଥା ହୁଅନ୍ତିନି । ଗେଟ ବାହାରକୁ ବି ବିଶେଷ ବାହାରନ୍ତିନି । ହେଲେ ରବିବାର ଦିନ ସକାଳୁ ସକାଳୁ ସେମାନେ ହଠାତ ଚଳଚଞ୍ଚଳ ହୋଇଉଠନ୍ତି । ପରିବାରର ସମସ୍ତେ ଜାମାଯୋଡ଼ ହୋଇ ବାହାରନ୍ତି ଚର୍ଚ୍ଚ । ହମୀରପୁରରେ ଥିବା କ୍ୟାଥୋଲିକ ଚର୍ଚ୍ଚକୁ । ଜନ ଓ ଜୋସେଫ କଳା ପ୍ୟାଣ୍ଟ , ଧଳା ଫୁଲ ହାତ ସାର୍ଟ ଓ ବେକରେ ଗୋଟେ 'ବୋ' ଲଗେଇ ଯାଆନ୍ତି ଚର୍ଚ୍ଚ । ଏଇ ବେଶରେ ପୂରାପୂରି ସାହେବ ଛୁଆ ପରି ଦିଶନ୍ତି ଦୁହେଁ । କୁରିଆନ ଅଙ୍କଲଙ୍କର ସେତେବେଳେ ଗୋଟେ ଆକାଶି ରଙ୍ଗର ପୁରୁଣା ଫିଆଟ କାର ଥିଲା । ସେଇଟି ଥିଲା ସେଇ ପାଖାପାଖି ଅଞ୍ଚଳର ଏକମାତ୍ର କାର, ଯେତେବେଳେ କି ବାକି ସମସ୍ତଙ୍କ ଘରେ ଥିଲା ସାଇକେଲ କିମ୍ବା ଅତି ବେଶୀ ହେଲେ ମଟର ସାଇକେଲ ।



ରବିବାର ଦିନ ସକାଳେ କାରଟିକୁ ବାହାରକୁ ଆଣି ଅଙ୍କଲ ଧୁଆପୋଛା କରନ୍ତି । ଆଉ ତାପରେ କାର ପେଟରେ ପଶି ସମସ୍ତେ ଫୁରକିନା ବାହାରି ଯାଆନ୍ତି ଚର୍ଚ୍ଚ ଆଡେ । କାରଟି ଭୀଷଣ ଶବ୍ଦ କରି, ରାସ୍ତାରେ ଧୂଳି ଉଡେଇ ମାଡି ଯାଏ ଆଗକୁ ଆଉ ଆମ ପରି କିଛି ପିଲା, ଯେଉଁମାନେ ଗେଟ ସେପାଖୁ ଜଳକା ପରି ଚାହିଁଥାନ୍ତି ସେଇ କାରକୁ ସେମାନଙ୍କ ମୁହଁରେ ନେସି ଦେଇଯାଏ କିଛି ଧୂଆଁ ଓ ଧୂଳି ।

ସେମାନଙ୍କୁ ଦେଖି ମୋର ବି ଇଚ୍ଛା ହେଉଥିଲା ଆମେ ବି ଏମିତି ଯାଆନ୍ତୁ କି ଚର୍ଚ୍ଚକୁ । ମାଆଙ୍କୁ ଏକଥା ଥରେ ଅଧେ କହିଥିଲି ମଧ । ହେଲେ ମାଆ ମୋ କଥା ଶୁଣି ଜିଭ କାମୁଡି ପକାଉଥିଲେ, କହୁଥିଲେ, " ଧୀରେ କହ, କେହି ଶୁଣିବ । ତୋ ମାମା(ବୁଢୀମା') ଶୁଣିଲେ ଏବେ ମୋତେ ବହେ ଶୋଧିବେ, ଝିଅକୁ ଏଇ ସଣ୍ଢଣା ଶିଖଇଛୁ । ଆଜି କହୁଛି କିରସ୍ତାନିଆଙ୍କ ମନ୍ଦିରକୁ ଯିବ । କାଲିକି କହିବ ଆଉ କଉଠିକି ଯିବ । ଶେଷରେ ଏ ଝିଅ ବାପମାଆଙ୍କର ନାଁ ବୁଡାଇବ, କହି ।"

ଏମିତି ମନ ଭିତରେ ଜାବ ପଡି ରହିଥିଲା ଇଚ୍ଛାଟା ଯେ ଅଚାନକ ପୂରଣ ହୋଇଯିବ ସେକଥା ମୁଁ କେବେ ହେଲେ ଭାବି ନ ଥିଲି । ତେଣୁକରି ଶାସ୍ତ୍ର କହିଛି , "ଏ ମନ ଚାହୁଁଥାଇ ଯାହା , କାଳେ ପ୍ରାପତ ହୁଏ ତାହା ।" ଯାହାକୁ ଆମେ ଆଜିକାଲି ମେନିଫେଷ୍ଟେସନ ବୋଲି କହୁଛୁ ।

ସେଣ୍ଟ ପଲ୍ସ ଚାପେଲଟି ଶହ ଶହ ବର୍ଷ ପୁରୁଣା ହେଲେ ମଧ ଏହାକୁ ଖୁବ ସୁନ୍ଦର ଭାବରେ ସଂରକ୍ଷିତ କରି ରଖାଯାଇଛି । ଭିତରଟି ସଫାସୁତର ଓ ବ୍ୟବସ୍ଥିତ । ଭିତରେ ଚାଲିଥିଲା କୌଣସି ଏକ ଧାର୍ମିକ କାର୍ଯ୍ୟକ୍ରମ । ଅନେକ ଲୋକ ବସିଥିଲେ ଧାଡିଧାଡି ହୋଇପଡିଥିବା ବେଞ୍ଚରେ । ଆମେ ବି ଯାଇ ପଛକୁ ଥିବା ଗୋଟିଏ ବେଞ୍ଚରେ ବସିଗଲୁ । ସେଠାକାର ବିଶପ ଲୋକମାନଙ୍କୁ କିଛି କହୁଥିଲେ । ପରେ ପରେ ସେଠାରେ ସଂଗୀତ କାର୍ଯ୍ୟକ୍ରମ ଆରମ୍ଭ ହେଲା । ପ୍ରତି ରବିବାର ସକାଳ ଓଳି ଏଠାରେ 'ସନଡେ ମାସ', କିଛି ସମୟ ସେଠାରେ ବସି ଆମେ ବାହାରକୁ ଆସିଲୁ । ବାହାରେ ଆସି ଦେଖିଲୁ ଗୋଟିଏ ସ୍ଥାନରେ କିଛି ଲୋକ ଛିଡା ହୋଇଛନ୍ତି । ସେଠାକୁ ଯାଇ ଦେଖିଲୁ, ଚେର ଥିବା ଏକ ବଡ ଗଛର ଗଣ୍ଡି ସେଠାରେ ରଖାଯାଇଛି । ତାହା ଥିଲା ଏକ ବିରାଟ ବଡ ଆମେରିକାନ ସାଇକାମୋର ବୃକ୍ଷର ଗଣ୍ଡି । ଆମେରିକାନ ସାଇକାମୋର ଗଛକୁ ଓଡିଆରେ ପ୍ରକୃତରେ କଣ କୁହନ୍ତି ମୁଁ ଜାଣିନାହିଁ କିନ୍ତୁ ସେଠାରେ ଜଣେ କହିଲେ ଯେ ସେଇଟି ଭାରତର ତରାଇ ଅଞ୍ଚଳ ଓ ଜାମ୍ମୁକାଶ୍ମୀରରେ ଦେଖା ଯାଉଥିବା, ଯାହାକୁ ଜାମ୍ମୁକାଶ୍ମୀରର ଗର୍ବ ବୋଲି କୁହାଯାଏ, ତାହା ହେଉଛି ସେହି ଚିନାର ଗଛ । ସେହି ଆମେରିକାନ ଚିନାର ଗଛକୁ 'ଟ୍ରି ଅଫ ହୋପ ଆଣ୍ଡ ରିଜେଲିଏନ୍ସ 'ବା' ଆଶା ଓ ପୁନରୁଥାନ" ର ପ୍ରତୀକ ବୋଲି କୁହାଯାଏ । ଆଉ ଏପରି କହିବାର କାରଣ ମଧ ରହିଛି ।

୯/୧୧ ଆକ୍ରମଣରେ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଆଖପାଖର ଅନେକ ବହୁତଳ କୋଠା ଭାଙ୍ଗିରୁଜି ଧୂଳିସାତ ହୋଇ ଯାଇଥିଲେ ମଧ ସପ୍ତଦଶ ଶତାବ୍ଦୀର ଏହି ପୁରାତନ ଚାପେଲର କିନ୍ତୁ କୌଣସି କ୍ଷତି ହୋଇନଥିଲା, ଏପରିକି ଏହାର ଝରକାରେ ଲାଗିଥିବା କାଚଗୁଡିକ ମଧ ପୂରାପୂରି ଅକ୍ଷୁର୍ଣ୍ଣ ଥିଲା । ଯଦିଓ ଏହି ଆକ୍ରମଣରେ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଚାରିପାଖର କିଛି କିଲୋମିଟର ଯାଏଁ ପ୍ରଭୁତ କ୍ଷତି ହୋଇଥିଲା । ବୈଜ୍ଞାନିକଙ୍କର ମତରେ ସେହି ଆମେରିକୀୟ ଚିନାର ବୃକ୍ଷଟି ଯୋଗୁଁ ସେଦିନ ରକ୍ଷା ପାଇ ଯାଇଥିଲା ଚାପେଲଟି । ପାଖାପାଖି ୨୩୫ ବର୍ଷ ପୁରୁଣା ଚାପେଲର ତଳ ଅଂଶରେ ଏହି ଗଛଟିର ମୂଳ ଓ ଚେର ଏକ ଜାଲି ପରି ଏମିତି ଭାବରେ ରହିଥିଲା ଯେ ଆକ୍ରମଣଜନିତ କମ୍ପନକୁ ଏହି ଚାପେଲଟି ସହ୍ୟ କରି ନେଇଥିଲା । କିନ୍ତୁ ଗଛଟି ଉପରେ ଏକ ବିରାଟ ବିମ ଭାଙ୍ଗି ପଡିବାରୁ ଏହା ସମୂଳେ ନଷ୍ଟ ହୋଇ ଯାଇଥିଲା । ମୂଳଟିକୁ ସଂଗୃହିତ କରାଯାଇ ରଖାଯାଇଛି ସେଠାରେ । ସ୍ଥପତିକାର ଷ୍ଟିଭ ଟୋବିନ ଏହି ବୃକ୍ଷର ଇତିହାସକୁ ଜୀବିତ ରଖିବା ପାଇଁ ଏହାର ଏକ କାଂସ୍ୟ ପ୍ରତିକୃତିକୁ ତିଆରି କରି ତାକୁ ଟ୍ରିନୀଟି ଚର୍ଚ୍ଚକୁ ଦାନ କରିଛନ୍ତି ।

ମାନହାଟନର ପଶ୍ଚିମାକାଶ କ୍ରମେ ପାଂଶୁଳ ରୂପ ଧାରଣ କରିବାକୁ ଲାଗିଥିଲା । ଧୀରେ ସନ୍ଧ୍ୟା ନଇଁ ଆସୁଥିଲା ସ୍କାଇଲାଇନ ଆରପାଖେ । ରାସ୍ତାଘାଟରେ ଗୋଟି ଗୋଟି ହୋଇ ଜଳି ଉଠୁଥିଲା ଷ୍ଟ୍ରୀଟ ଲାଇଟସବୁ । ସେଣ୍ଟ ପଲ୍ସ ଚାପେଲ ଠାରୁ ଟାଇମ ସ୍କୋୟାରର ଦୂରତା ହେଉଛି ପାଖାପାଖି ତିନି ମାଇଲ । ଆମେ ଟାଇମ ସ୍କୋୟାର ଯିବା ପାଇଁ ଟ୍ୟାକ୍ସି ନେଲୁ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

## ପଢ଼ିବା ପରେ...

# ଦିଲୀପ କୁମାର ଦାଶଙ୍କ 'ଶ୍ରୀମନ୍ଦିର'






ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ କବି ଶ୍ରୀ ଦିଲ୍ଲୀପ କୁମାର ଦାଶଙ୍କ ନବମ ଭକ୍ତି ଅର୍ଘ୍ୟ 'ଶ୍ରୀମନ୍ଦିର' ପଢ଼ିବାର ସୁଯୋଗ ମିଳିଲା । ବୃତ୍ତିରେ ସେ ଜଣେ ରସାୟନବିତ୍ ଏବଂ ବିଭିନ୍ନ ମହାବିଦ୍ୟାଳୟରେ ଅଧାପନା କ୍ଷେତ୍ରରେ ଜଡ଼ିତ ଥିଲେ । ଅବସର ନେବା ପରେ ସମର୍ପିତ ଭାବରେ କେବଳ ଜଗନ୍ନାଥଙ୍କ ପାଇଁ କବିତା ଲେଖି ଚାଲିଛନ୍ତି । ଏହା ପୂର୍ବରୁ ତାଙ୍କର ଆଠଟି କବିତା ସଂକଳନ ପ୍ରକାଶିତ ଏବଂ ଆଶ୍ଚର୍ଯ୍ୟର ବିଷୟ ଯେ ସେସବୁ ପୁସ୍ତକ ଭକ୍ତିଭାବାପନ୍ନ, ନିଷ୍ଠାପରାୟଣ ଭାବରେ ତାଙ୍କ ଆରାଧ୍ୟ ଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପିତ । ବିଜ୍ଞାନର ଜଣେ ଅଧାପକ ଯେ ଓଡ଼ିଆ ସାହିତ୍ୟରେ ଏତେ ଧୁରନ୍ଧର ; ତାହା ବିଶ୍ୱାସ କରିବା କଷ୍ଟକର ହେଲେ ମଧ ସତ । କୁହାଯାଏ ଯେ, ' ବିଜ୍ଞାନ, ଭଗବତ ବିଶ୍ୱାସ ଠାରୁ ଖୁବ ଦୂରରେ; ମାତ୍ର ଏହା ବି ସତ ଯେ ଯେଉଁଠି ବିଜ୍ଞାନର ସବୁ ସମ୍ଭାବନା, ପ୍ରୟାସ ସରିଯାଏ, ସେଇଠି ଭଗବାନଙ୍କ ଉପରେ ଆସ୍ଥା, ସମର୍ପଣ ଥିଲେ ଅସମ୍ଭବ ମନେ ହେଉଥିବା କାର୍ଯ୍ୟ ସିଦ୍ଧି ହୋଇପାରେ ।'

କବି ସ୍ୱୀକାର କରିଛନ୍ତି ଯେ, ଏହି କବିତା ଗୁଡ଼ିକ ସେ ନିଜେ ଲେଖିନାହାନ୍ତି ବରଂ କାଳିଆକୁ ମନରେ, ହୃଦୟରେ, ଚିନ୍ତନରେ ରଖି ସ୍ମରଣ କରିଛନ୍ତି; ଏବଂ ଯେତେବେଳେ ଯେଉଁ ଭାବନା ଆସିଛି ତାକୁ ଲେଖିଦେଇଛନ୍ତି । କାଳିଆ ପ୍ରତି ତାଙ୍କର ଭାବକୁ କବିତା ଆକାରରେ ଲେଖିବାର ତାଙ୍କ ଇଚ୍ଛା ହିଁ ଆଜି ପୁସ୍ତକର ଆକାର ପାଇଛି ।

ସେ କେବଳ ଜଗନ୍ନାଥଙ୍କୁ ଅନୁଭବି ନାହାନ୍ତି, ବରଂ ସେହି ଅନୁଭବ ଅନ୍ୟମାନଙ୍କ ପାଖକୁ ସଞ୍ଚରିତ ହେଉ ବୋଲି ଇଚ୍ଛା ପ୍ରକଟ କରିଛନ୍ତି । ସେଥିପାଇଁ ଭକ୍ତି କବିତା ଅର୍ଘ୍ୟ ମାଧ୍ୟମରେ ସେ ପାଠକ ମାନଙ୍କୁ ଜଗନ୍ନାଥଙ୍କ ନିକଟତର ହେବାରେ ସାହାଯ୍ୟ କରିଛନ୍ତି ।

'ଶ୍ରୀମନ୍ଦିର' ସଂକଳନରେ ରହିଛି ୬୦ ଗୋଟି କବିତା । ପ୍ରତିଟି କବିତା ଅତ୍ୟନ୍ତ ସରଳ ଶବ୍ଦରେ ଲେଖାହୋଇଛି, ଯାହାକୁ ସମସ୍ତେ ବୁଝିପାରିବେ, ବୁଝିକି ଭକ୍ତିଭାବରେ ହଜିପାରିବେ । ସଂକଳନର ପ୍ରଥମ କବିତା 'ଶ୍ରୀମନ୍ଦିର' ର ପଂକ୍ତିଟିଏ ଏହିଭଳି...

ମର୍ତ୍ତ୍ୟ ବଇକୁଣ୍ଠ ବଇକୁଣ୍ଠ ଯିବା
ବାଟ ଏଇ ଶ୍ରୀମନ୍ଦିର
ବଇକୁଣ୍ଠପୁର ମୁଖଶାଳା ସମ
ଲାଗେ ତେଣୁ ଶ୍ରୀମନ୍ଦିର ।

କବି ଏଠାରେ ଶ୍ରୀମନ୍ଦିରକୁ ବୈକୁଣ୍ଠପୁର ପାଇଁ ପ୍ରସ୍ତୁତ ମୁଖଶାଳା ସହ ତୁଳନା କରିଛନ୍ତି, ଭକ୍ତଗଣ ଶ୍ରୀମନ୍ଦିରରେ ପ୍ରବେଶ କଲା ମାତ୍ରେ ତାର ସ୍ୱର୍ଗପ୍ରାପ୍ତି ହେବା ନିଶ୍ଚିତ ବୋଲି ତାଙ୍କର ବର୍ଣ୍ଣନାରୁ ଜଣାପଡେ ।

ଅନ୍ୟ ଏକ କବିତା, 'ଦରଦି ଠାକୁର' କିଛି ଧାଡ଼ି ହେଉଛି....

ରକ୍ଷାକର ବୋଲି ବିକଳରେ ଯେବେ
କାଳିଆକୁ ଡାକେ ମୁହିଁ
ଲାଗେ କିଏ ଜଣେ ହାତ ଧରି ମୋର
ଦେଉଛି ସତେ ଉଠେଇ ।

ଭକ୍ତ ଯେବେ ବି ଆକୁଳ ହୋଇ ଜଗନ୍ନାଥଙ୍କୁ ରକ୍ଷା ପାଇଁ ଜଣାଣ କରିଛି, ପ୍ରଭୁ ହାତ ଧରି ସେହି ବିପତ୍ତିରୁ ଉଦ୍ଧାର କରିବା ଭଳି ଅନୁଭବ ଭକ୍ତର ହୋଇଛି । ଏହାହିଁ ଜୀବନ୍ତ ଠାକୁର, ଦରଦି ପ୍ରଭୁଙ୍କ କୃପା ବୋଲି କବି କହିଛନ୍ତି ।

ସଂକଳନର ଆଉ ଏକ କବିତା 'କିଆଁ ଦେଖାଉ ବଡେଇ', ଉକ୍ତ କବିତାରେ ମଣିଷ ନିଜର ଗର୍ବ, ଅହଙ୍କାର ଛାଡ଼ି କାଳିଆ ପାଖରେ ସମର୍ପଣ ମନୋଭାବ ନେଇ ଚଳିବା କଥା ସୁନ୍ଦର ଭାବରେ କବି ବ୍ୟାଖ୍ୟା କରିଛନ୍ତି । ପୁସ୍ତକର ଷଷ୍ଠ କବିତା 'ମାଗୁଣି ଏତିକି' ର ଗୋଟିଏ ପଂକ୍ତି ପାଖରେ ପାଠକ ନିଶ୍ଚୟ ବିଭୋର ହେବେ....

ସେ ପାଇଁ ମୋ ଘରେ ଯତନେ ରଖିଛି
ଚିତ୍ରପଟଟିଏ ତୋର
ଚାହିଁ ଦେବା ମାତ୍ରେ ଲାଗେ ମୋ ମନକୁ
ପାଇଛି ଦର୍ଶନ ତୋର ।
ମାନସ ଚକ୍ଷୁରେ ତୋ ଚକା ଆଖିକୁ
ପ୍ରତିକ୍ଷଣେ ଦେଖୁଥିବି
ମାଗୁଣି ଏତିକି ସେ ଆଖିକୁ ଚାହିଁ
ଆଖି ମୋର ବୁଜିଦେବି ।

ଅର୍ଥାତ ସମସ୍ତଙ୍କ ଭାଗ୍ୟରେ ସବୁବେଳେ ଶ୍ରୀମନ୍ଦିର ଯାଇ ଜଗନ୍ନାଥ ଦର୍ଶନ ସମ୍ଭବ ହୁଏନାହିଁ, ସେଥିପାଇଁ କିଏ ଚିତ୍ର, ମୂର୍ତ୍ତି, ଚିତ୍ରପଟ ରଖି ତାଙ୍କୁ ଦର୍ଶନ କରିବାର ସୁଖ ଲାଭ କରନ୍ତି । ସ୍ୱଦେହରେ ଯାଇ ବିଗ୍ରହ ଦର୍ଶନ ସମ୍ଭବ ନ ହେଲେ ମଧ ମାନସ ଚକ୍ଷୁରେ କାଳିଆ ଦର୍ଶନ କରନ୍ତି ଏବଂ ସେ ଚକା ଆଖି ଦର୍ଶନ କରି କରି ହିଁ ତାଙ୍କର ଜୀବନ ଶେଷ ହେବାର କାମନା ରଖନ୍ତି । ସଂକଳନରେ ଆହୁରି ଅନେକ କବିତା ଯେପରିକି 'ଶରୀର ରଥ', 'ମଣିଷତ୍ୱ', 'ତତେ ଦେଖିବାର ଇଚ୍ଛା ', 'ଭକ୍ତ ଭଗବାନ', 'ପାଖକୁ ମୋତେ ଡ଼ାକୁନୁ', 'ତୋର ମୁଁ ଦିଲୀପ ଦାଶ' ଅତ୍ୟନ୍ତ ସୁଖପାଠ୍ୟ କବିତା ସମୂହ । ପାଠକ ଏବଂ ଜଗନ୍ନାଥ ପ୍ରେମୀ ନିଶ୍ଚୟ ଏହି ବହିରୁ ଖଣ୍ଡେ ପାଇଲେ ଭକ୍ତିରେ ବିଭୋର ହେବାର ସୌଭାଗ୍ୟ ଅର୍ଜନ କରିବେ ।

ଶେଷରେ କବି ଦିଲୀପ ଦାଶ ତାଙ୍କ କବିତା ଲେଖିବାର ପ୍ରେରଣା ଶ୍ରୀଜଗନ୍ନାଥଙ୍କୁ ଦେଇଥିବା ବେଳେ ଏହାକୁ ପୁସ୍ତକ ରୂପରେ ପ୍ରକାଶ କରେଇବାର ଶ୍ରେୟ ଦେଇଛନ୍ତି ପ୍ରାଧାପକ ରମେଶ ଦାସ ଏବଂ ଅଧାପକ ବିଶ୍ୱରଞ୍ଜନଙ୍କୁ । ପୁସ୍ତକର ପ୍ରଚ୍ଛଦ ପରିକଳ୍ପନା ଏବଂ ସୁନ୍ଦର ପରିପାଟୀ ସହ ମୁଦ୍ରଣ କରିଛନ୍ତି ଦିବ୍ୟ ପ୍ରକାଶନୀର ସମ୍ପାଦକ ତାଙ୍କର ପୁତ୍ର ପ୍ରତିମ ବିଭୁପ୍ରସୂନ ଦାସ । ଖୁସିର ବିଷୟ ହେଉଛି ପୁସ୍ତକ ରଚନାରେ କବିଙ୍କ ପରିବାର ମଧ ଅଂଶୀଦାର । ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ଗୀତାଞ୍ଜଳି ଦାଶ ବହିଟିର ପ୍ରୁଫ୍ ସଂଶୋଧନ କରିଛନ୍ତି । ଏହିଭଳି ଚାରିଆଡ୍ରୁ ସହଯୋଗର ଗୋଟିଏ ଗୋଟିଏ ହାତ କବିଙ୍କ ଆଡ଼କୁ ବଢିଆସିଛି ଏବଂ ପୁସ୍ତକଟି ପ୍ରକାଶ ପାଇଛି । ଏହି କଥାକୁ ସ୍ୱୀକାର କରିବାକୁ ହେବ ଯେ ଜଗନ୍ନାଥଙ୍କ ପାଇଁ ଯେତେ ଲେଖାଯାଉ ତାହା କମ ଏବଂ ଜଗନ୍ନାଥଙ୍କ ପାଇଁ ଯାହା ବି ଲେଖାଯିବ ତାହା ପାଠକଙ୍କ ପାଖରେ ନିଶ୍ଚୟ ଗ୍ରହଣୀୟ ହେବ । 'ଶ୍ରୀମନ୍ଦିର' ପୁସ୍ତକର ସ୍ରଷ୍ଟା କବି ଶ୍ରୀ ଦିଲୀପ ଦାଶଙ୍କ ଏହି ଭକ୍ତି ଅର୍ଘ୍ୟଟି ସବୁବର୍ଗର ପାଠକଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା । ♥



ସମୀକ୍ଷା :
ଶ୍ରୁତକୀର୍ତ୍ତି ତ୍ରିପାଠୀ
ବିବେକାନନ୍ଦ ମାର୍ଗ,
ଭୁବନେଶ୍ୱର -୭୫୧୦୦୨
ମୋ : ୬୩୭୦୫୧୬୪୭୮

---

# ଓଡ଼ିଆ ସାହିତ୍ୟରେ ଆଧୁନିକ ପର୍ବର ପ୍ରବେଶ ଓ ସଂଗ୍ରାମ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଆମ ଓଡ଼ିଶାର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାରଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟା ରହିଥିଲା । ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ କାଳୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଞ୍ଜ କିଶୋର ପଟ୍ଟନାୟକ, କମଳ ଲୋଚନ ମହାନ୍ତି, ରଘୁନାଥ ପଣ୍ଡା, ଭୁବନେଶ୍ୱର ମହାପାତ୍ର ଓ କୃଷ୍ଣପ୍ରସାଦ ବେହେରା ପ୍ରମୁଖଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । କାଳୀଚରଣଙ୍କର 'ଭାତ', 'ରକ୍ତମାଟି', 'ଅଭିଯାନ', ରାମଚନ୍ଦ୍ର ମିଶ୍ରଙ୍କର 'ଭାଇ ଭାଉଜ', 'ଘର ସଂସାର', ଭ'ଜକିଶୋରଙ୍କର 'ମାଣିକଯୋଡ଼ି', 'ଜୟମାଲ୍ୟ', ଗୋପାଳ ଛୋଟରାୟଙ୍କର 'ଭରସା', 'ପର କଲମ' ଆଦି ନାଟକ ଏକଦା ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଚହଳ ପକାଇଥିଲା । ମନୋରଂଜନ ଦାସଙ୍କର 'ଆଗାମୀ' ଓ 'ସାଗର ମନ୍ଥନ' ନାଟକ ପରେ ପରେ ଓଡ଼ିଆ ନାଟକର ହେଲା ପରିବର୍ତ୍ତନ । ପରେ ମନୋରଞ୍ଜନ ରଚନା କଲେ 'ଆରଣ୍ୟ ଫସଲ',' ବନହଂସୀ', 'ଶବ୍ଦ ଲିପି', 'କାଠଘୋଡା', 'ନନ୍ଦିକାକେଶରୀ', ପରି ନୂତନ ଶୈଳୀର ନାଟକ । ଏହି ନୂତନ ପ୍ରାୟୋଗିକ ଶୈଳୀକୁ ନେଇ ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନାଟକ ରଚନା କଲେ ।

ସେହିପରି ଓଡ଼ିଆ ସାହିତ୍ୟରେ ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ ନୂତନ ନୂତନ ଏକ ନୂତନ ଅଧ୍ୟାୟ ନେଇ ଗତି କରିଥିଲା ଆଉ ତାହା ସହିତ ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ ବିକାଶ ହୋଇଥିଲା । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର, ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି । ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି । ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ । ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଳବିହାରୀ ଦାଶ ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ପୂର୍ବରୁ ପଣ୍ଡିତ ବିନାୟକ ମିଶ୍ର ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ । ପରେ ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ନଟବର ସାମନ୍ତରାୟ, କୃଷ୍ଣଚରଣ ବେହେରା, ବଂଶୀଧର ମହାନ୍ତି ପ୍ରମୁଖ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିଅଛନ୍ତି । ଏହି ସମୟରେ ମଧ ଶିଶୁ ସାହିତ୍ୟର ହୋଇଛି ବିକାଶ । ବହୁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଇ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାରରେ ପ୍ରେରଣାପ୍ରଦ ଭୂମିକା ନେଇଅଛି ।

ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ ପର୍ବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ଆତ୍ମଅନ୍ୱେଷା ଓ ବାମାବାଦ ବା ନାରୀବାଦ ବିଶେଷ ଗୁରୁତ୍ୱ ନେଇଅଛି । ଏହି ସମୟରେ ନାଟକ ଆଉ ଦର୍ଶକଙ୍କୁ ଆକର୍ଷଣ କଲା ନାହିଁ । ଏପରି ଅବସ୍ଥାରେ ଉତ୍ତର ଆଧୁନିକ ପର୍ବର ହେଲା ଉନ୍ମେଷ । ପରଂପରାନୁସନ୍ଧାନ ଓ ତାର ପୁନଃ ସଂସ୍ଥାନ, ଲୋକାନୁଷଙ୍ଗ ଓ ଲୋକାୟତ ଚିନ୍ତାଧାରା ଗୁରୁତ୍ ଲାଭ କରି ସାହିତ୍ୟକୁ ପ୍ରଦାନ କଲା ନୂତନ ଜୀବନୀ ଶକ୍ତି । ଏବେ ଓଡ଼ିଆ ସାହିତ୍ୟ ଉତ୍ତର-ଆଧୁନିକ ପର୍ବରେ ଗତି କରି ଆପଣାର ମାଟି ଧରିବାକୁ ଚେଷ୍ଟା କରୁଛି । ଅତଏବ ଆଧୁନିକ ଓଡ଼ିଆ ସାହିତ୍ୟ ଦୀର୍ଘ ଧରି କେତେ ପରୀକ୍ଷା ନିରୀକ୍ଷା ଦେଇ ସଂଗ୍ରାମ ଜାରି ରଖିଛି ଯାହା ଆଉ ପଛକୁ ଫେରି ଚାହିଁ ନାହିଁ ବରଂ ଆଗକୁ ଆଗକୁ ତାହା ଗତି କରି ଚାଲିଛି । ଜାତୀୟ ସଂପର୍କ ପ୍ରତିଷ୍ଠା ସହିତ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛି । ସାହିତ୍ୟର ବିଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ଯେ ସ୍ୱଷ୍ଟ ମୁଦ୍ରାଙ୍କ ରଖିଛି ତାହା ପାଠକ ସହଜରେ ଉପଲବ୍ଧି କରିଅଛନ୍ତି ।

♥ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ମଇ ୨୦୨୫
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ଜାତି ଜନଗଣନା ଏବଂ ରାଜନୀତି

♥ ଗୋପାଳ ମହାପାତ୍ର



କେନ୍ଦ୍ର ସରକାର ଜାତିଗତ ଜନଗଣନା ପାଇଁ ସ୍ୱୀକୃତି ଦେଇଛନ୍ତି। ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିହାର ସରକାର ଜାତିଗତ ଜନଗଣନା ବହୁପୂର୍ବରୁ କରାଇଛନ୍ତି ଏପରିକି ବିରୋଧି ଦଳମାନେ କ୍ରମାଗତ ଭାବେ ଜାତି ଆଧାରିତ ଜନଗଣନା ସାରା ଦେଶରେ କରାଇବା ପାଇଁ ଦାବି କରୁଥିଲେ। ବିଜେପିର ଶୀର୍ଷ ନେତୃତ୍ୱ ବୁଝି ପାରିଥିଲା ଯେ ଜାତି ଆଧାରିତ ଜନଗଣନାର ପ୍ରସଙ୍ଗ ନିର୍ବାଚନରେ ଉଠିବ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ୟାବିନେଟର ରାଜନୈତିକ ମାମଲା କମିଟି ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ସହ ଜାତି ଗଣନା କରାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଜନଗଣନା କେନ୍ଦ୍ର ସରକାରଙ୍କ ଅଧିକାର କ୍ଷେତ୍ରରେ ରହିଛି କିନ୍ତୁ କେତେକ ରାଜ୍ୟ ସରକାର ସର୍ବେକ୍ଷଣ ନାମରେ ଅଣପାରଦର୍ଶୀ ପ୍ରକ୍ରିୟାରେ ଜନଗଣନା କରାଇଛନ୍ତି। ଏହା ସମାଜରେ ସନ୍ଦେହ ସୃଷ୍ଟି କରିଛି। କିନ୍ତୁ କଂଗ୍ରେସ ପକ୍ଷରୁ ଭିନ୍ନ କଥା କୁହାଯାଇଛି, କଂଗ୍ରେସ ମହାଶଚୀବ ଜୟରାମ ରମେଶ କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜାତିଗତ ଜନଗଣନା କରିବା ପାଇଁ ରାଜି ହୋଇଛନ୍ତି।

ବିହାର ବିଧାନସଭାକୁ ଦୃଷ୍ଟିରେ ରଖି ସରକାର ଏପରି କରିବା ପାଇଁ ନିଷ୍ପତ୍ତି ନେଇଥିବା କଥା ଯାହା ବିରୋଧି କହୁଛନ୍ତି ତାହା ସଂପୁର୍ଣ୍ଣ ଠିକ୍ ନୁହେଁ। କାରଣ ଜାତିଗତ ଜନଗଣନ ବିହାର ପାଇଁ କିଛି ନୂଆ କଥା ନୁହେଁ। ବିହାର ସରକାର ଜାତିଗତ ସର୍ବେକ୍ଷଣ କରାଇ ସାରିଛନ୍ତି। ବିହାରରେ ୬୫ ପ୍ରତିଶତ ସଂରକ୍ଷଣ ଦିଆଯାଇଛି। ତେଲେଙ୍ଗାନାରେ ମଧ୍ୟ ଏପରି ହୋଇଛି। ସଂରକ୍ଷଣ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମ୍ କୋର୍ଟର ୧୯୬୨ ମସିହା ସେପଟ୍ଟେମ୍ବର ୨୮ ତାରିଖର ମାମଲା ପ୍ରଣିଧାନ ଯୋଗ୍ୟ। ଏମ୍ ଆଇ ବାଲାଜି ବନାମ ଷ୍ଟେଟ ଅଫ ମହୀଶୁର ମାମଲାରେ ମାନ୍ୟବର ସୁପ୍ରିମ୍‌କୋର୍ଟ କହିଥିଲେ ଯେ ସଂରକ୍ଷଣ ୫୦ ପ୍ରତିଶତ ସୀମା ମଧ୍ୟରେ ରହିବା ଉଚିତ୍। ସୁପ୍ରିମ୍ କୋର୍ଟ ଯାହା ରାୟ ଦେଇଥିଲେ ସେ କଥା ସମ୍ବିଧାନରେ ନାହିଁ। ଅର୍ଥାତ୍ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହେବନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ନାହିଁ କିମ୍ବା ସମ୍ବିଧାନ ନିର୍ମାତା ବାବା ସାହେବ ଆମ୍ବେଦକର ମଧ୍ୟ ଏକଥା କହି ନାହାଁନ୍ତି। ୧୯୯୨ ମସିହା ନଭେମ୍ବର ୧୬ ତାରିଖରେ ଇନ୍ଦିରା ସାହାଣୀ ବନାମ ୟୁନିୟନ ଅଫ ଇଣ୍ଡିଆ ମାମଲାର ଏକ ଗୁରୁତବପୂର୍ଣ୍ଣ ରାୟ ଶୁଣାଇଥିଲେ ମାନ୍ୟବର କୋର୍ଟ ଓ କୋର୍ଟଙ୍କ ଏହି ରାୟ ପରେ ମଣ୍ଡଳ କମିଶନଙ୍କ ଶୁପାରିଶ ଲାଗୁ କରାଯାଇଥିଲା। ଏହା ସଂବିଧାନର ବୁନିଆଦି ସଂରଚନାର ବିରୋଧି ନୁହେଁ କିନ୍ତୁ ଗୋଟିଏ ସର୍ତ୍ତ ରଖାଯାଇଥିଲା ଯେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଏବଂ ପଛୁଆ ବର୍ଗଙ୍କ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ।

ବିହାର ବିଧାନସଭାକୁ ଦୃଷ୍ଟିରେ ରଖି ସରକାର ଏପରି କରିବା ପାଇଁ ନିଷ୍ପତ୍ତି ନେଇଥିବା କଥା ଯାହା ବିରୋଧି କହୁଛନ୍ତି ତାହା ସଂପୁର୍ଣ୍ଣ ଠିକ୍ ନୁହେଁ। କାରଣ ଜାତିଗତ ଜନଗଣନ ବିହାର ପାଇଁ କିଛି ନୂଆ କଥା ନୁହେଁ। ବିହାର ସରକାର ଜାତିଗତ ସର୍ବେକ୍ଷଣ କରାଇ ସାରିଛନ୍ତି। ବିହାରରେ ୬୫ ପ୍ରତିଶତ ସଂରକ୍ଷଣ ଦିଆଯାଇଛି। ତେଲେଙ୍ଗାନାରେ ମଧ୍ୟ ଏପରି ହୋଇଛି। ସଂରକ୍ଷଣ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମ୍ କୋର୍ଟର ୧୯୬୨ ମସିହା ସେପଟ୍ଟେମ୍ବର ୨୮ ତାରିଖର ମାମଲା ପ୍ରଣିଧାନ ଯୋଗ୍ୟ। ଏମ୍ ଆଇ ବାଲାଜି ବନାମ ଷ୍ଟେଟ ଅଫ ମହୀଶୁର ମାମଲାରେ ମାନ୍ୟବର ସୁପ୍ରିମ୍‌କୋର୍ଟ କହିଥିଲେ ଯେ ସଂରକ୍ଷଣ ୫୦ ପ୍ରତିଶତ ସୀମା ମଧ୍ୟରେ ରହିବା ଉଚିତ୍।

୧୯୯୨ ପରେ କେତେକ ରାଜ୍ୟ ସଂରକ୍ଷଣ ସୀମା ବୃଦ୍ଧି କରିଥିଲେ। ଏକମାତ୍ର ରାଜ୍ୟ ତାମିଲନାଡୁର ସଂରକ୍ଷଣ ଆଇନକୁ ୯ମ ସୂଚୀରେ ସାମିଲ କରାଯାଇଥିଲା। ୯ମ ସୂଚୀର ଅର୍ଥ ହେଉଛି ଯେ ଏହା ନ୍ୟାୟାଳୟ ଦ୍ୱାରା ସଂରକ୍ଷିତ ଅଟେ, ନ୍ୟାୟାଳୟ ଏଥିରେ ପରିବର୍ତ୍ତନ କରିପାରିବେ ନାହିଁ। ତାମିଲନାଡୁରେ ସଂରକ୍ଷଣ ୬୯ ପ୍ରତିଶତ ରହିଛି କିନ୍ତୁ ଏହା ମଧ୍ୟ ଅଣ ସାମ୍ବିଧାନିକ ନୁହେଁ। ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏଇଥିପାଇଁ କହୁଛନ୍ତି କାରଣ ସୁପ୍ରିମ୍ କୋର୍ଟ ଏହାକୁ ଅଣ ସାମ୍ବିଧାନିକ କହିବ। ବିହାରରେ ଜନତାଦଳ (ୟୁ)- ଆରଜେଡିର ମିଳିତ ସରକାର ଥିବା ବେଳେ ଜାତିଗତ ସର୍ବେକ୍ଷଣ କରାଯାଇଥିଲା ଏବଂ ୬୫ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଥିଲା ଯାହାକୁ ପାଟନା ହାଇକୋର୍ଟ ଖାରଜ କରିଦେଇଥିଲେ। ସେ ବାବଦରେ ଏକ ମାମଲା ଏବେ ବି ସୁପ୍ରିମ୍ କୋର୍ଟରେ ବିଚାରାଧିନ ରହିଛି। ଏବେ ସରକାର ଯେତେ ଯାହା କହିଲେ ବି ଯେ ପର୍ଯ୍ୟନ୍ତ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇ ନ ଦିଆଯାଇଛି ସେ ପର୍ଯ୍ୟନ୍ତ ବିହାରରେ ୬୫ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ ହୋଇ ପାରିବ ନାହିଁ। ଅନେକ ସାମାଜିକ ରାଜନୈତିକ ବିଶ୍ଳେଷକଙ୍କ ମତରେ ଜାତି ଜନଗଣନା ସାଧ୍ୟ ନୁହେଁ ଏକ ସାଧନ ଅଟେ। ଏହାକୁ ଦଳିତ, ଅନ୍ୟ ପଛୁଆ ବର୍ଗ ଏବଂ ଆଦିବାସୀଙ୍କ ବିରୁଦ୍ଧରେ ମଧ୍ୟ ପ୍ରୟୋଗ କରାଯାଇପାରେ – ଏହା ଦୁଇପଟ ଧାରଥିବା ଏକ ଖଣ୍ଡାଭଳି।

ଦୀର୍ଘ ସମୟଧରି ଜାତି ଜନଗଣନା ପାଇଁ କରାଯାଉଥିବା ଦାବି ରାଜନୈତିକ ଦୃଷ୍ଟିରୁ ପୁରଣ ହୋଇଛି। ବିଜେପି ବ୍ୟତୀତ ଅନ୍ୟ ସବୁ ରାଜନୈତିକ ଦଳ ଏଥିପାଇଁ ଦାବି କରୁଥିଲେ। ଏବେ ବିଜେପି ମଧ୍ୟ ରାଜି ହୋଇଯାଇଛି। ଏହାକୁ ବହୁଜନ ଆନ୍ଦୋଳନର ଏକ ବିଜୟ ବୋଲି କୁହାଯାଇପାରେ। କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ଜାତି ଜନଗଣନା ହେଲେ ଭାରତର ବହୁ ସଂଖ୍ୟକ ବଞ୍ଚିତ ସମୁଦାୟକୁ ଯେ ଅନେକ କିଛି ମିଳିଯିବ ସେ କଥା ଭାବିବା ଭୁଲ ଅଟେ। କିନ୍ତୁ କେଉଁମାନେ ପ୍ରବଞ୍ଚନାର ଶୀକାର ହୋଇଛନ୍ତି ଓ କେଉଁମାନେ ଦେଶର ସଂଶୋଧନର ଅଧିକ ଉପଯୋଗ କରୁଛନ୍ତି ସେକଥା ଜଣାପଡିଯିବ ଯଦି ଠିକ୍ ଭାବରେ ଜାତି ଗଣନା ହେବ। ଜାତି ଜନଗଣନାରୁ ଯେଉଁ ତଥ୍ୟ ମିଳିବ ତାର ଦୁରୁପଯୋଗ ମଧ୍ୟ ହୋଇପାରେ। ପ୍ରଥମତଃ ଭାରତୀୟ ସମ୍ବିଧାନ କଥାକୁ ବିଚାରକୁ ନିଆଯାଇପାରେ। ଭାରତର ସମ୍ବିଧାନ ନ୍ୟାୟପୁର୍ଣ୍ଣ, ସମତାମୂଳକ, ବନ୍ଧୁତା ଆଧାରିତ, ସମସ୍ତଙ୍କ ସ୍ୱତନ୍ତ୍ରତା ଏବଂ ମର୍ଯ୍ୟଦାର ସମ୍ମାନ କରୁଥିବା ଗଣତାନ୍ତ୍ରିକ ଭାରତ କଥା କହୁଛି। କିନ୍ତୁ ଭାରତର ସମ୍ବିଧାନ ଯାହା କହୁଛି ତାହା ହୋଇପାରୁଛି କି ? ଉତ୍ତର ହେଉଛି ନୁହଁ। ଏଭଳି ନହୋଇ ପାରିବାର କାରଣ କ'ଣ ? ସମ୍ବିଧାନରେ କିଛି ତୃଟି ବା ଦୁର୍ବଳତା ଅଛି କି ? ଉତ୍ତର ହେଉଛି ନା। ତେବେ କାରଣ କ'ଣ ? ଏହାର ଉତ୍ତର ଡଃ ଆମ୍ବେଦକରଙ୍କର ସମ୍ବିଧାନ ସମ୍ପର୍କୀତ ବୟାନ "ସମ୍ବିଧାନ ଯେତେ ଭଲ ହେଉ କିନ୍ତୁ କିଛି କରି ପାରିବ ନାହିଁ, ସବୁ କିଛି ନିର୍ଭର କରେ ସମ୍ବିଧାନ ଦ୍ୱାରା ସୃଜିତ ସାମ୍ବିଧାନିକ ସଂସ୍ଥା ସଂସଦ, କାର୍ଯ୍ୟକାଳିକା, ନ୍ୟାୟପାଳିକା, ନିର୍ବାଚନ କମିଶନ ଙ୍କ କାର୍ଯ୍ୟଶୈଳୀ ଉପରେ ନିର୍ଭର କରେ।" ଆମ୍ବେଦକର ଏକଥା ମଧ୍ୟ କହିଥିଲେ ଯେ ସମ୍ବିଧାନ ଖରାପ ହେଲେ ମଧ୍ୟ ଉତ୍ତମ ଲୋକ ଏହାର ସଠିକ୍ ବ୍ୟବହାର କରିପାରିବେ। ଏଣୁ ଜାତି ଜନଗଣନା ହେଲେ କ'ଣ ଫଳାଫଳ ମିଳିବ ସେକଥା। ଜାତି ଜନଗଣନା ପରେ ହିଁ ଜଣାପଡିବ।

♥ ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ସ୍ମରଣୀୟେଷୁ...

♥ ଡକ୍ଟର ଲକ୍ଷ୍ମଣ ସାହୁ

# ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସ୍ମରଣେ



କାବ୍ୟ ସରସ୍ୱତୀ ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ରାଉତରାୟ ଜଣେ ଓଡ଼ିଆ କବି, ଗାଳ୍ପିକ ଓ ଔପନ୍ୟାସିକ ଥିଲେ । ସେ ଦୀର୍ଘ ୭୫ବର୍ଷ ଧରି ସାହିତ୍ୟ ରଚନାରେ ବ୍ରତୀଥିଲେ । ତାଙ୍କ ରଚନାସମୂହ ମୁଖ୍ୟତଃ ସାମ୍ରାଜ୍ୟବାଦ, ଫାସିବାଦ ଓ ବିଶ୍ୱଯୁଦ୍ଧ ବିରୋଧରେ । ତାଙ୍କୁ ଓଡ଼ିଆ ସାହିତ୍ୟରେ 'ଅତ୍ୟାଧୁନିକତା'ର ଯୁଗ ପ୍ରବର୍ତ୍ତନର ଶ୍ରେୟ ଦିଆଯାଏ । ସେ ଓଡ଼ିଆରେ କେବଳ ନୁହେଁ ଇଂରାଜୀ ଭାଷାରେ ସେ ଚାଳିଶରୁ ଅଧିକ ପୁସ୍ତକ ରଚନା କରିଥିଲେ । ତାଙ୍କର ସୃଷ୍ଟି ସର୍ଜନା ପାଇଁ ୧୯୮୬ରେ ଭାରତ ସରକାରଙ୍କଠାରୁ ଜ୍ଞାନପୀଠ ପୁରସ୍କାର ପାଇଥିଲେ । ତାହା କେବଳ ନୁହେଁ 'ମାଟିର ଦ୍ରୋଣ', 'କବିଗୁରୁ', 'ମାଟିର ମହାକବି', 'ସମୟର ସଭାକବି' ପ୍ରଭୃତି ବିଭିନ୍ନ ଶ୍ରଦ୍ଧାନାମରେ ସେ ଲୋକପ୍ରିୟତା ଲାଭ କରି ପାରିଛନ୍ତି । ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ବାସ୍ତବରେ ସେ ଏକ ଅଗ୍ନିସ୍ଫୁଲିଙ୍ଗ, ଏକ ଲାଭା ସ୍ରୋତ, ଧ୍ୱଂସର ଧୂର୍ଜଟୀ । ସେ ପୁଣି ଏକ ଶୀତଳ ପୂର୍ଣ୍ଣିମା, ଏକ କୋମଳ ଶତଦଳ, ଏକ ବିମୁଗ୍ଧ ବିଶ୍ୱକର୍ମା, ଶରତର ଶୁଭ୍ର ଶିଶିର। କହିବାକୁ ଗଲେ ଅସଲରେ ସେ ହେଉଛନ୍ତି ମହାକବି ସଚ୍ଚିଦାନନ୍ଦ ରାଉତରାୟ । ଏହି ଖ୍ୟାତନାମା କବି ୧୯୧୩ ମସିହା ମଇ ମାସ ୧୩ ତାରିଖ ଦିନ ଖୋର୍ଦ୍ଧା ସହର ଉପକଣ୍ଠସ୍ଥ ଗୁରୁଜଙ୍ଗ ଗ୍ରାମରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଜନ୍ମ ।

ସେ ଚାଟଶାଳୀରେ ପଢ଼ିବା ବେଳେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ । ବ୍ରିଟିଶ ସରକାର ବିପକ୍ଷରେ ଲଢ଼ି ସେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ ଓ ତା'ପରେ ବଙ୍ଗପ୍ରଦେଶରେ ପିଲାବେଳ କାଟିଥିଲେ । ମାତ୍ର ଏଗାର ବର୍ଷ ବୟସରୁ ସେ କବିତା ଲେଖା ଆରମ୍ଭ କରିଥିଲେ । ସ୍ୱାଧୀନଚେତା ଲେଖା ପାଇଁ ତାଙ୍କର ଦୁଇଟି କବିତା ୧୯୩୯ରେ ରକ୍ତଶିଖା ଓ ୧୯୪୩ରେ ଉଠ ଜାଗ ଭୋକବନ୍ଦୀକୁ ବ୍ରିଟିଶ ସରକାର ଜନସାଧାରଣଙ୍କ ପାଖରେ ପହଞ୍ଚିବାରୁ ରୋକିଦେଇଥିଲେ । ସେହିଭଳି ବାଜି ରାଉତ କବିତାରେ ଏହି ହୁଙ୍କା ପିଟା ଶାସନ ବିରୁଦ୍ଧରେ ବିରୋଧ କରିବାର ଆହ୍ୱାନ 'ନୁହେଁ ବନ୍ଧୁ ନୁହେଁ ଏହା ଚିତା/ ଏଦେଶ ତିମିର ତଳେ/ ଏ ଅଲିଭା ମୁକତି ସଳିତା/ ନୁହେଁ ଏହା ହଜିଯିବା ପାଇଁ/ ଏହାର ଜନମ ଏଠି ଜାଳିପୋଡି ଦବାକୁ ଧସାଇ ।'

୧୯୩୮ରେ ତାଙ୍କ ଦ୍ୱାରା ଲିଖିତ ଏହି କାବ୍ୟ ବାଜି ରାଉତକୁ ୧୯୪୨ରେ କବି ହରୀନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ ନାଉରିଆ ପିଲା ଓ ଅନ୍ୟାନ୍ୟ କବିତା ନାମରେ ଅନୁବାଦ କରିଥିଲେ । ଯାହା ଫଳରେ କବି ସଚ୍ଚି ରାଉତରାୟ ଭାରତର ଜଣେ ସ୍ୱନାମଧନ୍ୟ କବି ଭାବେ ପ୍ରତିଷ୍ଠିତ ଦେଇଥିଲା । ରାଜନୈତିକ ଚରମପନ୍ଥୀ ଥିବାରୁ ରେଭେନ୍ସା ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷ ପ୍ରାଣକୃଷ୍ଣ ପରିଜା, ରାଉତରାୟଙ୍କୁ ରେଭେନ୍ସା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଲାଭରୁ ବଞ୍ଚିତ କରିଥିଲେ । ସେହି ସମୟରେ ଉଚ୍ଚ ଗୋଳାପଲ୍ଲୀର ତେଲୁଗୁ ରାଜଜେମା ଭୂଦେବୀଙ୍କୁ ସେ ବିବାହ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗନେଇ ସେ ଦୁଇଥର କାରାବରଣ କରିଥିଲେ ।

୧୯୨୮ ମସିହାରେ ୧୫ ବୟସରୁ ସଚ୍ଚି ରାଉତରାୟଙ୍କ କବିତା ରଚନାର ଆରମ୍ଭ କରିଥିଲେ। ମାତ୍ର ୧୭ ବର୍ଷ ବୟସରେ ନବୀନ ପତ୍ରିକାରେ 'ଭଗବାନ ଅଛ କାହିଁ' ପ୍ରଥମ ପ୍ରକାଶିତ କବିତାରେ ସାମ୍ୟବାଦୀ ମାର୍କ୍ସୀୟ ଚେତନା ରହିଥିଲା । ଏହି କବିତାଟି ପରେ ଅଭିଯାନ କବିତା ଗ୍ରନ୍ଥରେ ପ୍ରକାଶ ପାଇଛି । କବିତାର ଏକ ନୂତନ ଛନ୍ଦର ଐତିହାସିକ ପ୍ରୟୋଗ ସମ୍ପର୍କରେ ପାଂଡୁଲିପି କବିତା ଗ୍ରନ୍ଥର ନାନ୍ଦୀମୂଖୀରେ ସେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ୧୯୪୩ରେ କବିଙ୍କ 'ବାଜି ରାଉତ' କବିତା ସ୍ୱାଧୀନତା ଆନ୍ଦୋଳନ ପାଇଁ ପ୍ରେରଣା ଦେଇଥିଲା । ପାଂଡୁଲିପି ଓ 'ବାଜି ରାଉତ'ର ପୃଷ୍ଠଭୂମୀ ବିଦ୍ରୋହର ଆଦ୍ୟ ଧ୍ୱନି ପ୍ରତିଫଳିତ । ସେ ନିଜ ରଚନାରେ ପ୍ରତୀକ ଓ ଚିତ୍ରକଳ୍ପ ମଧ୍ୟ ପ୍ରୟୋଗ କରିଛନ୍ତି । ତାଙ୍କର କୋଡ଼ିଏରୁ ଅଧିକ କବିତା ସଙ୍କଳନ ପ୍ରକାଶିତ । ତାଙ୍କର କବିତା ଗ୍ରନ୍ଥ ଗୁଡ଼ିକ ମଧ୍ୟରେ ପାଥେୟ (୧୯୩୧, ପ୍ରଥମ କବିତା ଗ୍ରନ୍ଥ), ପୂର୍ଣ୍ଣିମା (୧୯୩୩), ଅଭିଯାନ (୧୯୩୮, ୧୯୪୮), ପଲ୍ଲୀଶ୍ରୀ (୧୯୪୧, ୧୯୪୦), ବାଜି ରାଉତ (୧୯୪୧ ), ପାଣ୍ଡୁଲିପି (୧୯୪୭), ହସନ୍ତ (୧୯୪୮), ଭାନୁମତୀର ଦେଶ (୧୯୪୯), ରକ୍ତଶିଖା (୧୯୪୯), ସ୍ୱାଗତ (୧୯୫୮), କବିତା (୧୯୬୨), କବିତା (୧୯୬୯), କବିତା (୧୯୭୧), କବିତା (୧୯୭୪), କବିତା (୧୯୮୩), କବିତା (୧୯୮୫), କବିତା (୧୯୮୭), କବିତା (୧୯୯୦), କବିତା (୨୦୦୩), ଛୋଟ ମୋର ଗାଁଟି ଓ ଅଭିଜ୍ଞାନ ଆଦି । ଏସବୁ ମଧ୍ୟରେ 'ଛୋଟ ମୋର ଗାଁଟି' ତାଙ୍କର ଏକ ଉଲ୍ଲେଖନୀୟ କବିତା । ତାଙ୍କର ଅନ୍ୟାନ୍ୟ ଜଣାଶୁଣା ରଚନା ମଧ୍ୟରେ ପଲ୍ଲୀଶ୍ରୀ, ପ୍ରତିମା ନାୟକ ଅନ୍ୟତମ ।

ତାଙ୍କର ବହୁ କାବ୍ୟ କବିତା ଇଂରାଜୀ, ହିନ୍ଦୀ, ତେଲୁଗୁ, ଓ ପଞ୍ଜାବୀ ଭାଷାକୁ ଅନୂଦିତ ହୋଇଛି । ଏକଦା ଛାତ୍ର ଆନ୍ଦୋଳନ ସମରେ ରେଭେନ୍ସା ମହାବିଦ୍ୟାଳୟ ଛାତ୍ର ପ୍ରଦୀପ୍ତ ମିଶ୍ରଙ୍କ ନିଧନ ପରେ ସେ 'ଚିରପ୍ରଦୀପ୍ତ' କବିତା ଓ ୧୯୭୧ରେ ଆରମ୍ଭ ହୋଇଥିବା ବଙ୍ଗଳାଦେଶ ମୁକ୍ତି ସଂଗ୍ରାମରେ ଆତ୍ମାହୁତି ଦେଇଥିବା ଛାତ୍ରୀ ରୋଶନାରାଙ୍କ ଉପରେ ଲେଖିଥିଲେ, 'ମୁଁ ତା'ର ଶବକୁ ଧରି କାନ୍ଧେ ମୋର, କରୁଅଛି ବିଶ୍ୱ ପ୍ରଦକ୍ଷଣ !' ସେ ବଙ୍ଗଳାଦେଶକୁ ଜଣେ ସାରସ୍ୱତ ରାଷ୍ଟ୍ରଦୂତ ଭାବରେ ଯାଇ ଏ କବିତାଟି ପାଠ କରିଥିଲେ । ତାଙ୍କ 'ଭାତ' କବିତାର ଏକ ପଙ୍କ୍ତି: ବଡ଼ ଭୋକ ବାବୁ ! /ବଡ଼ ଭୋକ ଆଜି ଖାଇବାକୁ ଦିଅ ଭାତ; / ହକ ପାଉଣା ଗଣ୍ଡାକ ପାଇଁ କେତେବି ପାତିବୁ ହାତ ? ଯେଉଁ ଧାନ ଆମେ ବୁଣିଲୁ କାଟିଲୁ ସେହି ଧାନ ଦିଅ ଆଣି; / ପୀଡ଼ିତ ଆତ୍ମା ଗର୍ଜି ଉଠଇ ଶୁଣ ତା' ବିପୁଳ ବାଣୀ ।'

ପାଣ୍ଡୁଲିପି'ର ପଶୁ କବିତାରେ ସମାଜର ଐତିହ୍ୟକୁ ଭାଙ୍ଗି ଦେବାକୁ କବି ରାଉତରାୟଙ୍କ ମୁଖ୍ୟ ଲକ୍ଷ୍ୟ । କାରଣ ସମାଜର ନିର୍ଯ୍ୟାତୀତ, ଅବହେଳିତ, ସକଳ ପୀଡ଼ା ଏଥିରେ ପଶୁର ବିଗ୍ରହ ଏଥିରେ ଧାରଣ କରିଅଛନ୍ତି । ସମାଜର ପରାଙ୍ଗପୁଷ୍ଟ ଦଳର ଅତ୍ୟାଚାରରେ ଏମାନେ କ୍ଷୁଧିତ, ନିଷ୍ଠୁର, ରୁଚିହୀନ ଓ କ୍ଷିପ୍ତ। ନିଜର ଦାବି ହାସଲ ପାଇଁ ଏମାନେ ଉତ୍‌କ୍ଷିପ୍ତ ଓ ପ୍ରତିହିଂସା ହୋଇ ଉଠିଛନ୍ତି । ଶାନ୍ତି ପ୍ରତିଷ୍ଠା ପାଇଁ ସେମାନେ ଗୋଟିଏ ବିକ୍ଷୋଭ ଚାହାନ୍ତି –'ଜୀବନ୍ତ ମୋର ସବୁ ଅନୁଭୂତି ଦେଇଥିଲା ପରା ଦଳି/ ପ୍ରତିଶୋଧ ତାର ନବା ପାଇଁ ଆଜି ଆସିଛି ମୁଁ ଅବତରି / ଆଜି ମୁଁ ଆସିଛି ପଶୁ ନିଶାଚର ମଣିଷର ଦାବି ଲାଗି/ ମଣିଷ କବରୁ ଜନ୍ମ ମୋରରେ ଧ୍ୱଂସେ ମୁଁ ଅନୁରାଗୀ।'

ତାଙ୍କର ଲୋକପ୍ରିୟ ଶ୍ରେଷ୍ଠ ଅମର ସୃଷ୍ଟି 'ଛୋଟ ମୋର ଗାଆଁଟି' କବି ସଚ୍ଚିଦାନନ୍ଦଙ୍କର ଏକ କାଳଜୟୀ କବିତା । ଦୀର୍ଘ ଆଠ ଦଶନ୍ଧି ଧରି ଜନ୍ମଭୂମିର ମୁଗ୍ଧ ମହକ ତଥା ଏକାନ୍ତ ଅନ୍ତରଙ୍ଗ ଓ ଜୀବନ୍ତ ଚିତ୍ର ଥିବା, ଭାବ ଓ ଆବେଗର ବିମୁଗ୍ଧ ପ୍ରବାହ ଥିବା, ମାଟିର ସମ୍ମୋହନ ବାସ୍ନାଥିବା ଅନନ୍ୟ ଉଚ୍ଚାରଣ ଭାବେ ଏହି କବିତାଟି ଅଗଣିତ ପାଠକଙ୍କ ଦ୍ୱାରା ବେଶ୍ ଚର୍ଚ୍ଚିତ ଓ ଆଦୃତ ହୋଇଆସିଛି । ବିଶେଷକରି ଆଧୁନିକ ବିଶ୍ୱ-ମଣିଷ ନିଜ ଜନ୍ମଭୂମି ଓ ମାତୃଭୂମିକୁ ଭୁଲି ପ୍ରବାସୀ ଜୀବନ ଜିଉଁଛି । ପଲ୍ଲୀର ପ୍ରାଣବନ୍ତ ସଶ୍ରଦ୍ଧ କୋମଳ କୋଳକୁ ଧୂସର, କର୍କଶ ଓ ଅପାଂକ୍ତେୟ ମଣି କ୍ରମଶଃ ଭୁଲିଯିବାକୁ ବସିଛି ନିଜ ଗାଁର ବାସ୍ନା । ମାତ୍ର ମଣିଷର ଅସ୍ତିତ୍ୱର କେନ୍ଦ୍ରବିନ୍ଦୁ ଭାବେ ଜନ୍ମଭୂମିର ମହତ୍ତ୍ୱ ଅନନ୍ୟ । ନିଜ ପରିଚୟ ଓ ଅସ୍ମିତାର ଭିତ୍ତି ଭାବେ ଜନ୍ମଭୂମି ପଲ୍ଲୀ ଗାଆଁର ସ୍ଥାନ ଯୁଗେ ଯୁଗେ ଅସାଧାରଣ ମନେହୁଏ ।

କବି ସଚ୍ଚିଦାନନ୍ଦ ରାଉତରାୟ ନିଜ ଗାଆଁକୁ କେବଳ ପ୍ରାଣଦେଇ ଭଲ ପାଇନାହାନ୍ତି । ବରଂ ସେ ତାହାର ଏଭଳି ଏକ ମନୋରମ, ଅକୃତ୍ରିମ, ବିମୁଗ୍ଧକର, ଜୀବନ୍ତ ଓ ପାର୍ଥିବୋଉର ଛବି ଆଙ୍କିଛନ୍ତି , ଯାହାକୁ ଯେ କେହି ପାଠକ ପଢ଼ିବା ପରେ ନିଜ ଗାଆଁକୁ ଝୁରି ହେବ ଓ ତାହା ମଣିଷ ହୃଦୟ ତଟରେ ସ୍ୱର୍ଗଠୁ ସୁନ୍ଦର ଓ ମହାର୍ଘ ପାଲଟି ଯିବ । ଏହି କବିତାରେ ଗ୍ରାମ ଜୀବନର ମନୋରମ ପ୍ରକୃତି ଠାରୁ ଆରମ୍ଭ କରି ଗ୍ରାମର ବିଭିନ୍ନ ବର୍ଗ ଓ ବୃତ୍ତିର ଲୋକଙ୍କ ଜୀବନାଦର୍ଶ ଓ ଜୀବନଯାପନ ଢଙ୍ଗର ପ୍ରାଣବଂତ କଳାତ୍ମକ ଉପସ୍ଥାପନା କବିତାଟିକୁ କରିଛି ଲୋକପ୍ରିୟ ଓ କାଳଜୟୀ । ହୃଦୟକୁ ଆବେଗ ଆପ୍ଳୁତ କରୁଥିବା ଏହା କବିଙ୍କର ଏକ ଅମଳିନ କାର୍ବ୍ୟିକ ସ୍ୱାକ୍ଷର। କବିତାଟିର ଭାବ, ଭାଷା, କଳା ଓ କଳ୍ପନା ଅନନ୍ୟ । ସେଭଳି କବିଙ୍କର ସ୍ମରଣୀୟ କବିତା ମଧ୍ୟରୁ ଗୋଟିଏ ରେଙ୍ଗୁନ୍ ଯାତ୍ରୀ ଏକ ହୃଦୟସ୍ପର୍ଶୀ ଓ ପ୍ରଭାବଶାଳୀ କବିତା । ଏଥିରେ ଫିରିଙ୍ଗି ଉପନିବେଶକାଳୀନ ପରାଧୀନ ଭାରତବର୍ଷରେ ଗରିବ ଲୋକଙ୍କ ଜୀବନ-ଯୁଦ୍ଧ କେତେ ନିଷ୍ଠୁର, ନିର୍ମମ ଓ କରୁଣ ଥିଲା ତା'ର କଳାତ୍ମକ ସାକ୍ଷ୍ୟ ବହନ କରେ । ଉତ୍କଟ ଦାରିଦ୍ର୍ୟର ତାଡନା ମଧ୍ୟରେ ପରିବାରକୁ ବଞ୍ଚାଇ ରଖିବାର ଅନ୍ୟ କୌଣସି ବିକଳ୍ପ ପନ୍ଥା ନଦେଖି ଆମ ରାଜ୍ୟରୁ ଅନେକ ବ୍ୟକ୍ତି ସକଳ ଅନିଚ୍ଛା ସତ୍ତ୍ୱେ ଘରୁ ଗୋଡ କାଢ଼ି କାଳି ମାଟି, ଚର୍ଚ୍ଚ ଗ୍ରାମ ଓ ରେଙ୍ଗୁନରେ ଶ୍ରମିକ ଭାବେ କାମ କରିବାକୁ ଉତ୍ତର-ପୂର୍ବମୁହାଁ ହେଉଥିଲେ । ଗରିବ ତା' ରକ୍ତକୁ ଝାଳ କରି ମାଟିରେ ବୁହାଇ ଚାଲେ, ଭୋକ ଉପାସରେ ଛଟପଟ ହୋଇ ଦିନ କାଟେ । ଭଙ୍ଗା କୁଡ଼ିଆ ଓ ଚିରା କପଡ଼ାରେ ଜୀବନ ଜିଏଁ । ଶେଷରେ ବାଧ ହୋଇ ତାକୁ ତା' ପ୍ରେମର ସ୍ୱର୍ଗୀୟ ଐଶ୍ୱର୍ଯ୍ୟକୁ ପଛରେ ଛାଡ଼ି ସୁଦୂର ରେଙ୍ଗୁନ୍ ଯିବାକୁ ପଡିଥାଏ । ଶୁଣିଥାଏ ସେ ସେଠି ନଥିବ ଜମିଦାର କି ସାହୁକାରର ନାଲି ଆଖି । ସେଠି ସ୍ୱାଧୀନ ଭାବେ ଝାଳ ନିଗାଡି ନିର୍ଭୟରେ ତା'ର ମୂଲ ପାଇବ । ସେଇଥିରେ ହୁଏତ ତା' ପରିବାର ବଞ୍ଚିବାର ରାହା ପାଇବେ । କିନ୍ତୁ ରେଙ୍ଗୁନ୍ ଯାଇ ସେଠୁ ଫେରି ପାରିବ କି ନାହିଁ କିଏ ଜାଣେ ?

ପ୍ରିୟ ଗାଆଁ ମାଟିର ବାସ୍ନା , ଯାହାର ପାଣି ଓ ପବନରେ ତା' ଦେହରେ ଭରି ହୋଇ ରହିଛି, କେତେ ବାଗରେ ପଛରୁ ଟାଣି ଧରେ । ଡାଳୁଅ ବିଲ, ଗଉଡ ଟୋକାର ଧୁଡୁକା, ପଧାନ ଘର ଗାଈ, ପଥର ଖଣିରୁ ଭାସି ଆସୁଥିବା ଗୀତ....। ଏ ସବୁ ମାୟା ତୁଟେଇ ସେ ରେଳଗାଡିର ହୁଇସିଲକୁ କାନ ଡେରେ । ରେଙ୍ଗୁନ୍ ଯାତ୍ରୀ ପଲ୍ଲୀବାସୀ ହୃଦୟର ବ୍ୟଥା, ବେଦନା, ଶୂନ୍ୟତା ଓ କାରୁଣ୍ୟକୁ କବି ବ୍ୟତୀତ ପ୍ରାଣସ୍ପର୍ଶୀ ଓ ଜୀବିତ ଭାବେ କବିତାୟିତ କରିଛନ୍ତି । ଏହି କବିତା ଏକାଦିକ୍ରମେ ଅତୀତରେ ଏକ ଐତିହାସିକ ଦଲିଲ୍ ଓ ଅନ୍ୟଦିଗରେ ବାସ୍ତବଧର୍ମୀ, ଆବେଗାପ୍ଳୁତ, କଳାତ୍ମକ ସୃଜନଶୀଳତାର ଏକ ଦେଦୀପ୍ୟମାନ ଫର୍ଦ୍ଦ ଅଟେ ।

ପଦ୍ମଶ୍ରୀ କବି ସଚ୍ଚି ରାଉତରାୟ ସାଧାରଣ ମଣିଷର କ୍ଷତ- ବିକ୍ଷତ ଜୀବନ ସହିତ ନିଜକୁ ମିଶାଇ ଦେଇ ଗାଇ ଉଠିଛନ୍ତି 'ମଣିଷର ଲହୁ ଲୁହେ କବିତା ମୋ ନୀଳ' । ସେ ହାଇଟିମ୍ୟାନ ସଦୃଶ କହି Comrade this is no book, If you touch it you will touch a man. ସେ ଲେଖିଛନ୍ତି ' ମୁଁ ସଚ୍ଚି ରାଉତରାୟ/ ନୁହେଁ ଟାଗୋର ବା ଶେଲୀ/ ମୁଁ ଏକ ମାଟିର ଧରା/ ଆଉ ଆକାଶର କବି -/ କାମ ନୁହେଁ ମୋର ଖାଲି ଆଙ୍କିବା କାଗଜର ଛବି ।'



ବାସ୍ତବରେ ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ସାମ୍ପ୍ରତିକ ଓଡ଼ିଆ କବିତାର ସମସ୍ତ ଆଂଶିକ ଆଧୁନିକତାର ପଥିକୃତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ କବିତାରେ ପାରମ୍ପରିକ ଛନ୍ଦୋବଦ୍ଧତାର ସମାନ୍ତରାଳ ଭାବେ ମୁକ୍ତ ଛନ୍ଦ ଓ ଗଦ୍ୟଛନ୍ଦର ସେ ପ୍ରବର୍ତ୍ତନ କରନ୍ତି । ଯାହା ଓଡ଼ିଆ କବିତାରେ ଅବିଳମ୍ବେ ସାର୍ବଜନୀନ ହୋଇଯାଏ । ଗତାନୁଗତିକ ଉପମା ଓ ବ୍ୟଞ୍ଜନା ପରିବର୍ତ୍ତେ ସୂକ୍ଷ୍ମ ଭାବଗତ ସାଦୃଶ୍ୟକୁ ଆଧାର କରି ଶକ୍ତିଶାଳୀ ଭାବ ପ୍ରବୋଧକ ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଓ ଆର୍କିଟାଇପ୍ ପ୍ରଭୃତି ବ୍ୟବହାରରେ ସେ ହିଁ ଥିଲେ ଅଗ୍ରଦୂତ । ବିଶେଷ କରି କବିତାର ବିଷୟବସ୍ତୁ ଓ ଆତ୍ମିକ ସ୍ୱରଦୃଷ୍ଟିରୁ ମଧ୍ୟ ସମାଜ ସଚେତନତା, ମାନବବାଦ, ବୈପ୍ଳବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସେ ଦେଇଥିଲେ ଏକ ନୂତନ ଉତ୍ତାପ । ସେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିଙ୍କ ପାଇଁ କାବ୍ୟ-ଗୁରୁ, ମାଟିର ଦ୍ରୋଣ ଥିଲେ ।

ଏପରିକି ଓଡ଼ିଶା ଓ କେନ୍ଦ୍ର ସାହିତ୍ୟ ଏକାଡେମୀ, ଭାରତୀୟ ଜ୍ଞାନପୀଠ ପ୍ରଭୃତି ବହୁ ସମ୍ଭ୍ରାନ୍ତ ସାହିତ୍ୟିକ ସ୍ୱୀକୃତିରେ ସେ ସମ୍ମାନିତ ହୋଇଛନ୍ତି । ଓଡ଼ିଆ କବିତାରେ ନୂତନ ଦୀପ୍ତି ଓ ଦ୍ୟୁତିର କୃତୀ କାରିଗର ପଦ୍ମଶ୍ରୀ ସଚ୍ଚି ରାଉତରାୟ ଯୁଦ୍ଧର ଏକ ଦୁନ୍ଦୁଭି, ସଂଘର୍ଷର ଉଲକାପିଣ୍ଡ, ବିଦ୍ରୋହର ଅଗ୍ରଦୂତ, ବିପ୍ଳବର ମାଂତ୍ରିକ ଉଚ୍ଚାରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଅନ୍ୟଦିଗରେ ମାନବିକ ସମ୍ବେଦନଶୀଳତାର ସେ କୋମଳ ଗାନ୍ଧାର, ନୂତନ ସର୍ଜନର ସେ ବିଶ୍ୱକର୍ମା । ମାଟି, ମାଆ ଓ ମଣିଷର ସେ ଅନ୍ତରଙ୍ଗ ଆତ୍ମୀୟ ।

ନିଷ୍କର୍ଷ ଦେଖିବାକୁ ଗଲେ ସେ କେବଳ ଏକାଧାରରେ ଜଣେ କବି ନୁହଁନ୍ତି, ସେ ପୁଣି ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ ଓ ସମ୍ପାଦକ । ତାଙ୍କର ଗଳ୍ପ ଗ୍ରନ୍ଥ 'ମଶାଣିର ଫୁଲ', 'ମାଟିର ତାଜ', 'ମାଙ୍କଡ ଓ ଅନ୍ୟାନ୍ୟ ଗଳ୍ପ' ପ୍ରଭୃତି। ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ' । ଏସବୁ ସଂକ୍ଷିପ୍ତତା ଦୃଷ୍ଟିରୁ ବିଚାର କରିବା ସମ୍ଭବ ନୁହେଁ । ତଥାପି ଯୁଗର ସାହିତ୍ୟ କ୍ଷେତ୍ରରେ ଏକ ଆତ୍ମିକ ଭାବ, ବ୍ୟାପକ କବିତ୍ୱ ଓ ଉନ୍ନତ ଚିନ୍ତାଧାରା ଶିଳ୍ପୀ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ସାହିତ୍ୟିକ ବିଶ୍ୱାବସୁରେ ପରିଣତ କରିଦେଇଛି । ତାଙ୍କର ଜନ୍ମ ଜୟନ୍ତୀ ମେ ୧୩ ସ୍ମରଣ କରିବା ଅବସରରେ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କୁଳବୃଦ୍ଧ କବି ଓଡିଆ କାବ୍ୟ କବିତାକୁ ଯେଉଁ ନୂତନ ଧାରା ଦେଇଯାଇଛନ୍ତି ଏ ଯାବତ୍ ତାର ମୁଦ୍ରାଙ୍କ ସ୍ପଷ୍ଟ ଓ ଅନନ୍ୟ..!!!!

♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ପଢ଼ିବା ପରେ...

# କମଳ ମହାନ୍ତିଙ୍କ 'ରାଗ ଦରଦ'




କବି ଚିରକାଳ ଚାଷୀଟିଏ ଯିଏ ସୃଜନର ଭାବଭୂମିରେ ଶବ୍ଦର ସୋରିଷ ବୁଣି ସୁନାର ଫସଲ ଅପେକ୍ଷାରେ ଥାଏ। କେବେ କେବେ ଲୁହ ଲହୁକୁ ଏକାଠି କରି ନିଜେ ଭିଜୁଥାଏ ଆଉ ନିଜ ଅଜାଣତରେ ତା ମନରେ ସଞ୍ଚରୁଥାଏ ରାଗଟିଏ। ସେମିତି ଜଣେ ସୃଜନ ଶିଳ୍ପୀ ହେଲେ ସୃଜନ ପାହାଚ ପରି ଏକ ନାମକରା ପତ୍ରିକାର ସୁଯୋଗ୍ୟ ସମ୍ପାଦକ କବି କମଳ କୁମାର ମହାନ୍ତି। ଟାଇମ୍ ପାସ୍ , ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ତାଙ୍କର ଅଷ୍ଟମ କବିତା ସଂକଳନ ରାଗ ଦରଦ ହିଁ ଅନୁରାଗର କଥା କୁହେ, ଦରଦର କଥା କୁହେ।

ବଙ୍କର ହିଁ ପରୀକ୍ଷା ନେଇଥାଏ / ସିପାହୀର ଜୀବନରେ / ବଙ୍କର ବି ତା ଶିବିରକୁ ବଦଳାଇ /ଦେଇପାରେ ସମାଧି ପୀଠରେ।

. ( ସହିଦ, ପୃ : ୩୩)

ଯୁଦ୍ଧ ବିଧ୍ୱସ୍ତ ପୃଥିବୀରେ ପ୍ରତି ମୁହୂର୍ତ୍ତରେ ମଣିଷ ଭେଟୁଥାଏ ମୃତ୍ୟୁକୁ। ତଥାପି ମନ ଛଳନାର ବିଜ୍ଞାପନରୁ ନିଜକୁ ମୁକୁଳେଇ ପାରେନି। ପାଳି ପାରେନି ପ୍ରେମର ସମ୍ବର। ସେଥିପାଇଁ କବି ହୃଦୟରେ ଅନେକ ବ୍ୟଥା।

ଅନୁରାଗର ଅନ୍ତାକ୍ଷରୀ ପଢ଼ି ପାରୁନାହିଁ / କେଉଁ ବେଦରଦୀ ଆଖି / ସ୍ୱର ଯେତେ ନିଜର ହେଲେ ବି / ଶୁଭୁନାହିଁ ଝଙ୍କାର କେଉଁଠି ।

. (ଅନୁରାଗ, ପୃ : ୫୬)

ବ୍ୟଥାରୁ ମୁକୁଳିବାକୁ ଫି ଥର କବିଟିଏ ବାହାରି ପଡ଼େ ଅମୃତର ଅନ୍ୱେଷଣରେ। ମାତ୍ର ଫେରୁଥାଏ ଖାଲି ହାତରେ। କେବେକେବେ ସରିଯାଇଥାଏ ଭାଗବଣ୍ଟା ତ କେବେକେବେ ସହରର ଜରିମଖା ଆଦରର ପୂତିଗନ୍ଧରେ ରୁନ୍ଧି ହୋଇଯାଏ ନାକ। ନିରାଶାରେ ଫେରୁଥାଏ କବି।

ଚେର ଭେଦିଥାଏ ତେଣେ / ଅତଳ ବିତଳ ରସାତଳ / କେଉଁଠି ମିଳେନା ଅମୃତ ବୁନ୍ଦାଏ ।

. ( ଚେର, ପୃ : ୧୮)

ସେ ହାରିଯାଉଥାଏ ସୁମରଣା କରି ନପାରି ମଣିମା'ଙ୍କ ଗୁଣ। ତା ଲେଞ୍ଜେରା ଭର୍ତ୍ତି ଅକ୍ଷରସବୁ ଛୁଇଁ ପାରେନି ରାଜାଙ୍କ ମଗଜ। ଲୁହରେ ଲେଖା ଗୁହାରି ବି ଭିଜେଇ ପାରେନି ରାଜାଙ୍କ ହୃଦୟ ତନ୍ତ୍ରୀ।

ରଜା କେବେ ଦେଖି ପାରନ୍ତିନି / ଦୁଃଖର ମର୍ମଥରା କାହାଣୀ କାହାର / କେବଳ ସୁଖୀଲୋକମାନେ ଆସି / କହିଥାନ୍ତି ପ୍ରଗତିର ଗାଥା ଗୋଟି ଗୋଟି

. ( ଅଭିଯୋଗ, ପୃ : ୭୫)

ନିଜ ପ୍ରଶ୍ନରେ ସେ ନିଜେ ଛନ୍ଦି ହୁଏ। ଅନେକ ଅସମାହିତ ନିରୀହ ପ୍ରଶ୍ନଙ୍କ ଜାଲରେ ଆତୁର ଆଖି ଉଷୁମ ଲୁହରେ ଜକେଇ ଯାଏଁ। ସେତେବେଳେ କେହି ଜଣେ କଅଁଳ ସରାଗରେ, ମିଛ ମମତାରେ କୋଳେଇ ନେଇ ବୋକ ଦିଏ। ତଥାପି ସେ ଏକ ସୁନ୍ଦର ସକାଳର ଅପେକ୍ଷାରେ ଥାଏ।

ତଥାପି ଝର୍କା ଖୋଲି ବସିଛି ମୁଁ / କିଛି ପ୍ରଶ୍ନର ଉତ୍ତର ମିଳେ/ ଆଉ କିଛି ସାରା କାଳ / ପ୍ରଶ୍ନ ହୋଇ ସେମିତି ରହିଯାଏ।

. ( ଅସମାହିତ, ପୃ : ୮୩)

ଧୂସର ଧୂଆଁର ଖରଶ୍ୱାସରୁ ସେ ମୁକୁଳିବାକୁ ଚାହେଁ। କୃତ୍ରିମ ସମ୍ପର୍କ ତାକୁ ଅଣନିଃଶ୍ୱାସୀ କରେ। ସେତେବେଳେ ମନେପଡ଼େ ଗାଁ। ଗାଁ ମନେ ପଡ଼ିଲେ ଆଖିରେ ନାଚେ ଗୋଟେ ଅତି ପରିଚିତ ମୁହଁ। ସେ ବୋଉର। କଙ୍କି ଧରିବାକୁ ପଛରେ ଧାଉଁଥିବା ଅବୋଧ ଶିଶୁର କାନ ମୋଡ଼ି କଇଁ କଇଁ କାନ୍ଦି ପାରେ ବୋଉ। ବୋଉ ପ୍ରେମର ଗଭୀରତା ବୁଝିବା ଆଗରୁ ଫଟ ହୋଇ ଝୁଲୁଥାଏ ସେ କାନ୍ଥରେ।

ବାରମ୍ବାର ଭୁଲ ସଂଶୋଧନ କରି / ଆଗେ ଯିଏ ଶିଖେଇଲା / ଜୀବନ ବଡ଼ ନୁହେଁ, / ଜିଇ ଶିଖିବା ହିଁ ବଡ଼ କଥା / ସେ ଆଜି ପ୍ରମାଣ କରିଦେଲା ବି / ଜୀବନ ନଶ୍ୱର !

. ( ବୋଉ, ପୃ : ୧୨୩)



ନଈର ପ୍ରଖର ସ୍ରୋତପରି ଭାବ ଛଳ ଛଳ ସବୁ କବିତା। ସେଥିପାଇଁ ସେ ଭାବସଂଚାରୀ କବି ଭାବରେ ସେ ପରିଚିତ। ତାଙ୍କ କବିତାରେ ଅଛି ଜୀବନ ଓ ସମୟ ପ୍ରତି ପ୍ରେମର ଆଉଁଶା। ପାଠକ ହୃଦୟକୁ ତାଙ୍କ ରାଗ ଦରଦ ଚହଲାଉ ଏତିକି ବିଶ୍ୱାସ ଅଛି। ♥♥



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ବାଲେଶ୍ୱରରେ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ




ବାଲେଶ୍ୱର, ୧୭/୫ (ନି.ପ୍ର): ଆଜି ଅପରାହ୍ନ ଚାରିଟା ତିରିଶ ମିନିଟ ସମୟରେ ଗାନ୍ଧୀ ସ୍ମୃତି ଭବନଠାରୁ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ବାହାରି ଫକୀରମୋହନ ଗୋଲେଇ ଫାଣ୍ଡି ଛକ ହୋଇ ମିଶନ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଭାରତୀୟ ଜନତା ପାର୍ଟିର ସଂଯୋଜନାରେ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଆୟୋଜିତ ଏହି ତ୍ରିରଙ୍ଗା ପଦଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରା, ରେମୁଣା ବିଧାୟକ ତଥା ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର ଓ ପର୍ଶୁରାମ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପ୍ରବକ୍ତା ବିଭୁପଦ ଦାସ, ସତ୍ୟଜିତ ମିଶ୍ର, ଓ ଶ୍ରୀନିବାସ ପ୍ରଧାନ, ଧଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର, ଜିଲ୍ଲା ସମ୍ପାଦ ଆଶିଷ ଘୋଷ, ବିଜୟ ସାହୁ, ପିଙ୍କି ପ୍ରଧାନ, ସୁସ୍ମିତା ଚାନ୍ଦ, ମୀନାକ୍ଷୀ ମହାପାତ୍ର, ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଲ ସିଂ, ସୁସ୍ମିତା ପଣ୍ଡା, ସଂଯୁକ୍ତା ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, ନାରାୟଣ ମହନ୍ତ, ଚନ୍ଦ୍ରଶେଖର ନନ୍ଦ, ଦେବାଶିଷ ଆଚାର୍ଯ୍ୟ, ସୀତାକାନ୍ତ ସ୍ୱାଇଁ, ମମତା ମହାପାତ୍ରଙ୍କ ସମେତ ଶହଶହ ଜନତା ହାତରେ ତ୍ରିରଙ୍ଗା ପତାକା ଧରି ଅପରେସନ ସିନ୍ଦୂରର ଜୟଘୋଷ, ଭାରତୀୟ ସେନା ବାହିନୀର ଜୟଘୋଷ, ପାକିସ୍ତାନ ମୁର୍ଦ୍ଦାବାଦ ଓ ଭାରତମାତାଙ୍କ ଜୟଘୋଷରେ ଗଗନ ପବନ ପ୍ରକମ୍ପିତ କରିଥିଲେ। ଅପରେସନ ସିନ୍ଦୂର ମାଧ୍ୟମରେ ଭାରତ ବିଶ୍ୱକୁ ତାର ପରାକ୍ରମ ଦେଖାଇଛି, ଆମ ଶତ୍ରୁ ମାନଙ୍କୁ ଘୋଳା ଚ୍ୟାଲେଞ୍ଜ ଦେଇ କହିଛନ୍ତି ଭାରତ କାହାକୁ ପ୍ରଥମେ ଆକ୍ରମଣ କରେନାହିଁ କିନ୍ତୁ ଯଦି କେହି ଆମ ନାଗରିକଙ୍କ ଜୀବନ ପ୍ରତି ସଙ୍କଟ ସୃଷ୍ଟି କରେ, ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ କରେ ଆମେ ତାର ଦୃଢ଼ ଜବାବ ଦେଇଛୁ ଆଗକୁ ମଧ ଦେବୁ ବୋଲି ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେଡିରେ ଅବହେଳିତ...

ତାଙ୍କର ଏଭଳି ବୟାନ ପରେ ତାଙ୍କୁ ଦଳରୁ ବାସନ୍ଦ କରା ଯାଇଥିଲା। ସେହିପରି ୱାକଫ ବିଲ ଭୋଟିଂକୁ ନେଇ ଦେବାଶିଷ ସାମନ୍ତରାୟ ମଧ ପାଣ୍ଡିଆନଙ୍କୁ ବିରୋଧ କରିଥିଲେ। ସମାନ ସମୟରେ ପାରାଦୀପ ବିଧାୟକ ସମ୍ପିତ ରାଉତରାୟ ମଧ ପାଣ୍ଡିଆନଙ୍କୁ ବିରୋଧ କରିଥିଲେ। ପାଣ୍ଡିଆନ୍ କିଏ ମୁଁ ଜାଣିନି। ସିଏ ଏବେ ଇତିହାସ। କାରଣ ସେ ସନ୍ୟାସ ନେଇ ସାରିଛନ୍ତି ବୋଲି ସମ୍ପିତ କହିଥିଲେ। ବିଜେଡି ଉପରେ ବର୍ଷିଲେ ଭୂପିନ୍ଦର ସିଂ । ବିଜେଡି କମିଟି ଓ ପିଏସିରୁ ବାଦ୍ ପଡ଼ିବା ପରେ ଭୂପିନ୍ଦର ସିଂଙ୍କ ବିସ୍ଫୋରଣ । କାହିଁକି ବାଦ୍ ପଡ଼ିଲି ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଜାଣିଥିବେ । ମୁଁ ସବୁବେଳେ ଖୁସି, ଲୋକଙ୍କ ଆଶୀର୍ବାଦ ସବୁବେଳେ ମୋ ପାଖେ ଅଛି ବୋଲି ଭୂପିନ୍ଦର ସିଂ କହିଛନ୍ତି । ସେହିପରି ମୁନା ଖାନ୍‌ଙ୍କ ପ୍ରସଙ୍ଗରେ ମଧ ପ୍ରତିକ୍ରିୟା ରଖିଛନ୍ତି ଭୂପିନ୍ଦର ସିଂ । ସେ କହିଛନ୍ତି, ମୁନା ଖାନ୍ ନିଜ ପଦକୁ ନେଇ ଖୁସିନାହାନ୍ତି ବୋଲି ମିଡିଆରୁ ଶୁଣିଲି । ଆହୁରି ବି ନେତା ପଦ ପାଇଲା ପରେ ବି ଅସନ୍ତୁଷ୍ଟ ଥିବା ମୋ ପାଖେ ଖବର ଅଛି । ଲୋକଙ୍କ ଧାରଣା, ବିଜେଡିରେ ବିଶେଷ କିଛି ଢାଞ୍ଚାଗତ ପରିବର୍ତ୍ତନ ହୋଇନି । ଯଦି ଏହା ଉପରେ ବିଚାର ନ କରାଯାଏ ଆଗକୁ ଦଳ ପାଇଁ ଠିକ୍ ହେବନି । ବିଜେଡି ଦୃଢ଼ ବିରୋଧୀ ଦଳ ହୋଇପାରୁନି ବୋଲି ଲୋକଙ୍କ ଭିତରେ ଚର୍ଚ୍ଚା ହେଉଛି ବୋଲି ଭୂପିନ୍ଦର ସିଂ କହିଛନ୍ତି । ସେହିପରି ଭୂପିନ୍ଦର ଆହୁରି କହିଛନ୍ତି, ବିଜେପି ସାଙ୍ଗରେ ବିଜେଡି ସବୁବେଳେ ସଫ୍ଟଲାଇନ୍‌ରେ ରୁହେ । ଚର୍ଚ୍ଚା ବି ହେଉଛି, ସାଧାରଣ ନିର୍ବାଚନରେ ବିଜେପିକୁ ସାହାଯ୍ୟ କରିଥିଲା ବିଜେଡି । ଚର୍ଚ୍ଚାକୁ ଯଦି ଆମେ ମିଛ ଭାବିବା ତାହେଲେ ଫଳ କିଛି ମିଳିବନି ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସକୁ ଯିବା ପ୍ରସଙ୍ଗରେ ମଧ ବଡ଼ ବୟାନ ଦେଇଛନ୍ତି ଭୂପିନ୍ଦର ସିଂ । ସେ କହିଛନ୍ତି, ଏବେ ଓଟଖ ଚାଲିଛି, ଭଲ ପ୍ଲେୟାରଙ୍କୁ ସମସ୍ତେ ନେବାକୁ ଚାହିଁବେ । ମୁଁ ଗୋଟେ ଭଲ ପ୍ଲେୟାର, ମୋ ପାଖରେ ସମର୍ଥନ ଅଛି । ଏବେ ମୋତେ କଂଗ୍ରେସରୁ ଅଫର୍ ଆସିଲାଣି । ୨୪ ନିର୍ବାଚନରେ ବିଜେପି ଅଫର୍ ଦେଇଥିଲା, ଏବେବି ଦେଉଛନ୍ତି । କଳାହାଣ୍ଡିରେ କଂଗ୍ରେସକୁ ଆମେ ମଜବୁତ୍ କରିଛୁ । କଂଗ୍ରେସ ଯାଉଛନ୍ତି କି ପ୍ରଶ୍ନରେ ଭବିଷ୍ୟତକୁ କାହିଁକି ଯାଉଛ ବୋଲି କହିଲେ ଭୂପିନ୍ଦର ସିଂ ।

### ଡାଇନିଂ ଟେବୁଲରେ...

ଏହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅନାଦି କାଳରୁ ଭୂମିରେ ବସି ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ସେବନର ପରମ୍ପରା ପ୍ରଚଳିତ ଥିବାରୁ ଡାଇନିଂ ଟେବୁଲରେ ବସି ଏହାର ସେବନ ନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିବେଦନ କରିଛି । ହୋଟେଲଗୁଡିକ ଏଥିପ୍ରତି ଦୃଷ୍ଟିଦେଇ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ନିଜ ଅତିଥିମାନଙ୍କୁ ସଚେତନ କରିବାକୁ ଅନୁରୋଧ କରିଯାଇଛି ।

### ବିଶ୍ୱ ମଞ୍ଚରେ ଖୋଲିବ ପାକିସ୍ତାନର...

ଗସ୍ତ ପୂର୍ବରୁ ପ୍ରତିନିଧିମଣ୍ଡଳୀଙ୍କୁ ତାଲିମ ଦେବ ଭାରତୀୟ ବୈଦେଶିକ ମନ୍ତ୍ରାଳୟ । ବିରୋଧୀଙ୍କୁ ଏକାଠି ନେଇ ଟିମ ଗଠନ କରିବା ଓ ସେମାନଙ୍କୁ ବିଦେଶ ପଠାଇ ଆତଙ୍କବାଦ ବିରୋଧରେ ଭାରତର ପକ୍ଷ ରଖିବା ମୋଦୀ ସରକାରଙ୍କ ଏକ ମାଷ୍ଟରଷ୍ଟ୍ରୋକ କୁହାଯାଇପାରେ । କିନ୍ତୁ ପୂର୍ବରୁ ମଧ ଏଭଳି ଘଟଣାର ନଜୀ ରହିଛି । କଂଗ୍ରେସ ଶାସନ ସମୟରେ ତତକାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଓ ପିଭି ନରସିଂହ ରାଓ ସେହି ସମୟର ବିରୋଧୀ ଦଳ ନେତା ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀଙ୍କୁ ବିଦେଶ ପଠାଇ ପାକିସ୍ତାନ ଚଳାଇଥିବା ଛାୟା ଯୁଦ୍ଧ ସମ୍ପର୍କରେ ବିଶ୍ୱକୁ ଜଣାଇଥିଲେ ।

## ଚମ୍ପୁଆ ଏନଏସି ପକ୍ଷରୁ କର୍ମଶାଳା ଅନୁଷ୍ଠିତ

ଚମ୍ପୁଆ, ୧୭/୫ (ନି.ପ୍ର): ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ର ଶୁଭାରମ୍ଭ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାଟିକୁ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଉଦଘାଟନ କରିଥିଲେ । ଆସନ୍ତା ଆର୍ଥିକ ବର୍ଷରେ ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ପିଏମ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବା ପାଇଁ ପଦକ୍ଷେପ ନିଆଯିବା ନେଇ ଅଧ୍ୟକ୍ଷ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଭିନ୍ନ ୱାର୍ଡର କାଉନସିଲର , ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ବସ୍ତିବାସିନ୍ଦା, ସଂଘର ସଦସ୍ୟା ମାନେ ଯୋଗ ଦେଇଥିଲେ। ଏହି ଯୋଜନାରେ ମହିଳା ହିତାଧିକାରୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ବାସଗୃହ ଯୋଗାଇ ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ । ସିଏଲଟିସି ଅଭିଷେକ ନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସତ୍ୟବାନ୍ ନାଏକ ସହଯୋଗ କରିଥିଲେ। ସଭା ଶେଷରେ ସୁପରଭାଇଜର ବିଶାଖା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁନ୍ଦ ମୁକୁଳିସି ଚନ୍ଦନ ମେଳା ଉଦ୍‌ଯାପିତ ଓ ରକ୍ତଦାନ ଶିବିର




ବସ୍ତା, ୧୭/୫ (ନି.ପ୍ର): ବସ୍ତା ବ୍ଲକର ଦୁନ୍ଦ ମୁକୁଳିସି ଚନ୍ଦନ ମେଳା ଶୁକ୍ରବାର ଉଦଯାପିତ ହୋଇଛି। ଉଦଯାପନ ଉତ୍ସବରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ସୁଭାସିନୀ ଜେନା ଯୋଗଦାନ କରିଥିଲେ, ଅନ୍ୟତମ ଅତିଥି ଭାବରେ ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳି ଦାସ, ମୁଖ୍ୟ ବକ୍ତା ଭାବରେ ଭାରପ୍ରାପ୍ତ ସିଂଲା ଥାନା ଅଧିକାରୀଣୀ କମିଳିନୀ କାଣ୍ଡି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାତା ମାନେ ନିଜେ ରକ୍ତଦାନ କରି ଉତ୍ସାହିତ ହେବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏହି ରକ୍ତଦାନ ଶିବିର ରେ ୬୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।ଦୁନ୍ଦ ମୁକୁଳିସି ଚନ୍ଦନ ମେଳାର ୬୫ତମ ବର୍ଷ ପୂର୍ତ୍ତି ଅବସରରେ ପ୍ରଭୁ ଜଗନ୍ନାଥଙ୍କର ସୁନାବେଶ ସାଙ୍ଗକୁ କୁଞ୍ଜ ଏବଂ ଆଖ ପାଖ ଅଞ୍ଚଳରୁ ୪ଶହରୁ ଉର୍ଦ୍ଧ୍ୱ ଷ୍ଟଲ୍ ମେଳା ରେ ଦେଖିବାକୁ ମିଳିଥିଲା । ବିଶେଷକରି ଉତ୍ତର ବାଲେଶ୍ୱର ର ଏହି ମେଳାଟି ପ୍ରମୁଖ ମେଳା ହୋଇଥିବାରୁ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରଭୁ ବୃନ୍ଦାବନ ଜୀଉ ପ୍ରତ୍ୟେକ ଦିନ ଚନ୍ଦନ ପୋଖରୀ ରେ ନାବ ଖେଳନ୍ତି । ଏହି ନାବ ଖେଳକୁ ଦେଖିବା ପାଇଁ ବହୁତ ଦୂର ଦୂରାନ୍ତ ରୁ ପ୍ରତ୍ୟେକ ଦିନ ୫୦୦୦ ରୁ ଉର୍ଦ୍ଧ୍ୱ ଭକ୍ତ ହୁଅନ୍ତି ବୋଲି କମିଟିର ସଭାପତି ଲକ୍ଷ୍ମୀଧର ଦାସ ଏବଂ ସଂପାଦକ ରଞ୍ଜନ କୁମାର ଧଳ କହିଛନ୍ତି। ମାତ୍ର ଏବର୍ଷ କାଳବୈଶାଖୀ କାରଣ ରୁ ବିଗତ ବର୍ଷ ଭଳି ପୂର୍ଣ୍ଣିମା ରାତିରେ ଭକ୍ତଙ୍କ ଭିଡ ହୋଇନଥିଲା । ଏହି ମେଳା କୁ ପରିଚାଳନା କରିଥିଲେ କମିଟିର ସଭାପତି, ସମ୍ପାଦକ ସହିତ ସମସ୍ତ ସଭ୍ୟ ଓ ସଭ୍ୟା ମାନେ ।

## ବାଲିଆପାଳବାସୀଙ୍କ ଚିନ୍ତା ବଢ଼ାଇଲାଣି ବେଆଇନ୍ ନିଶା କାରବାର

### ଗଳିକନ୍ଦିରେ ଗଞ୍ଜେଇ, ମଦ, ବ୍ରାଉନସୁଗାର୍ କାରବାର
### ହାତବାନ୍ଧି ବସିଛନ୍ତି ପୁଲିସ୍ ଓ ଅବକାରୀ ବିଭାଗ

ବାଲିଆପାଳ, ୧୭/୫ (ନି.ପ୍ର): ଜିଲ୍ଲାର ସଦର ଓ ଜଳେଶ୍ୱର ଭଳି ବାଲିଆପାଳରେ ମଧ ବେଆଇନ ନିଶା କାରବାର ସାଧାରଣ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଲାଣି ଗାଁ ଗାଁରେ ଚୋରା ଦେଶୀ ମଦ ଠାରୁ ଆରମ୍ଭକରି ଗଞ୍ଜେଇ, ମଦ, ବ୍ରାଉନସୁଗାର ଭଳି ଉତ୍କଟ ନିଶା କବଳରେ ପିଲାଠାରୁ ବୁଢ଼ାଯାଏ କବଳିତ ଏହି କାରବାର ବେଆଇନ୍ ହୋଇଥିବା ସତ୍ତ୍ୱେ କମ୍ ପରିଶ୍ରମରେ ଅଧିକ ଲାଭ ପାଇବା ଲୋଭରେ ଯୁବପିଢ଼ି ସେଥିରେ ନିଜକୁ ନିୟୋଜିତ କରିସାରିଲେଣି ବେଆଇନ ନିଶା କାରବାରକୁ ରୋକିବାରେ ଅବକାରୀ ଓ ପୁଲିସ ବିଭାଗର ଗୁରୁଦାୟିତ୍ୱ ରହିଥିଲେ ମଧ ବାଲିଆପାଳ ଅଞ୍ଚଳରେ ଉଭୟ ବିଭାଗ ଯେପରି ଆଖି ବୁଜି ଦେଇଥିବା ଅଭିଯୋଗହୋଇଛି ! କାରଣ ଯଦି କୌଣସି ସଚେତନ ନାଗରିକ ନିଶା କାରବାର ସମ୍ପର୍କରେ ପୁଲିସ କିମ୍ବା ଅବକାରୀ ବିଭାଗକୁ ଖବର ଦେଉଛି ତା'ହେଲେ ନିଶା ବ୍ୟବସାୟୀଙ୍କୁ ତୁରନ୍ତ ଖବର ମିଳିଯାଉଛି ଆଉ ସେମାନେ ସତର୍କ ହୋଇଯାଉଛନ୍ତି। ଏଥିସହ ଯେଉଁ କେତେଜଣ ଛୋଟମୋଟ ବ୍ୟବସାୟୀଙ୍କୁ ଧରାଯାଉଛି, ସେମାନଙ୍କୁ କୋହଳ ଦଫା ଲଗେଇ ସହଜରେ ନାମିତରେ ଖସିଯିବାର ବ୍ୟବସ୍ଥା କରାଯାଇଥିବା ନେଇ ଅଭିଯୋଗ ହେଉଛି ଓପରେ ସେମାନେ ପୁଣି ବେଧଡ଼କ କାରବାର କରୁଛନ୍ତି ପ୍ରଶାସନ ଉପରେ କୌଣସି ରାଜନୈତିକ ଦଳ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ଚାପ ସୃଷ୍ଟି କରି ପାରୁନାହାଁନ୍ତି ବାଲିଆପାଳର ଇଡୋକ ଛକ, ବ୍ଲକ ଛକ, ପାରୁଳିଆ ଛକ, ହନୁମାନମନ୍ଦିର ଛକ, କୋଷ୍ଟ କେନାଲ ରାସ୍ତା, ବାଲିଆପାଳ-କମର୍ଦ୍ଦା ରାସ୍ତା, ବାସୁଦେବପୁର ଛକ, ତାରିଣୀ ଛକ, ପାରୁଳିଆ ହାଟ, ସାନ ମଇଁସାଡି ସ୍କୁଲ ଛକ, ସିମୁଳିଆ ମାର୍କେଟ, ନେତାଜୀ ଷ୍ଟାଡିୟମ, ବଢ଼ାପାଳହାଟ, ବାଲିଖାଦାନ ଛକ ପ୍ରଭୃତି ସ୍ଥାନ ଏବେ ନିଶାସକ୍ତ ଯୁବକମାନଙ୍କର ନିରାପଦ ସ୍ଥାନ ପାଲଟିଛି ସନ୍ଧ୍ୟା ହେଲେ ଏହିସବୁ ସ୍ଥାନମାନଙ୍କରେ ନିଶାସକ୍ତ ଯୁବକମାନେ ଦେଶୀ-ବିଦେଶୀ ମଦଠାରୁ ଆରମ୍ଭ କରି ଗଞ୍ଜେଇ ଓ ଧଳାପାଉଡର ଇତ୍ୟାଦି ବିଭିନ୍ନ ଉତ୍କଟ ମାଦକ ଦ୍ରବ୍ୟ ସେବନ କରୁଥିବା ଦେଖାଯାଉଛି। ପ୍ରତ୍ୟେକ ଦିନ ଜଳେଶ୍ୱରରୁ ପଶ୍ଚିମବାଡ଼ ରାସ୍ତା ଦେଇ ବାଲିଆପାଳ କୁ ମଟର ସାଇକେଲ ସାହାଯ୍ୟରେ ଧଳାପାଉଡର ସହିତ ବିଭିନ୍ନ ନିଶାଦ୍ରବ୍ୟ ଆସୁଛି ବାଲିଆପାଳରେ ରେ ଥିବା କିଛି ନିର୍ଦ୍ଦିଷ୍ଟ ଦୋକାନରେ ରଖାଯାଇ ବିଭିନ୍ନସ୍ଥାନକୁ ବିକ୍ରି ପାଇଁ ପଠାଯାଉଛି ପ୍ରଶାସନ ପାଖରେ ଏବିଷୟରେ ଖବର ନରହିବା ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆରୁହା ପଂଚାୟତର ଗମନା ଗମନ ସୁବିଧାରେ ଯୋଡି ହେବ ନୂଆ ଅଧ୍ୟାୟ



ଜଳେଶ୍ୱର, ୧୭/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଆରୁହା ଗାଁରୁ ଜଳେଶ୍ୱର ପୌରାଞ୍ଚଳକୁ ସିଧା ସଳଖ ଗମନାଗମନ ବ୍ୟବସ୍ଥାରେ ଆସିବ ନୂଆ ରୂପାନ୍ତରଣ ।ଆରୁହା ଗାଁରେ ପହଞ୍ଚିବ ସମସ୍ତ ସରକାରୀ ଗାଡ଼ି। ବଦଳିବ ସାର୍ବଜନୀନ ମୌଳିକ ବ୍ୟବସ୍ଥାର ଚେହେରା। ଏହି ଉଦ୍ଦେଶ୍ୟ ନେଇ ବାଲେଶ୍ୱର ଜିଲ୍ଲାର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ ସି ସୌଭାଗ୍ୟ ଦାସଙ୍କ ନିର୍ଦ୍ଦେଶରେ ସହକାରୀ ଯନ୍ତ୍ରୀ ଶ୍ୟାମଲ କିସ୍କୁଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟାହ୍ନ ସମୟରେ ପହଞ୍ଚି ପ୍ରାରମ୍ଭିକ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ସୂଚନାରୁ ପ୍ରକାଶ ଯେ ଆଜକୁ ବହୁ ବର୍ଷ ଧରି ଜଳେଶ୍ୱର-ପଶ୍ଚିମବାଡ ରାସ୍ତାର ଆରୁହା ବଢିଆସାହି ଛକ ଠାରୁ ଜଳେଶ୍ୱର ପୌରାଞ୍ଚଳର ଅଲ୍ଲାଲପୁର ସୁସାଇଟ ଅଫିସ,ଭାୟା ମାଜୀଣା ସାହି, ସନ୍ତୁସି ମନ୍ଦିର ଓ ବକୁଳ ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ନୂତନ ରାସ୍ତାର ନିର୍ମାଣ ପାଇଁ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ, ସମିତି ସଭ୍ୟା ମଧୁମିତା ମହାନ୍ତି, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ, ପ୍ରମିଳା ସାମଲ,ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ସମାଜସେବୀ ଶ୍ରିକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ସହ ସମସ୍ତ ଗ୍ରାମବାସୀ ତଥା ଅନ୍ୟାନ୍ୟ ପଞ୍ଚାୟତର ପଞ୍ଚାୟତ ବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ,ମନ୍ୟବର୍ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ,ବିଭାଗୀୟ ମନ୍ତ୍ରୀଙ୍କୁ ତଥା ଜଳେଶ୍ୱର ପଞ୍ଚାୟତ ସମିତି ବୈଠକରେ ଲିଖିତ ଆପତି ଅଭିଯୋଗ ଜଣାଇବା ପରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାରମ୍ଭିକ କ୍ଷେତ୍ର ପରିଦର୍ଶନ କରିଛନ୍ତି ।ଏହି ରାସ୍ତା ହେବା ଦ୍ୱାରା ତହସିଲଅଫିସ୍, ଆରଆଇ ଅଫିସ, ହସ୍ପିଟାଲ୍,ଦୁଇଟି ମହିଳା କଲେଜ,ଇଲେକ୍ଟ୍ରୀ ଅଫିସ ଏବଂ ସୁସାଇଟ ଅଫିସ ସହିତ ଅନ୍ୟାନ୍ୟ ଦରକାରୀ ଅଫିସ ଗୁଡିକକୁ ଯିବା ପାଇଁ ଆରୁହା, ଶାଳୀକୋଠା, ଛମୌଜ, ମହିଶାମୁଣ୍ଡା କଲ୍ୟାଣପୁର, ବର୍ଦ୍ଧନା, ପାଇକସିଦା, କସିଦା, ସାନକଶିଦା ର ଲୋକ ମାନଙ୍କର ବହୁତ ଅଳ୍ପ ସମୟ ମଧ୍ୟରେ ପହଞ୍ଚି ସମସ୍ତ କାର୍ଯ୍ୟ କରିହେବ ବୋଲି ଅଞ୍ଚଳ ବାସି ମତ ପ୍ରକାଶ କରିଛନ୍ତି। ବିଶେଷ କରି ଚାଷୀ ମାନଙ୍କର ଅମଳ ଧାନ ଆଉ ୧୦ କିଲୋମିଟର ବିଲେଇ ଯାଇ ଅଲ୍ଲାଲପୁର ସୁସାଇଟ ଅଫିସରେ ପହଞ୍ଚିବାକୁ ପଡ଼ିବ ନାହିଁ। ଏହି ରାସ୍ତା ହେବା ଦ୍ୱାରା ସମସ୍ତଙ୍କ ସୁବିଧା ହେବ ବୋଲି ଦାବି ହୋଇଛି। ବିଜେପି ନେତା ବ୍ରଜମୋହନ ପ୍ରଧାନ ଓ ସହକାରୀ ଯନ୍ତ୍ରୀ ଶ୍ୟାମଲ କିସ୍କୁ ବହୁ ଶୀଘ୍ର ଏହାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବେତନଟୀ , ୧୭/୫ (ନି.ପ୍ର): ସମାଜରେ ଶିକ୍ଷକ ମାନଙ୍କ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ଏହି ବ୍ଲକ ଅନ୍ତର୍ଗତ ମହୁଲିଆ ଉ:ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁଦ୍ରପ୍ରସାଦ ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାନୁ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସଭାରେ ବେତନଟୀ ବିଇଓ ବିପ୍ଳବ କୁମାର କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷକଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ରମାକାନ୍ତ ମହାନ୍ତ, ସମ୍ମାନିତ ବକ୍ତାଭାବେ ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ସମ୍ମାନିତ ଅତିଥି ରୂପେ ଆମ୍ଫେ-୮୩ର ସଭାପତି ସତୀଶ କୁମାର ସାହୁ ଯୋଗଦାନ କରିଥିଲେ । ସଭାରେ ବକ୍ତାଭାବେ ମହୁଲିଆ ଗ୍ରାମର ଦୈତ୍ୟାରୀ ମହାନ୍ତ, ମଦନ ମହାନ୍ତ, ଭକ୍ତ ହରି ମୁର୍ମୁ, ଉମାକାନ୍ତ ମହାନ୍ତ, ଅନ୍ନଦା ମହାନ୍ତ, ଉତ୍ତମ କୁମାର ମହାନ୍ତ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମ୍ବନ୍ଧରେ କହିଥିଲେ । ମଞ୍ଚପରିଚାଳନା କରିଥିଲେ ଆମ୍ଫେ-୮୩ ସଦସ୍ୟ ନରହରି ମହାନ୍ତ ଓ ସଂପାଦକ ସଂଜୟ କୁମାର ଭୂୟାଁ ଓ ଆରମ୍ଭରେ ଶିକ୍ଷକ ଶ୍ୟାମ ପ୍ରସାଦ ମଜୁଆଲ ଅତିଥି ପରିଚୟ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭାରେ ମୁଖ୍ୟଅତିଥି ଶ୍ରୀଯୁକ୍ତ କର ବିଦାୟୀ ପ୍ରଧାନଶିକ୍ଷକ ରୁଦ୍ରପ୍ରସାଦ ନାୟକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମାନପତ୍ର ପାଠ କରିଥିଲେ ଆମ୍ଫେ-୮୩ର ଉପସଭାପତି ତଥା ବେତନଟୀ ବ୍ଲକ ଓଷ୍ଟା ସଂପାଦକ ସୂର୍ଯ୍ୟାନନ୍ଦ ନାୟକ । ସମ୍ବର୍ଦ୍ଧନାର ଉତ୍ତର ରୁଦ୍ରପ୍ରସାଦ ନାୟକ ଦୀର୍ଘ ୩୨ ବର୍ଷର କର୍ମମୟ ଜୀବନ ସଂପର୍କରେ କହିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତ, ସହଯୋଗ କରିଥିଲେ ଆମ୍ଫେ-୮୩ର ସଦସ୍ୟ ସୁକାନ୍ତ କୁମାର ବେହେରା, କ୍ଷେତ୍ରମୋହନ ବେହେରା, ମନୋରଞ୍ଜନ ସାହୁ, ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର, ଭାରତୀ ମହାନ୍ତ ପ୍ରମୁଖ ।

## ଏ ବର୍ଷ ଲାଗିବ ୬ କୋଟି ଟଙ୍କାର ତାଳ ଗଛ

ଭୁବନେଶ୍ୱର, ୧୭/୫ (ନି.ପ୍ର): ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ରାଜ୍ୟରେ ତାଳ ଗଛ ଲଗାଯିବ। ଏନେଇ ପଦକ୍ଷେପ ନିଆଯାଇଛି । ପୂର୍ବ ବର୍ଷ ୨୦ ଲକ୍ଷ ଗଛ ଲଗାଯାଇ ଟାର୍ଗେଟ୍ କୁ ପୂରଣ କରାଯାଇଛି । ଚଳିତ ବର୍ଷ ୫ରୁ ୬ କୋଟି ଟଙ୍କାର ତାଳ ଗଛ ଲଗାଇବାକୁ ନିଷ୍ପତି ହୋଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ଏହି ସୂଚନା ଦେଇଛନ୍ତି।

## ଆର୍ଟ ଅଫ୍ ଗିଭିଂର ଦ୍ୱାଦଶ ବାର୍ଷିକ ଉତ୍ସବ

କେନ୍ଦ୍ରାପଡା, ୧୭/୫ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍, ପୂର୍ବତନ ସାଂସଦ ତଥା କିଟ୍,ଓ କିସ୍ ପରି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ଆରମ୍ଭ ହୋଇଥିବା ଆର୍ଟ୍ ଅଫ୍ ଗିଭିଂ କାର୍ଯ୍ୟାକ୍ରମର ଦ୍ୱାଦଶ ବାର୍ଷିକ ଉତ୍ସବ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଫର୍ଜନ୍ ଛକ ସ୍ଥିତ ଶ୍ରୀ ବଳଦେବଜୀଉ କଲ୍ୟାଣ ମଣ୍ଡପରେ ମହା ସମାରୋହରେ ପାଳିତ ହୋଇଯାଇଛି । ଅଧ୍ୟାପକ ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟ କ୍ରମରେ ବିଶିଷ୍ଟ ସମାଜସେବୀ ଡ଼ଃ ଚୈତନ୍ୟ ଚରଣ ପରିଡା, ସାହିତ୍ୟିକ ମଥୁରୀ ଚରଣ ନାୟକ, ଗଣେଶ ସାମଲ, ଆଦିକନ୍ଦ ରାଉଳ, ବୈଷ୍ଣବ ଚରଣ ସ୍ୱାଇଁ, କରୁଣାକର ଦାସ, ଶରତ ଚନ୍ଦ୍ର ବେଉରା, ସୁଶୀଲ ଜେନା, ଆର୍ଟ୍ ଅଫ୍ ଗିଭିଂ ର କର୍ମକର୍ତ୍ତା ଅନନ୍ତ କୁମାର ଖଟୁଆ, ସନ୍ତୋଷ ସରଙ୍ଗି,ରଞ୍ଜିତ ପ୍ରସାଦ ଜେନା, ଅକ୍ଷୟ ମହାନ୍ତି, ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ।ମହିଳା ସମାଜ ସେବୀ ଶର୍ମିଷ୍ଠା ନାୟକ ଯୋଗଦେଇ ମହିଳା ମାନଙ୍କ ପାଇଁ ଆର୍ଟ ଅଫ ଗିଭିଙ୍ଗ ର ବାର୍ତ୍ତା ବହ ସାଜିଥିଲେ। ଏହି କାର୍ଯ୍ୟ କ୍ରମ କୁ ସଂଯୋଜକ ଭାବେ ଡ଼ଃ ଅଚ୍ୟୁତ ସାମନ୍ତଙ୍କ ଏକାନ୍ତ ଆନୁଗତ୍ୟ ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଅତିଥି ଭାବେ ବହୁ ଶିକ୍ଷା ବିତ ଯୋଗଦେଇ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟି ସମ୍ପନ୍ନତା ର ପ୍ରସଂଶା କରିବା ସହିତ ଏହି ଅଭିଯାନରେ ସାରା ଓଡ଼ିଶା ଓ ସମଗ୍ର ଭାରତବର୍ଷ ସହ ସାରା ବିଶ୍ୱ ଯୋଡି ହେବା ପାଇଁ ଆହ୍ୱାନ ଦେଇଥିଲେ । ନିଜ ଜୀବନକାଳ ମଧ୍ୟରେ ନାନା ଘାତପ୍ରତିଘାତ ର ସାମନା କରି ତଥାପି ହାରି ଯାଇ ନଥିବା ଡକ୍ଟର ଅଚ୍ୟୁତ ସାମନ୍ତ ଅନ୍ୟକୁ ଦାନ କରିବାର ଆଦର୍ଶ ରେ ଅନୁପ୍ରାଣିତ ହୋଇ ସମଗ୍ର ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସୂଚନା ଯୋଗ୍ୟ ଚଳିତବର୍ଷ ଆର୍ଟ୍ ଅଫ୍ ଗିଭିଂ ର ବିଷୟବସ୍ତୁ ରହିଛି ନେବର ଗୁଡ଼ ବା ପଡୋଶୀଙ୍କ ସହିତ ସୁସମ୍ପର୍କ ରଖିବା । ଏହାକୁ ଆଧାର କରି ଚଳିତବର୍ଷ କାର୍ଯ୍ୟେକ୍ରମ ଆଗେଇ ନେବାକୁ ଉପସ୍ଥିତ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ ।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କୃତି ଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧନା

ବାରିପଦା , ୧୭/୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ୨୬ ଗୋଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀମାନଙ୍କର ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଳଙ୍କୃତ କରିଥିବା ପ୍ରତ୍ୟେକ ପିଲାଙ୍କୁ ୧୦,୦୦୦ ଟଙ୍କା ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲାଓ ଜିଲ୍ଲାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ଅଭିଭାଷଣ ସହ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଛାତ୍ରୀମାନଙ୍କୁ ପିତା ମାତା ଓ ଗୁରୁଜନମାନଙ୍କ ଆଶୀର୍ବାଦ ନେବା ପାଇଁ ପରାମର୍ଶ ଦେଇଥିଲେ ଓ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ ଯୋଗ ଦେଇ ଯାହାକୁ ଯେଉଁ କାର୍ଯ୍ୟ ଭଲ ଲାଗୁଛି ସେହି କାର୍ଯ୍ୟରେ ଶ୍ରେଷ୍ଠତା ପ୍ରତିପାଦିତ କରିବା ପାଇଁ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ ଓ ଏଥି ସହିତ କାର୍ଯ୍ୟରେ ବିଫଳତା ହେଲେ ସଫଳତା ପାଇଁ ଅନେକ କିଛି ଶିଖିବାକୁ ହୁଏ ବୋଲି ଛାତ୍ରୀମାନଙ୍କୁ ପରାମର୍ଶ ଦେବା ସହିତ ତାଙ୍କ ନିଜ ଜୀବନରେ ଘଟିଥିବା ଘଟଣା ଗୁଡିକରୁ କିପରି ବିଫଳତାରୁ ସଫଳତା ହୋଇ ଜିଲ୍ଲାପାଳ ହୋଇଥିଲେ ତାହା ଛାତ୍ରୀମାନଙ୍କୁ ଉଦାହରଣ ଦେଇଥିଲେ ଓତତ୍ ସହିତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରୀ ମାନଙ୍କ ପାଇଁ ଦେଖିଥବା ସ୍ୱପ୍ନ କୁ ସାକାର କରିବା ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୟ ପରି ପ୍ରକାଶ କରିଥିଲେ ଓସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଛାତ୍ରୀ ମାନଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖିବା ସହିତ ନିଜ ସୁରକ୍ଷା ପାଇଁ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଛାତ୍ରୀମାନେ ଯେଭଳି ପ୍ରଥମ କରି ସମ୍ବର୍ଦ୍ଧନା ପାଇବା ପାଇଁ ଯୋଗ୍ୟ ହୋଇପାରିଛ ସଦା ସର୍ବଦା ସେହି ଇଛା ମନୋଭାବ ମନରେ ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେଓ ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେଓ ଶେଷରେ ଅତି ରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପକ୍ଷରୁ ଏଭଳି ଏକ ନିଆରା ପଦକ୍ଷେପ ନେଇ କେଜିବିଭି କୃତି ଛାତ୍ରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇଥିବାରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶ୍ରୀଯୁକ୍ତ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ ଓଶେଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୟ ଚଳିତ ବର୍ଷ କେଜିବିଭି (ସିଙ୍ଗଲ ପ୍ୟାରେଣ୍ଟ )ଛାତ୍ରୀମାନଙ୍କ ପାଇଁ ଆର୍ଥିକ ୪୦୦୦/- ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ପରିଶେଷରେ ସମସ୍ତ ଛାତ୍ରୀ ମାନଙ୍କୁ ଆର୍ଥିକ ୧୦୦୦୦/- ଟଙ୍କାର ଚେକ ପ୍ରଦାନ କରାଯିବା ସହିତ ପିଲାମାନଙ୍କ ଗହଣରେ ଫୋଟୋ ଉଠାଇ ଉତ୍ସହିତ ଉତ୍ସାହିତ କରିଥିଲେ ଓ ଏଥିରେ ସମସ୍ତ କେଜିବିଭିର ପ୍ରଧାନ ଶିକ୍ଷକ ଓ ୱାର୍ଡେନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମୁନି ସମାଜର ଜ୍ଞାନଯଜ୍ଞ

ରୂପସା , ୧୭/୫ (ନି.ପ୍ର): ସକାଳ ୮ ଘଟିକା ସମୟରେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀଙ୍କ ସଭାପତିତ୍ୱରେ, ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମିସ୍ତ୍ରୀ-ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟାଙ୍କ କନିଷ୍ଠ ସୁପୁତ୍ର ଆୟୁଷ୍ମାନ ମୁନି ବିଶ୍ୱଜିତ ମିସ୍ତ୍ରୀଙ୍କ ୩୬ତମ ଶୁଭ ଜନ୍ମଦିନ, ଷ୍ଟେସନ କଲୋନି ସ୍ଥିତ ତାଙ୍କ ବାସଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ସୁ ପୁତ୍ର ବିଶ୍ୱଜିତଙ୍କୁ ତାଙ୍କର ନିରୋଗ ନିରାମୟ ଆନନ୍ଦମୟ ଯୋଗମାୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତଥିଲେ, ମୁନିମତୀ ମୋନାଲି ଶା ରଣା, ମୁନିମତୀ ସୁକାନ୍ତୀ ରଣା, ମୁନି ଜଗଦିଶ ପରିଡା, ମୁନି ଯୋଗେନ୍ଦ୍ର ବେହେରା, ମୁନୀମତୀ ଶକୁନ୍ତଳା ପରିଡା, ମୁନିମତୀ ଫୁଲମଣୀ ବେହେରା, ମୁନିମତୀ ସୁଷମା ପରିଡା, ମୁନିକୁମାରୀ ମିନତୀ ଦଳାଇ, ମୁନି କୁମାର ତ୍ରିଶାନ ମିସ୍ତ୍ରୀ, ମୁନି କୁମାରୀ ଦିବ୍ୟା କୃତୀ ମିସ୍ତ୍ରୀ ପ୍ରମୁଖ । ପରିବାରର ସମସ୍ତେ ଯୋଗସାଧନ କରି ଚାଲିଲେ,ସେ ପରିବାର ବୈକୁଣ୍ଠ ସମାନ ଏକ ମନ, ଏକ ପ୍ରାଣ ହୋଇ ଉତ୍ତୋରୋତ୍ତର ଉନ୍ନତି କରିଚାଲିବା ସହିତ ସୁଖଶାନ୍ତି ଆନନ୍ଦ ସର୍ବଦା ଭରପୁର ହୋଇ ଚାଲିଥିବ, ଏହା ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶେଷରେ ଜ୍ୟେଷ୍ଠ ସୁପୁତ୍ର ମୁନି ଶାନ୍ତନୁ କୁମାର ମିସ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାଠି ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।



# ଶିକ୍ଷକ ନେତା ଜଗନ୍ନାଥ ମହାନ୍ତିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳୀ ସଭା



ବାଲିଆପାଳ , ୧୭/୫ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ) : ସ୍ୱର୍ଗତ ଜଗନ୍ନାଥ ମହାନ୍ତି ଏକାଧାରରେ ଜଣେ ଲେଖକ ,ନାଟ୍ୟକାର,ନିର୍ଦ୍ଦେଶକ ଓ ଶିକ୍ଷାବିତ୍। ଶିକ୍ଷକ ସମାଜ ପାଇଁ ପ୍ରେରଣା ଉତ୍ସ । ବାଲିଆପାଳର କଳା ସଂସ୍କୃତିକୁ ଆଗେଇ ନେବାରେ ସେ ଥିଲେ ଅନ୍ୟତମ କର୍ଣ୍ଣଧାର । ସୃଷ୍ଟି କରିଯାଇଛନ୍ତି ଅନେକ ଅନୁଷ୍ଠାନ ସାଙ୍ଗକୁ ଶହ ଶହ କଳାକାର । ସେ ଏକାଧାରରେ ବାଲିଆପାଳ ମାଟିର ଯଶସ୍ୱୀ ନାୟକ ବୋଲି ଆଜି ଏକାଦଶାହରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଯୋଗ ଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ହାସିମପୁର ସ୍ଥିତ ବାସଭବନରେ ଅନୁଷ୍ଠି ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ଭଣଜା ଶୁଭେନ୍ଦୁ ଦାସ ଓ ଡ.ସୁଶାନ୍ତ କୁମାର ଦାସ ମଂଚ ସଂଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂପାଦିକା ଚାରୁଲତା ମହାପାତ୍ର, ଶିକ୍ଷକ ନେତା ମନ୍ମଥ ବିଶ୍ୱାଳ, ଆଦିତ୍ୟ ରାଉତ,ପ୍ରଭାତ ରଞ୍ଜନ ସାହୁ,ବିଶ୍ୱମ୍ବର ପାତ୍ର, ପୂର୍ଣ୍ଣେନ୍ଦୁ ଦାସ,କଳାକାର ସଂଘର ଜିଲା ଉପସଭାପତି ରାଧାକୃଷ୍ଣ ଗିରି, ଝାଡେଶ୍ୱର ପ୍ରଧାନ, ରାଧାରମଣ ରାଉତ, ଅବସରପ୍ରାପ୍ତ ଡିଆଇ ସୁବାଷ ଚୌଧୁରୀ, ଭୀମଚରଣ ସାମଲ, ଅବସରପ୍ରାପ୍ତ ଏବିଇ ମନ୍ମଥ କୁମାର ସାହୁ,ବରିଷ୍ଠ ନାଗରିକ ମଂଚର ଶ୍ରୀହରି ମଣ୍ଡଳ, କୁଞ୍ଜକାନ୍ତ ପାତ୍ର, ସନ୍ୟାସୀ ବେହେରା, ବିଜୟ ପାତ୍ର, ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରର ପରିଚାଳନା କମିଟି ସଂପାଦକ ବ୍ରଜକିଶୋର ଭୂୟାଁ, ପ୍ରଫୁଲ କୁମାର ସାହୁ, ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ପୂର୍ବତନ ସରପଂଚ ମୁରଲୀମୋହନ ସାହୁ, କବିନ କାଳିପଦ ପଣ୍ଡା, ସତ୍ୟକାମ ମହାନ୍ତି, ଦିବ୍ୟକାମ ମହାନ୍ତି,ସ୍ୱର୍ଗତ ମହାନ୍ତିଙ୍କ ସାନ ଭାଇ ବିଜୟ ମହାନ୍ତି,ବଡ ଝିଅ ଶୁଭସ୍ମିତା.ସାନ ଝିଅ ପ୍ରଜ୍ଞାସରିତା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରଯାଇଥିଲା । ମହାନ୍ତି ପରିବାରର ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଉପ ମୁଖ୍ୟସଚେତକଙ୍କୁ ଭେଟିଲେ ଓୟୁଜେ

ବାଲେଶ୍ୱର, ୧୭/୫ (ନି.ପ୍ର): ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ଏକ ପ୍ରତିନିଧି ଦଳ ରାଜ୍ୟର ସାମ୍ବାଦିକ ମାନଙ୍କ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ସରକାରୀ ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରିଥିଲେ । ଦେଶର ବିଭିନ୍ନ ରାଜ୍ୟର ସରକାର ମାନେ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି ବୋଲି ୟୁନିଅନର ଜିଲ୍ଲା ଶାଖା ସଭାପତି ଶ୍ରୀ ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳର ସଦସ୍ୟମାନେ ଉପ ମୁଖ୍ୟ ସଚେତକ ଶ୍ରୀ ଦାସଙ୍କୁ ଅବଗତ କରିଥିଲେ । ଏହି ପ୍ରତିନିଧି ଦଳରେ ଜୋନାଲ ସମ୍ପାଦକ ରବିନ୍ଦ୍ର ମହାକୁଡ଼, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଣ ପ୍ରମୁଖ ଉପସ୍ଥିତ ଥିଲେ । ଆଲୋଚନା ପରେ ସାମ୍ବାଦିକଙ୍କ ସୁରକ୍ଷା, ପେନସନ୍ ବ୍ୟବସ୍ଥା, ଅଧିସ୍ୱୀକୃତି କମିଟି ଗଠନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରିବେ ବୋଲି ଉପମୁଖ୍ୟ ସଚେତକ ଶ୍ରୀ ଦାସ ଦୃଢ ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଦିଆଯାଉଥିବା ପାଞ୍ଚ ଲକ୍ଷ ଟଙ୍କାର ବୀମା ରାଶିକୁ ଦଶ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସମ୍ପର୍କରେ ପ୍ରତିନିଧି ଦଳ ମଧ୍ୟ ଆଲୋଚନା କରିଥିଲେ । ରାଜ୍ୟ ସରକାର ସାମ୍ବାଦିକଙ୍କ ସମସ୍ୟା ପ୍ରତି ସଚେତନ ଅଛନ୍ତି ଯେ, କୌଣସି ସମୟରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ତାହା ପୂରଣ କରାଯିବ ବୋଲି ଶ୍ରୀ ଦାସ ପ୍ରତିନିଧି ଦଳର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସାମ୍ବାଦିକ ମାନଙ୍କ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ରାଜ୍ୟ ସଭାପତି ଶ୍ରୀ ପ୍ରସନ୍ନ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଓୟୁଜେ ଏଭଳି କାର୍ଯ୍ୟ ଜାରୀ ରଖିବ ବୋଲି ସଭାପତି ଶ୍ରୀ ରାଉତ ଏକ ପ୍ରେସ ବିବୃତିରେ କହିଛନ୍ତି ।



# ବସ୍ତାରେ ଦୁଇ ବେଆଇନ ବାଲି ଗାଡି ଜବତ



ବସ୍ତା, ୧୭।୫(ନିପ୍ର): ବସ୍ତା ସବରେଜିଷ୍ଟ୍ରାର ଅଫିସ ଆଗରେ ଆଜି ଦୁଇଟି ବେଆଇନ ବାଲି ବୋଝେଇ ଗାଡି ଖଣି ବିଭାଗ ଅଫିସରଙ୍କ ଦ୍ୱାରା ଜବତ ହୋଇଥିଲା। ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଜେ ସି ବି ଗାଡିରେ ବାଲି ବୋଝେଇ ହୋଇ ଯାଉଥିବା ବେଳେ ଖଣି ବିଭାଗ ଜଳେଶ୍ୱର ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଓ ବସ୍ତା ବାଲିଆପାଳ ଅଧିକାରୀ ସତ୍ୟ ଚିନ୍ମୟ ଜେନା ଜବତ କରିଥିଲେ। ଏହି ଦୁଇ ଗାଡିର ଚାଳକ ଗାଡି ଛାଡି ପଳାଇଥିଲେ। ତେବେ ଖଣି ଅଧିକାରୀ ଖବର ଦେବାରୁ ବସ୍ତା ଥାନା ପକ୍ଷରୁ ଗାଡି ଦୁଇଟିକୁ ନିଜ ହେପାଜତ କୁ ନେଇଥିଲେ।

# ଜଳେଶ୍ୱରରେ ଆର୍ଟ ଅଫ ଗିଭିଙ୍ଗର ୧୨ ତମ ପ୍ରତିଷ୍ଠା ଦିବସ




ଜଳେଶ୍ୱର, ୧୭/୫ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ ତଥା କିଟ୍ ଓ କିସ୍ ର ପ୍ରତିଷ୍ଠାତା ତଥା ପ୍ରାକ୍ତନ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଙ୍ଗର ୧୨ ତମ ପ୍ରତିଷ୍ଠା ଦିବସରେ ପଡୋଶୀ ଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାର ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡାଙ୍କ ଆହ୍ୱାନରେ ଆର୍ଟ ଅଫ ଗିଭିଙ୍ଗର ଜଳେଶ୍ୱର ୟୁନିଟର ସଭାପତି ସିଦ୍ଧାର୍ଥ ଶଙ୍କର ପାଳଙ୍କ ସଭାପତିତ୍ୱରେ ଜଳେଶ୍ୱର ୟୁନିଟ ତରଫରୁ ଆଜି ଜଳେଶ୍ୱର ପୁରୁଣା କୋର୍ଟ ପରିସରରେ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି କୁଞ୍ଜବିହାରି ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷର ଥିମ 'ପଡୋଶୀ ଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।ଯାହାଦ୍ୱାରା ଜାତି,ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଆମେ ଆମର ପଡୋଶୀ ଙ୍କୁ ଉତ୍ତମ ବ୍ୟବହାର ଏବଂ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ସଂକଳ୍ପ ନେବା ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।ବରିଷ୍ଠ ଆଇନଜିବି ଚିନ୍ମୟ କୁମାର ଦାସ,ଶିକ୍ଷାବିତ ଅଜିତ କୁମାର ମାହାନ୍ତି,ଓକିଲ ସଂଘର ସଂପାଦକ ବିଜନ କୁମାର ଦେ,ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ, ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ମାହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଆର୍ଟ ଅଫ ଗିଭିଙ୍ଗର ସମ୍ପାଦକ ଗିରିଜା ଶଙ୍କର ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।ଶେଷରେ କୋଷାଧକ୍ଷ ତଥା ଆଇନଜ୍ଞୀ ସୁଶାନ୍ତ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।ବିଭିନ୍ନ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଓକିଲ,ସମ୍ବାଦିକ, ତଥା ଆର୍ଟ ଅଫ ଗିଭିଙ୍ଗର ସଡସ୍ୟ ସମରେନ୍ଦ୍ର ଦାସ ନରହରି ପ୍ରଧାନ, ଶିକ୍ଷକ ସୁଶାନ୍ତ ଦାସ,କାଉନସିଲର ମୀର ଆବାସ ଅଲ୍ଲୀ,କମଳ ଲୋଚନ ପାଲ,ଆଶିଷ ଗିରି, ଗୌତମ ଦାସ, ଜିତେନ୍ଦ୍ର ଦାସ ମହାପାତ୍ର, ଅମିତ୍ ନାରାୟଣ ଦାସ ମହାପାତ୍ର, ଅନନ୍ତ ସାହୁ ତଥା ବୁଦ୍ଧିଜୀବୀ,ଶିକ୍ଷାବିତ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।ଜଳେଶ୍ୱର କାଳୀ ମନ୍ଦିର ପାଖରୁ ପୁରୁଣା କୋର୍ଟ ପର୍ଯ୍ୟନ୍ତ ଏକ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା।

# ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା , ୧୭/୫ (ନି.ପ୍ର): ଆଜି ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ, ଓଡିଶା ସରକାର ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୟୂରଭଞ୍ଜ ଜିଲ୍ଲାକୁ ୨ଦିନିଆ ଗସ୍ତରେ ଆସି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକ ରେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଡ଼. କୃଷଚନ୍ଦ୍ର ମହାପାତ୍ର, ଲୋକ ସଭା ସାଂସଦ ଶ୍ରୀ ନବ ଚରଣ ମାଝୀ, ରାଜ୍ୟ ସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମ ଚରଣ ହାଇବୁରୁ, ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ଉଦଳା ବିଧାୟକ ଶ୍ରୀ ଭାସ୍କର ମଢେଇ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବାଙ୍ଗରିପୋଷୀ ବିଧାୟକ ସୁଶ୍ରୀ ସଞ୍ଜଲୀ ମୁର୍ମୁଙ୍କ ସମେତ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲି ଯୋଗ ଦେଇଥିଲେ। ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାରେ ପୂର୍ତ୍ତ ବିଭାଗର ୨ଟି ଡିଭିଜନ ଯଥା ବାରିପଦା ଓ ରାଇରଙ୍ଗପୁର, ଏନ ଏଚ ଏବଂ ଏନ ଏଚ ଏ ଆଇ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଯଥା ରାସ୍ତା, ପୋଲ, ଗୃହ ନିର୍ମାଣ ଇତ୍ୟାଦି ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଯେଉଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ବା ସମ୍ପୂର୍ଣ୍ଣ ହେବାରେ ଯାହା ଯାହା ପ୍ରତିବନ୍ଧକ ଅଛି ସେ ସମ୍ପର୍କରେ ଆଲୋଚନା କରାଯାଇ ଏହାର କିପରି ସମାଧାନ ହେବ ସେ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଏଥି ସହିତ ଜିଲ୍ଲାରେ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଗୁଡିକ ସମ୍ପର୍କ ରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଯେଉଁ ଗ୍ରାମ୍ୟ ସଡ଼କ ଗୁଡିକ ପୂର୍ତ୍ତ ବିଭାଗ କୁ ହସ୍ତାନ୍ତର ହେବାକୁ ଅଛି, ତୁରନ୍ତ ତାହାର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ମାନ୍ୟବର ପରାମର୍ଶ ଦେଇଥିଲେ। ଜିଲ୍ଲାରେ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରିତାର ଅଗ୍ରଗତି ନେଇ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହ ଲୋକଙ୍କ ମୌଳିକ ଆବଶ୍ୟକତା ଗମନାଗମନର ସୁବିଧା ପାଇଁ ଦାୟିତ୍ୱର ସହିତ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଧାର୍ଯ୍ୟ ସମୟ ଅବଧି ଭିତରେ ସମ୍ପୂର୍ଣ୍ଣ କରାଇବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସଚିବ ଶ୍ରୀ ରାମ ଚନ୍ଦ୍ର ସୋରେନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରା ନନ୍ଦ ମଲ୍ଲିକ, ବାରିପଦା ଉପ ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ବାରିପଦା ପୂର୍ତ୍ତ ଡିଭିଜନ ର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ରୋହନ ରୟ, ରାଇରଙ୍ଗପୁର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ସୁମିତ କୁମାର ସାହୁ, ରାଇରଙ୍ଗପୁର ଡିଭିଜନର ଏସ ଡି ଓ ଶ୍ରୀ ଶ୍ୟାମ ସୁନ୍ଦର ହେମ୍ବ୍ରମ ଙ୍କ ସମେତ ଭଦ୍ରକ ପୂର୍ତ୍ତ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦେବୀ ପ୍ରସନ୍ନ ଘୋଷ ଏନ ଏଚ ର ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ପୃଷ୍ଟି, ପି ଡି ଏନ ଏଚ ଏ ଆଇ ର ପ୍ରତିନିଧିଙ୍କ ସମେତ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଆତଙ୍କ ବାଦ ବିରୁଦ୍ଧରେ ଭାରତୀୟ ସେନାବାହିନୀଙ୍କ ଅପରେସନ ସିନ୍ଦୁରର ସଫଳତା ପାଇଁ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ମାନ୍ୟବର ମନ୍ତ୍ରୀ ବୃନ୍ଦ, ସାଂସଦ ଓ ବିଧାୟକ ବୃନ୍ଦ ଯୋଗ ଦେଇଥିଲେ।

# ରାଗୁଡ଼ି ଗ୍ରାମର ଦୁଃଖ: ବିଦ୍ୟୁତ ଲାଇନ ଓ ଆମ୍ବୁଲାନ୍ସ ସେବାରୁ ବଂଚିତ ଥିବା ବେଳେ ରାସନ ପାଇଁ ୨୦ କିମି ଯିବାକୁ ପଡୁଛି



ଉଦଳା , ୧୭/୫ (ନି.ପ୍ର): ଦେଶ ସ୍ୱାଧିନ ହେବାର ଦିର୍ଘ ୭୫ ବର୍ଷରୁ ଉର୍ଦ୍ଧ ସମୟ ବିତିଗଲାଣି । ଖାଦ୍ୟରେ ଆମଦେଶ ଆତ୍ମ ନିର୍ଭରଶିଳ ବୋଲି ଘୋଷିତ ହୋଇଥିବା ବେଳେ ଚନ୍ଦ୍ର ପୃଷ୍ଠରେ ଯାନ ଅବତରଣ କରାଇ ସମଗ୍ର ବିଶ୍ୱରେ ଆମେ ଇତିହାସ ସୃଷ୍ଟି କରିସାରିଲୁଣି । ଅଥଚ ଆମ ରାଜ୍ୟ ଓଡ଼ିଶାରେ ଏପରି ଗ୍ରାମ ରହିଛି ଯେଉଁ ଗ୍ରାମର ଲୋକେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଲାଇନ ଦେଖି ନାହାଁନ୍ତି । ଯାତାୟତ ପାଇଁ ରାସ୍ତାର ଅବସ୍ଥା ଏପରି ଯେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଦରକାର ସମୟରେ ଏହି ଗ୍ରାମକୁ ଆସିପାରେ ନାହିଁ । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର ଘଟଣା ଏହି ଗ୍ରାମର ଅଧିକାଂଶ ବାସିନ୍ଦାଙ୍କର ଆଧାର କାର୍ଡ଼ ନାହିଁ । ଫଳରେ ଏଠାକାର ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାଏ । ଏବେ ପ୍ରଶ୍ନ ଉଠୁଛି ଏହି ଗ୍ରାମଟି କେଉଁଠାରେ ଅବସ୍ଥିତ । ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ପଂଚାୟତ ମଧ୍ୟରେ ଉକ୍ତ ଗ୍ରାମ 'ରାଗୁଡ଼ି' ଅବସ୍ଥିତ । ଜଙ୍ଗଲ ପାହାଡ଼ ଘେର ମଧ୍ୟରେ ଅବସ୍ଥିତ ଏହି ଗ୍ରାମରେ ଶୁଦ୍ଧ ପାନୀୟ ଜଳ ଲୋକଙ୍କ ପାଇଁ ସାତ ସପନ ପାଲଟିଛି । ମାତ୍ର ୮ ଗୋଟି ଆଦିବସି ପରିବାର ଏଠାରେ ବସବାସ କରି ଆସୁଥିବା ବେଳେ କେବଳ ଧାନ ଚାଷ ହିଁ ମୁଖ୍ୟ ରୋଜଗାର ଅଟେ । ଜିବିକା ସୁରକ୍ଷା ମଂଚ ନାମକ ଏକ ଲୋକ ସଂଗଠନର ସଦସ୍ୟ ଗଣ ଯଥା - ଅନିଲ, ସୁଧିର ଓ କୁନାକାନ୍ତ ନିକଟରେ ଉକ୍ତ ଗ୍ରାମ ପରିଦର୍ଶନରେ ଯାଇ ଏଠାକର ବାସ୍ତବ ଚିତ୍ର ଯାହା ଆଖିରେ ଦେଖିଛନ୍ତି ତାହା ଗଣମାଧ୍ୟମକୁ ଜଣାଇଛନ୍ତି । ସରକାରଙ୍କ ତରଫରୁ ପ୍ରତି ଗରିବ ପରିବାରକୁ ମୁଣ୍ଡପିଛା ଯେଉଁ ୫ କିଗ୍ରା ଚାଉଳ ଯୋଗାଇ ଦିଆଯାଉଛି ଏହା ପାଇବା ପାଇଁ ଏହି ଗ୍ରାମବାସି ମାନଙ୍କୁ ୨୦କିମି ରାସ୍ତା ପାଦରେ ଚାଲି ଚାଲି ଯିବାକୁ ପଡ଼ିଥାଏ । ଏହାହିଁ ଗ୍ରାମବାସୀଙ୍କର ସବୁଠାରୁ ବଡ଼ ଦୁଃଖ ବୋଲି ସେମାନେ ଜଣାଇଛନ୍ତି । ଆବାସ ଯୋଜନାରେ ଘର ପାଇବାରୁ ଏହି ଗ୍ରାମର ବହୁ ଲୋକ ବଂଚିତ ଥିବାର ଅଭିଯୋଗ ହୋଇଛି । ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷାରୁ ମଧ କିଛି ଲୋକ ବଂଚିତ ଥିବାର ଖବର ଆମର ହସ୍ତଗତ ହୋଇଛି । ରାଜ୍ୟ ସରକାର ଏହି ଗ୍ରାମର ସମସ୍ୟା ଗୁଡ଼ିକ ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଜିବିକା ସୁରକ୍ଷା ମଂଚ ତରଫରୁ ଦାବି ହୋଇଛି । ଜିବିକା ସୁରକ୍ଷା ମଂଚର ଏପରି ଏକ ଦାବିକୁ ସମର୍ଥନ ଜଣାଇ ମୟୂରଭଂଜ ରେ କାର୍ଯ୍ୟରତ ସଂଗଠନ ଜନଜାଗୃତି ମଂଚ ମଧ ସ୍ୱର ମେଳାଇଛି । ଏବାବଦରେ ମୟୂରଭଂଜ ମଂଚର ଟିମ ଲିଡ଼ର ଗଦାଧର ସୂଚନା ପ୍ରଦାନ କରିଛନ୍ତି ।

# ଇଣ୍ଡୋ-ନେପାଳ ସୀମାରୁ କାନାଡା ନାଗରିକ ଗିରଫ

ପୂର୍ବ ଚମ୍ପାରଣ, ୧୭/୫ : ଇଣ୍ଡୋ-ନେପାଳ ସୀମାରେ ସୁରକ୍ଷାରେ ମୁତୟନ ସଶସ୍ତ୍ର ସୀମା ବଳ ପୁଣି ଥରେ ଆଲର୍ଟର ପରିଚୟ ଦେଇ ଜଣେ କାନାଡା ନାଗରିକଙ୍କୁ ବେଆଇନ ଭାବେ ନେପାଳରୁ ଭାରତରେ ପ୍ରବେଶ କରିବା ସମୟରେ ମୈତ୍ରୀ ପୋଲରୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଯୁବକ ହରପ୍ରୀତ ସିଂହ , ଯିଏକି କାନାଡାର ନାଗରିକ ଓ ମୂଳତଃ ପଂଜାବର କପୂରଥଲା ଜିଲ୍ଲାର ପୂର୍ବତନ ନିବାସୀ। ଏସଏସବି ଟିମ୍ ତାଙ୍କୁ ଚେକିଂ ସମୟରେ ଗିରଫ କରିଛି , ଯେତେବେଳେ ସେ ବୈଧ ଭିସା ବିନା ନେପାଳରୁ ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ।

ନାମ ଲେଖା ଚାଲୁଅଛି

SAI SADHANA

ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର

୧ମରୁ ୧୦ମ. (ଓଡ଼ିଆ ମାଧ୍ୟମ)

ସାଇ ସାଧନା+୨ ସାଇନ୍ସ ଏବଂ ଆର୍ଟସ (ଉଦଳା)

ସାଇ ସାଧନା + ୩ ସାଇନ୍ସ

Hons : Phy., Chem., Math., Comp. Sc, Bot, Zool

ରେସିଡେନସିଆଲ / ଡେ ବୋଡ଼ିଂ

ସାଇସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

(+୨ ବିଜ୍ଞାନ ଓ କଳା)

Contact : 9437294587, 9438317887

# ଗୋରୁ ବୋଝେଇ ଟାଟାଏସି ଜବତ: ଦୁଇ ଗିରଫ

ନୀଳଗିରି, ୧୭/୫ (ନି.ପ୍ର): ନୀଳଗିରି ଥାନା ଅଧୀନ କଦମସାହି ଛକ ନିକଟରୁ ଏକ ଗୋରୁ ବୋଝେଇ ଟାଟାଏସିକୁ ଜବତ କରାଯାଇଛି।ସୂଚନା ମୁତାବକ ସଜନାଗଡ ଅଞ୍ଚଳରୁ ଦୁଇ ଜଣ ଗୋରୁ ବ୍ୟବସାୟୀ ବେଆଇନ ଭାବରେ ଦୁଇଟି ଗୋରୁକୁ ଟାଟାଏସି ଯାହାର ନଂ(ଓଡି-୦୧ଏଏ-୨୭୯୭) ରେ ଲଦି ଚୋରା ଚାଲଣ କରୁଥିଲେ।ନୀଳଗିରି ପୁଲିସ ଖବରପାଇ କଦମସାହି ନିକଟରୁ ଗୋରୁ ବୋଝେଇ ଟାଟାଏସିକୁ ଜବତ କରିବା ସହ ଯୋଗେନ୍ଦ୍ର ଦାସ,ବିଦ୍ୟାଧର ମଲ୍ଲିକ ଦୁଇଜଣ ଗୋରୁ ବ୍ୟବସାୟୀଙ୍କୁ ଗିରଫ କରିଥିଲା।ଘଟଣାରେ ଆଉ କିଏ କିଏ ସାମିଲ ଅଛନ୍ତି ସେନେଇ ନୀଳଗିରି ପୁଲିସ ୧୭୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ସଂପାଦିକା : ସୈରିନ୍ଧ୍ରୀ ସାହୁ
ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

Editor: Sairindhree Sahoo
Managing & Executive Editor : Srustidhar Parida